


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-45 •FRIDAY •8 AUGUST 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୪୫ •ଶୁକ୍ରବାର •୮ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## ଚାଷୀଙ୍କୁ ଶୋଷୁଛି ବୀମା କମ୍ପାନୀ

# ନେଉଛି ଅଧିକ; ଦେଉଛି କମ୍

**ପ୍ରିମିୟମ୍ ଦେୟ ତୁଳନାରେ କ୍ଷତିପୂରଣ ରାଶି ଯଥେଷ୍ଟ କମ୍**

**୯ ବର୍ଷରେ କମ୍ପାନୀ ନେଇଛନ୍ତି ୧୨ ହଜାର କୋଟିର ପ୍ରିମିୟମ୍**



■ **ଭୁବନେଶ୍ୱର,୭।୮ (ସମିସ):** ଫସଲବୀମା ପ୍ରିମିୟମ ବାବଦରେ କମ୍ପାନୀଗୁଡ଼ିକ ପ୍ରତିବର୍ଷ କୋଟି କୋଟି ଟଙ୍କା ନେଉଛନ୍ତି। ହେଲେ ଫସଲ କ୍ଷତି ଆଧାରରେ ଚାଷୀମାନଙ୍କୁ କ୍ଷତିପୂରଣ ଦେଉ ନାହାନ୍ତି। କ୍ଷତିପୂରଣ ଟଙ୍କା ପାଇବା ପାଇଁ ଚାଷୀଙ୍କୁ ଧାଇଁଧାଇଁ ଶେଷରେ ନିରାଶ ହେବାକୁ ପଡୁଛି ଓ ଯେଉଁମାନେ କ୍ଷତିପୂରଣର ଜଟିଳ ପ୍ରକ୍ରିୟାକୁ କୌଣସି ପ୍ରକାର ଶେଷ କରୁଛନ୍ତି, ସେମାନଙ୍କୁ ଯେତିକି ଅର୍ଥ ମିଳୁଛି ତାହା କ୍ଷତି ତୁଳନାରେ ଯଥେଷ୍ଟ କମ୍। ଏପରିକି କମ୍ପାନୀଗୁଡ଼ିକ ବୀମା ପ୍ରିମିୟମ ବାବଦରେ ଯେତିକି ଟଙ୍କା ନେଉଛନ୍ତି ତାହାର ଚାରିଭାଗରୁ ଭାଗେ ବି କ୍ଷତିପୂରଣ ମିଳୁନାହିଁ। ଯାହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ବଢୁଛି ଏବଂ ଫସଲବୀମାର କାର୍ଯ୍ୟକାରୀତା ଓ ଏହାର ସଫଳତାକୁ ନେଇ ସରକାରଙ୍କ ଶ୍ରେୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ୨୦୨୪ରେ ଗଞ୍ଜାମ ଜିଲ୍ଲାର ୧ଲକ୍ଷ ୪୫ ହଜାର ୭୧୬ଜଣ ଚାଷୀ ବୀମା କରିଥିଲେ। ଏହି ବାବଦରେ ଚାଷୀଙ୍କର ୭୬ କୋଟି ୩୪ ଲକ୍ଷ ୧ ହଜାର ପ୍ରିମିୟମ ଟଙ୍କା ବୀମା କମ୍ପାନୀ ପାଇଥିଲା। ମାତ୍ର ସେହିବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ଓ କ୍ଷତିପୂରଣ ପାଇବାକୁ ଲୋକେ କ୍ଲେମ୍ କରିଥିଲେ। ବୀମା କମ୍ପାନୀ ଫସଲ କ୍ଷତି ପାଇଁ ଚାଷୀଙ୍କୁ କ୍ଲେମ ଅନୁଯାୟୀ କ୍ଷତିପୂରଣ ସହାୟତା ଦେବା ତ ଦୂରର କଥା, ପ୍ରିମିୟମ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କାର ଯଥେଷ୍ଟ କମ୍ ଅର୍ଥାତ ମାତ୍ର ୧୦କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ସମୁଦ୍ରକୁ ଶଙ୍ଖେ ଟଙ୍କା ଦେଇ ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ସରକାର ଓ କମ୍ପାନୀର ମିଳିଭଗତରେ ▶ପୃଷ୍ଠା-୭

**ଏନ୍‌ଡିଏ ବୈଠକରେ ଉପରାଷ୍ଟ୍ରପତି ଚୟନ ନିଷ୍ପତ୍ତି**

# ମୋଦୀ, ନଡ୍ଡା ବାଛିବେ ପ୍ରାର୍ଥୀ

■ **ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ଆସନ୍ତା ସେପଟେମ୍ବର ୯ ତାରିଖରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ବିଜ୍ଞପ୍ତି ଜାରି କରିଛନ୍ତି। ଏହାସହିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଖାଲିପଡ଼ିଥିବା ଉପରାଷ୍ଟ୍ରପତି ପଦରେ କିଏ ବସିବ, ତାହାକୁ ନେଇ କସରତ ଆରମ୍ଭ ହୋଇଯାଇଛି। ସଂଖ୍ୟା ଦୃଷ୍ଟିରୁ କ୍ଷମତାସୀନ ଏନ୍‌ଡିଏ ଆଗୁଆ ଥିବାରୁ ଏହାର ପ୍ରାର୍ଥୀ ଉପରାଷ୍ଟ୍ରପତି ହେବା ପ୍ରାୟ ନିଶ୍ଚିତ। ଏନ୍‌ଡିଏ ପ୍ରାର୍ଥୀ ବାଛିବା ଲାଗି ମେଣ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେମାନେ ଯାହାକୁ ପ୍ରାର୍ଥୀ କରିବେ, ତାହାକୁ ଏନ୍‌ଡିଏ ଗ୍ରହଣ କରିବ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ନେତାମାନଙ୍କ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମିତ ଶାହ, ଜେପି ନଡ୍ଡା, ଲଲନ ସିଂହ, ଶ୍ରୀକାନ୍ତ ସିନ୍ଦେ, ଶ୍ରୀକୃଷ୍ଣା ଦେବରାୟାଲୁ ଏବଂ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ନିର୍ବାଚନ କମିସନ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯାଇପାରିବ। ୨୨ ତାରିଖରେ ପ୍ରାର୍ଥିପତ୍ରର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ▶ପୃଷ୍ଠା-୭

**ସରକାରୀ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର**

# ୩୭ ପ୍ରତିଶତ ଡାକ୍ତର ପଦ ଖାଲି

**୫୫% ବିଶେଷଜ୍ଞ ଡାକ୍ତର ନାହାନ୍ତି**

■ **ଭୁବନେଶ୍ୱର, ୭।୮ (ସମିସ):** ଦୁଇ ଦିନ ତଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟି ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି। ମାତ୍ର ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିଲେ ବି ସେଥିପ୍ରତି ମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନାହାନ୍ତି। ଫଳସ୍ୱରୂପ ସାମାନ୍ୟତମ ସ୍ୱାସ୍ଥ୍ୟ ସମସ୍ୟା ହେଲେ ବି ରୋଗୀମାନେ ବାଧ୍ୟହୋଇ ଭୁବନେଶ୍ୱର, କଟକ ଆଦି ସହରକୁ ଦୌଡୁଛନ୍ତି। କିଛି ରୋଗୀ 'ଗୋପବନ୍ଧୁ' ଓ 'ଆୟୁଷ୍ମାନ' ଯୋଜନାରେ ସହାୟତା ପାଉଥିବାବେଳେ ଆଉ କିଛି ରୋଗୀ ଘରୋଇ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏମିତିକି 'ଆୟୁଷ୍ମାନ' କାର୍ଡରେ ମାତ୍ରାଧିକ ସମସ୍ୟା ହେତୁ ଲୋକମାନେ ନିଜର ଜମିବାଡ଼ି ବିକ୍ରି କରି ଘରୋଇ ▶ପୃଷ୍ଠା-୭


**୮୮ ଲକ୍ଷ ଠକେଇ ଘଟଣା**

# ବ୍ୟାଙ୍କ କର୍ମଚାରୀ ସାଇବର୍ ଠକ

■ **ସମ୍ବଲପୁର, ୭।୮ (ସମିସ):** ନିବେଶ ଆଳରେ ୮୮ଲକ୍ଷ ଟଙ୍କା ସାଇବର୍ ଠକେଇ ଘଟଣାରେ ଅଇଁଠାପାଲି ପୁଲିସ୍ ଆଜି ଭୁବନେଶ୍ୱରରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ, ସୁଧାଂଶୁ ଶେଖର ସୁବୁଦ୍ଧି(୩୨)। ଏହାକୁ ମିଶାଇ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୫କୁ ▶ପୃଷ୍ଠା-୭

**ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମାହୁତି ଘଟଣାରେ ନବୀନଙ୍କ କ୍ଷୋଭ**

# ଆଉ କେତେ ଚିତା ଜଳିଲେ ଜାଗିବେ ରାଜ୍ୟ ସରକାର ?



■ **ଭୁବନେଶ୍ୱର, ୭।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ଜଣେ + ୩ ଛାତ୍ରୀ ଆତ୍ମାହୁତି କରିବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଥିବା ବେଳେ ଏହାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେ ଚିତା ଜଳିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଅତ୍ୟାଚାର, ଅପରାଧ ସାମ୍ନାକୁ ଆସୁଥିବା ବେଳେ ଆତ୍ମାହୁତି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି ସ୍ୱର୍ଶକାତର, ସମ୍ବେଦନଶୀଳ ଘଟଣା ରୋକିବାରେ ▶ପୃଷ୍ଠା-୭



### ଅହମଦାବାଦ ବିମାନ ଦୁର୍ଘଟଣା

## ୬୦ ପୀଡିତ ପରିବାର ଆମେରିକା କୋର୍ଟ ଯିବେ

ଅହମଦାବାଦ, ୭।୮(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ମୃତକଙ୍କ ୬୦ ପରିବାର ବୋଇଂ କମ୍ପାନୀ ବିରୋଧରେ କୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବିମାନର ନିର୍ମାତା କମ୍ପାନୀ ବୋଇଂ ବିରୋଧରେ ଆମେରିକାର କୋର୍ଟରେ ମକଦ୍ଦମା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଥିପାଇଁ ସେମାନେ ଆମେରିକାର ଜଣାଶୁଣା ଓକିଲ ତଥା ଆଇନ ବିଶେଷଜ୍ଞ ମାଇକ ଆଣ୍ଡ୍ର୍ୟୁଜଙ୍କ ସହ ନିୟୋଜିତ କରିଛନ୍ତି। ଦୁର୍ଘଟଣା ଯାଞ୍ଚ ନେଇ ଏହି ପୀଡିତ ପରିବାରଗୁଡିକ ପ୍ରଶ୍ନ ଉଠାଇଛନ୍ତି। ବିମାନ କକ୍‌ପିଟ୍‌ର ଭଏସ ରେକର୍ଡର ଓ ଫ୍ଲାଇଟ୍ ଡାଟା ରେକର୍ଡର ତଥ୍ୟ ଦେବାକୁ ପୀଡିତ ପରିବାରଗୁଡିକ ଦାବି କରିଛନ୍ତି। ଏହା ଦ୍ୱାରା ସ୍ୱାଧୀନ ଭାବେ ସ୍ୱତନ୍ତ୍ର ଯାଞ୍ଚ କରିହେବ ବୋଲି ପରିବାର ତରଫରୁ କୁହାଯାଇଛି। ଆଣ୍ଡ୍ର୍ୟୁଜ ଗମ୍ଭୀର ଭାବେ ଆହତ ଓ ଅପ୍ରାକୃତ ମୃତ୍ୟୁବରଣ କରିଥିବା ମାମଲାରେ ବିଶେଷଜ୍ଞ ଭାବେ ଜଣାଶୁଣା। ଏହାପୂର୍ବରୁ ସେ କେତୋଟି ଟ୍ରକ୍ ଓ କାର ନିର୍ମାତା କମ୍ପାନୀ ବିରୋଧରେ କେସ ଲଢି ସାରିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୨ରେ ଅପରାହ୍ଣ ୧.୩୮ରେ ଅହମଦାବାଦ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବାର କିଛି ସେକେଣ୍ଡ ପରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବିମାନ ଯାତ୍ରୀ, କ୍ରୁ ମେମ୍ବରଙ୍କ ସମେତ ଏଥିରେ ମୋଟ୍ ୨୭୦ଜଣ ମୃତ୍ୟୁବରଣ କରିଥିଲେ। ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ଏଥିରେ ମୃତ୍ୟୁବରଣ କରିଥିଲେ।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ପନ୍ନୁର ହତ୍ୟା ଧମକ

ଅମୃତସର, ୭।୮(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ହତ୍ୟା ଧମକ ମିଳିଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କୀ ସଂଗଠନ 'ଶିଖ ଫର ଜଷ୍ଟିସ୍' (ଏସ୍‌ଏଫ୍‌ଜେ) ମୁଖ୍ୟ ଗୁରପତବନ୍ତ ସିଂହ ପନ୍ନୁ ଏହି ହତ୍ୟା ଧମକ ଦେଇଛି। ଏ ନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ଜାରି କରିଛି। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଗବନ୍ତ ମାନ ନିଶାଣରେ ରହିବେ ବୋଲି ସେ ଧମକ ଦେଇଛି। ସ୍ୱାଧୀନତା ଦିବସରେ ଭଗବନ୍ତ ତ୍ରିରଙ୍ଗା ଉଡାଇବାକୁ ଆମେ ବିରୋଧ କରୁଛୁ ବୋଲି ସେ ଭିଡିଓରେ କହିଛି। ସେ ଲ୍ୟାଣ୍ଡ ପୁଲିଂ ପଲିସିକୁ ନେଇ ଲୋକଙ୍କୁ ଉସ୍‌କାଇବାକୁ ମଧ୍ୟ ପ୍ରୟାସ କରିଛି। ସେହିପରି ସେ ଅମୃତସର ବସଷ୍ଟାଣ୍ଡ ନିକଟସ୍ଥ ମନ୍ଦିର, କୋର୍ଟ ପରିସର ଓ ଖାଲସା କଲେଜର ଦିଆଲିରେ 'ଖଲିସ୍ତାନୀ ଏସ୍‌ଏଫ୍‌ଜେ ରେଫରେଣ୍ଡମ ଓ ଭଗବନ୍ତ ମାନ ମୁର୍ଦ୍ଦାବାଦ'ର ସ୍ଲୋଗାନ ଲେଖାଇଛି ବୋଲି ସେ ଦାବି କରିଛି। ପନ୍ନୁ ଭାରତର ସ୍ୱାଧୀନତା ଦିବସକୁ ବିରୋଧ କରୁଛି। ତେଣୁ ସେ ଏହାକୁ ପାଳନ କରିବାକୁ ମଧ୍ୟ ଖୋଲାଖୋଲି ଭାବେ ବିରୋଧ କରୁଛି ବୋଲି ଭିଡିଓରେ କହିଛି।

## ପ୍ରୟାଗରାଜରେ ଏନ୍‌କାଉଣ୍ଟର; ଗ୍ୟାଙ୍ଗଷ୍ଟର ନିହତ

ଲକ୍ଷ୍ନୌ, ୭।୮(ଏଜେନ୍ସି): ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ସ୍ପେଶିଆଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଝାଡଖଣ୍ଡର କୁଖ୍ୟାତ ଗ୍ୟାଙ୍ଗଷ୍ଟର ଛୋଟୁ ଧନବାଦିଆ ଉର୍ଫ ଆଶିଷ ରଞ୍ଜନକୁ ଏନ୍‌କାଉଣ୍ଟର କରିଛି। ଆଶିଷ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସର୍ଭିଲାନ୍ସ ଜରିଆରେ ତା'ର ଲୋକେସନକୁ ଟ୍ରେସ୍ କରାଯାଇଥିଲା। ସ୍ଥାନୀୟ ଶଙ୍କରଗଡ଼ ସ୍ଥିତ ଶିବରାଜ ଛକରେ ତାଙ୍କୁ ଏସ୍‌ଟିଏଫ୍ ଘେରାଉ କରିଥିଲା। ସେ ବାଇକ୍‌ରେ ଯାଉଥିବା ବେଳେ ତା'ର ପିଛା କରାଯାଇଥିଲା। କିନ୍ତୁ କିଛି ବାଟ ଯାଇ ସେ ଏକେ-୪୭ରେ ଆଖିବୁଜା ଗୁଳି ଚଳାଇଥିଲା। ଏସ୍‌ଟିଏଫ୍‌ର ପାଲଟା ଗୁଳିରେ ସେ ଆହତ ହୋଇଥିଲା। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ୧୦ ମିନିଟର ଏହି ଏନ୍‌କାଉଣ୍ଟରରେ ୪୬ ରାଉଣ୍ଡ ଫାୟାରିଂ ହୋଇଥିଲା। ତାଠାରୁ ଏକେ-୪୭ ଓ ୯ ଏମ୍‌ଏମ୍‌ର ଗୁଳି ଜବତ କରାଯାଇଛି।

## ଖାଇକୁ ଖସିଲା ସିଆରପିଏଫ୍ ଗାଡ଼ି: ୩ ଯବାନ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜମ୍ମୁ- କଶ୍ମୀରର ଉର୍ଦ୍ଧ୍ୱମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଗୁରୁବାର ସକାଳ ୧୦.୩୦ରେ ସିଆରପିଏଫ୍‌ର ଏକ ଗାଡ଼ି ୨୦୦ ଫୁଟ ଗଭୀର ଖାଇରେ ଖସିପଡ଼ିଛି। ଏହି ଦୁର୍ଘଟଣା ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ଥିତି ଗମ୍ଭୀର ରହିଛି ବୋଲି ସ୍ଥାନୀୟ ପ୍ରଶାସନ ତରଫରୁ କୁହାଯାଇଛି। ଯବାନମାନଙ୍କୁ ନେଇ ଏହି ଗାଡି ଆସୁଥିଲା। ତେବେ ନିୟନ୍ତ୍ରଣ ହରାଇ ଗାଡି ଖାଇକୁ ଖସିଥିଲା ବୋଲି ସିଆରପିଏଫ୍ ଅଧିକାରୀମାନେ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଥାଉ କି, ପୂର୍ବରୁ ଜୁଲାଇ ୧୬ରେ ଲଦାଖରେ ଏକ ମିନି ବସ ଖାଇରେ ଖସି ପଡ଼ିବା ଫଳରେ ୨ ଜଣଙ୍କ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଗମ୍ଭୀର ଭାବେ ଆହତ ହୋଇଥିଲେ।

## ୫ ସାଥୀଙ୍କୁ ଗୁଳି ମାରିଲେ ଯବାନ

ୱାସିଂଟନ, ୭।୮(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟର ଫର୍ଟ ଷ୍ଟିୱାର୍ଟସ୍ଥିତ ସେନା କ୍ୟାମ୍ପରେ ଜଣେ ସୈନିକ ନିଜ ପର୍ସନାଲ ହ୍ୟାଣ୍ଡଗନ୍‌ରେ ନିଜର ସାଥି ସୈନିକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିମାଡ କରିଥିଲେ। ଆକ୍ରମଣକାରୀ ସୈନିକଙ୍କ ନାମ କ୍ୱୋରୋନେଲିଅସ ରାଡଫର୍ଡ ବୋଲି ଜଣାଯାଇଛି। ଏହି ଘଟଣାରେ ୫ ଜଣ ସୈନିକ ଆହତ ହୋଇଛନ୍ତି। ଆଟଲାଣ୍ଟର ଦକ୍ଷିଣପୂର୍ବ ଦିଗରେ ଫର୍ଟ ଷ୍ଟିୱାର୍ଟ ୩୮୬ କିମି ଦୂରରେ ଅବସ୍ଥିତ। ଭାରତୀୟ ସମୟ ଅନୁସାରେ ବୁଧବାର ରାତି ୮.୨୬ରେ ଏହି ଘଟଣା ଘଟିଥିଲା। ଆକ୍ରମଣ କରିବା ମାତ୍ରେହିଁ ରାଡଫର୍ଡଙ୍କୁ ଅନ୍ୟ ସୈନିକମାନେ କାବୁ କରି ନେଇଥିଲେ। ଆହତ ସୈନିକଙ୍କୁ କମ୍ୟୁନିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ନିର୍ବାଚନ କମିସନଙ୍କ ବିରୋଧରେ ରାହୁଲଙ୍କ 'ଭୋଟ ଚୋରି' ଅଭିଯୋଗ

# କର୍ଣ୍ଣାଟକରେ ଭୟଙ୍କର ଜାଲିଆତି

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜାଲ ଭୋଟର, ଜାଲ ଠିକଣା, ଜାଲ୍ ଫଟୋ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର। ନିର୍ବାଚନ କମିସନ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ବିଜେପିକୁ ଜିତାଇବା ଲାଗି କମିସନ ବଡ଼ ଧରଣର ଜାଲିଆତି କରିଛନ୍ତି। କର୍ଣ୍ଣାଟକରେ ଏକ ଲୋକସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ଏକ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷ ଭୋଟ୍ ଚୋରି କରାଯାଇଛି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ଜିତାଇବା ଲାଗି ଭୋଟର ତାଲିକାରେ ହଜାର ହଜାର ଜାଲ ଭୋଟରଙ୍କୁ ସାମିଲ କରାଯାଇଛି। କର୍ଣ୍ଣାଟକର କେନ୍ଦ୍ରୀୟ ବାଙ୍ଗାଲୋର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ୬ ଲକ୍ଷ ୫୦ ହଜାର ଭୋଟର ଥିବା ବେଳେ ଏକ ଲକ୍ଷରୁ ଅଧିକ ଭୋଟ୍ ଜାଲିଆତି ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ଏହି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଗଣତି ବେଳେ ପ୍ରାୟ ସବୁସ୍ଥାନରେ ଆଗୁଆ ଥିବା ବେଳେ ଫଳାଫଳ ଘୋଷଣା ବେଳେ ବିଜେପି ପ୍ରାର୍ଥୀଙ୍କୁ ୩୨ ହାର ୭୦୭ ଭୋଟରେ ବିଜୟୀ ଘୋଷଣା କରାଗଲା। କଂଗ୍ରେସ ପ୍ରାର୍ଥୀ ୬,୨୬,୨୦୮ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୬,୫୮,୯୧୫ ଭୋଟ୍ ପାଇଥିଲେ। ଏହାର ରହସ୍ୟ ଜାଣିବା ଲାଗି କଂଗ୍ରେସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ଅନୁସନ୍ଧାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଏହି ଲୋକସଭା ଆସନର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ବେଳେ ମହାଦେବପୁରା ବିଧାନସଭା ଆସନରେ ବହୁତ ପଛରେ ରହିଥିଲେ। ଏହି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୧ ଲକ୍ଷ ୧୪ ହଜାର ଭୋଟରେ ହାରିଯାଇଥିଲେ। ରାହୁଲ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଭୋଟ ଜାଲିଆତି ହୋଇଛି।



**ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷ ଭୋଟରଙ୍କୁ ନେଇ ଉଠାଇଲେ ପ୍ରଶ୍ନ**

**ଅଭିଯୋଗକୁ ଖଣ୍ଡନ କଲେ ନିର୍ବାଚନ କମିସନ**

**ସତ୍ୟପାଠ ଜରିଆରେ ତଥ୍ୟ ପ୍ରମାଣ ଦିଅ**

ଏଠାରେ ୧୧ ହଜାର ୯୬୫ ଡୁପ୍ଲିକେଟ୍ ଭୋଟର ଅଛନ୍ତି। ୪୦ ହଜାର ୯ ଜଣ ଏମିତି ଭୋଟର ଅଛନ୍ତି, ଯାହାର ଠିକଣା ଠିକ୍ ନାହିଁ। ଗୋଟିଏ ଗୋଟିଏ ଠିକଣାରେ ୧୦ ହଜାର ୪୫୨ ଭୋଟରଙ୍କର ନାମ ରହିଛି। ପୁଣି ୪୧୩୨ ଏମିତି ଭୋଟର ରହିଛନ୍ତି ଯେଉଁମାନଙ୍କର ଫଟୋ ଇନ୍‌ଭାଲିଡ୍ ରହିଛି। ଏହାସହିତ ଫର୍ମ-୬ର ଅପବ୍ୟବହାର କରାଯାଇ ୩୩ ହଜାର ୬୯୨ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି।

ରାହୁଲ ଗାନ୍ଧୀ କହିଲେ ଯେ ତାଙ୍କ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କୁ ଏସଂପର୍କରେ ତଥ୍ୟ ମଗାଯାଇଥିଲା। କିନ୍ତୁ କମିସନ ଭୋଟର ତାଲିକା ଇଲେକଟ୍ରୋନିକ ଫର୍ମାଟରେ ନଦେଇ କାଗଜରେ ଦେଇଛନ୍ତି। ଏହି କାଗଜ ତାଲିକାର ଉଚ୍ଚତା ହେଉଛି ୭ ଫୁଟ୍। ଇଲେକଟ୍ରୋନିକ ଫର୍ମାଟରେ ଦେଇଥିଲେ ଜାଲିଆତି ୩୦ ସେକଣ୍ଡରେ ଧରାପଡ଼ି ଯାଇଥାନ୍ତା। କିନ୍ତୁ ବିଭ୍ରାନ୍ତ କରିବା ଲାଗି କାଗଜ ଫର୍ମାଟରେ ଦିଆଯାଇଛି। କାଗଜ ତଥ୍ୟରେ ଜାଲିଆତି ଧରିବା ଏକ କଷ୍ଟସାଧ୍ୟ ବ୍ୟାପାର। ଭୋଟର ତଥ୍ୟ ଯାଞ୍ଚ କରାଇନଦେବା ଲାଗି ରାଜନୈତିକ ଦଳଙ୍କୁ ଏଭଳି କାଗଜରେ ତଥ୍ୟ ଦେଉଛନ୍ତି କମିସନ। ତଥାପି ଏହି କାଗଜ ତଥ୍ୟକୁ ନେଇ ଯାଞ୍ଚ କରିବା ଲାଗି କଂଗ୍ରେସ ଟିମ୍‌କୁ ୬ ମାସ ଲାଗିଗଲା ବୋଲି ରାହୁଲ କହିଛନ୍ତି।

୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା। ବିଜେପି (୨୪୦) ନିଜ ଦମରେ ସରକାର ଗଠନ କରିପାରି ନଥିଲା। ସରକାର ପାଇଁ ଅନ୍ୟ ଦଳଙ୍କର ସହାୟତା ।ନେଇଥିଲା। କିନ୍ତୁ ଏହାପରେ ହରିଆଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିକୁ ଅପ୍ରତ୍ୟାଶିତ ସଫଳତା ମିଳିଥିଲା। ଏହା କେବଳ ରାଜନୈତିକ ଦଳଙ୍କୁ ନୁହେଁ, ଏକଜିଟ୍ ପୋଲ୍ ସଂସ୍ଥାମାନଙ୍କୁ ମଧ୍ୟ ବିସ୍ମିତ କରିଥିଲା। ଏହାକୁ ନେଇ ସନ୍ଦେହ ବଢ଼ିବାରୁ କଂଗ୍ରେସ ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଭୋଟର ତାଲିକାରେ ଜାଲ ଭୋଟରଙ୍କୁ ସାମିଲ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

ତେବେ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କର୍ଣ୍ଣାଟକ ନିର୍ବାଚନ କମିସନ କହିଛନ୍ତି ଯେ କଂଗ୍ରେସ ନେତା ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରମାଣ ଦାଲଖ କରନ୍ତୁ। ସଂସ୍ଥା ବିରୋଧରେ ଦେଶବାସୀଙ୍କୁ ବିଭ୍ରାନ୍ତ ନକରିବା ଲାଗି ରାହୁଲଙ୍କୁ କମିସନ କହିଛନ୍ତି।

## ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାସଭବନରୁ ନଗଦ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଆବେଦନକୁ ଆଜ ଖାରଜ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ମାମଲାରେ ଜଷ୍ଟିସ ବର୍ମା ତାଙ୍କ ବିରୋଧରେ କୋର୍ଟ ଯାଞ୍ଚ କମିଟି ଦେଇଥିବା ରିପୋର୍ଟକୁ ଚ୍ୟାଲେଞ୍ଜ କରି ପିଟିସନ ଦାୟର କରିଥି।ଲେ। କିନ୍ତୁ ସ।ର୍ବୋଚ୍ଚ ଅଦାଲତ ଏହି ପିଟିସନକୁ ଖାରଜ କରି।ଦେଇଛନ୍ତି। ଫଳ।ରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଚାଲୁ ରହିବ ବୋଲି ସ୍ପଷ୍ଟ ହୋଇଯାଇଛି।

ଜଷ୍ଟିସ ବର୍ମା ତାଙ୍କ ବାସଭବନରେ ଅଧାଜଳା ନଗଦ ଟଙ୍କା ଜବତ ମାମଲାରେ ଇନ୍ ହାଉସ୍ କମିଟିର ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଏହି ରିପୋର୍ଟରେ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି ଉଲ୍ଲେଖ କରାଯାଇଥିଲା। ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ ହେବା ପରେ ଏବେ ଦୁଇଟି ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମଟି ହେଲା ସେ ଇସ୍ତଫା ଦେବେ। ଯଦି ଏହା ହୁଏ, ତେବେ ସେ ମହାଭିଯୋଗକୁ ସାମ୍ନା କରିବାରୁ ବର୍ତ୍ତିଯିବେ ଓ ଅବସରପ୍ରାପ୍ତ ବିଚାରପତି ଭାବେ ସେ ପେନ୍‌ସନ ପାଇବେ। କିନ୍ତୁ ଯଦି ମହାଭିଯୋଗ ଜରିଆରେ ତାଙ୍କୁ ପଦରୁ ହଟା ଯାଏ ତେବେ ସେ ପେନସନ ସହିତ ଅନ୍ୟସବୁ ସୁବିଧାରୁ ବଞ୍ଚିତ ହେବେ। କିନ୍ତୁ ସେ ଇସ୍ତଫା ଦେବେ ନାହିଁ ବୋଲି ବହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

ସେପଟେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦର ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଚଳିତ ଅଧିବେଶନରେ ଲୋକସଭାର ୧୫୨ ସାଂସଦ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ।

## ଉତ୍ତରାଖଣ୍ଡ ବିପତ୍ତି: ୧୭୪ ଉଦ୍ଧାର, ୫୯ ନିଖୋଜ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୂପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଗୁଜରାଟର ୧୩୧ ଓ ମହାରାଷ୍ଟ୍ରର ୧୨୩ ସାମିଲ ରହିଛନ୍ତି। ଏମାନେ ଗଙ୍ଗୋତ୍ରୀ ଓ ଅନ୍ୟ ଅଞ୍ଚଳରେ ଫସି ରହିଥିଲେ। ସେହିପରି ୯ ଯବାନ ଓ ୫୦ ନାଗରିକ ସମେତ ୫୯ ଜଣ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି। ଭାରତୀୟ ସେନାର ଚିନୁକ ହେଲିକପ୍ଟରକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏୟାର ଲିଫ୍ଟିଂ ପାଇଁ ଅର୍ଦ୍ଧସୈନିକ ବଳର ଯବାନମାନଙ୍କୁ ଓ ଏକାଧିକ ମେଡିକାଲ ଟିମ୍‌ଗୁଡିକୁ ନିୟୋଜିତ କରାଯାଇଛି। ରୁଷିଆ ନିର୍ମିତ ଏମ୍‌ଆଇ-୧୭ ହେଲିକପ୍ଟରକୁ ମଧ୍ୟ ବ୍ୟବହାର କରାଯାଉଛି। ଆଇଟିବିପି ଏହି ହେଲିକପ୍ଟର ସଞ୍ଚାଳନ କରୁଛି। ଗୁରୁବାର ସକାଳ ୧୦ଟା ସୁଦ୍ଧା ପ୍ରଭାବିତ ଅଞ୍ଚଳଗୁଡିକରୁ ୬୧ ଜଣ ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଣଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ହସ୍ପିଟାଲକୁ ହଲିକପ୍ଟର ମାଧ୍ୟମରେ ନିଆଯାଇଥିଲା। ଭୂସ୍ଖଳନ ଯୋଗୁଁ ଜିଲ୍ଲାର ବିଭିନ୍ନ ମୁଖ୍ୟ ସଡକ ବନ୍ଦ ହୋଇଛି। ବୁଧବାର ଧରାଲୀରୁ ୧୯୦ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମାତିଲ ହେଲିପ୍ୟାଡ୍ ବୁଲି ଦେଖିଛନ୍ତି ଓ ଏୟାରଲିଫ୍ଟ ହୋଇଥିବା ଲୋକଙ୍କୁ ଭେଟିଛନ୍ତି। ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସାହଯ୍ୟ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ପାର୍ବତ୍ୟାଞ୍ଚଳରେ ମାଟି କିମ୍ବା କାଦୁଅ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଚାଲୁ ରହିଛି। କେତେକାଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ସକ୍ଷମ ହୋଇନାହାନ୍ତି। ହର୍ଶୀଲ ଉପତ୍ୟାକାକୁ ମଧ୍ୟ ଯିବା ସମ୍ଭବ ହୋଇପାରିନାହିଁ। ୧୦୦ମି ଲମ୍ବ ଲୁହା ନିର୍ମିତ ପୋଲ ଭୁଶୁଡିବା ଫଳରେ ଏହି ସ୍ଥାନ ଏପର୍ଯ୍ୟନ୍ତ ଅପହଞ୍ଚ ରହିଛି।

## ୟୁପିରେ ୩୬୦ ଘର ଭୁଶୁଡିଛି, ୨ ଦିନରେ ୧୬ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶିମଲା ଜିଲ୍ଲାରେ ବୁଧବାର ରାତି ୧୦.୧୫ରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ନାଗୋଲି ନଦୀରେ ଭୟଙ୍କର ବନ୍ୟା ଆସିଛି। ବୁଧବାର ମଣ୍ଡିର ଦବାଡାରେ ଚଣ୍ଡିଗଡ଼- ମାନାଲୀ ଫୋରଲେନ୍ ଫ୍ଲାଇଓଭରରେ ଭୂସ୍ଖଳନ କାରଣରୁ ଫାଟ ସୃଷ୍ଟି ହୋଇଛି। ଫଳରେ ମଣ୍ଡି- ମନାଲୀ, ଚଣ୍ଡିଗଡ଼- ସମ୍ଲା ଫୋରଲେନ୍ ସମେତ ୫୩୩ ସଡକ ବନ୍ଦ ହୋଇଛି। ସେପଟେ ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ପ୍ରାୟସବୁ ନଦୀରେ ବନ୍ୟା ଆସିଛି। ପ୍ରୟାଗରାଜ, ବାରଣାସୀ ସମେତ ୨୪ ଜିଲ୍ଲାରେ ୧, ୨୪୫ ଗାଁ ବନ୍ୟା ଘେରରେ ରହିଛି। ବର୍ଷା କାରଣରୁ ୟୁପିରେ ୩୬୦ ଘର ଭୁଶୁଡିଛି। ଗତ ଦୁଇଦିନରେ ହୋଇଥିବା ବର୍ଷା ଯୋଗୁଁ ୧୬ ଲୋକଙ୍କ ମୃତ୍ୟୁ ହୋଇଛି। ବିହାରର ଗଙ୍ଗା ଓ ସୋନ ନଦୀରେ ମଧ୍ୟ ବନ୍ୟା ଆସିଛି। ବିହାର ଓ ଝାଡଖଣ୍ଡ ସମେତ ୧୨ଟି ରାଜ୍ୟରେ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ହିମାଚଳ ସମେତ ୧୧ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।

## ପୁଣି ଆମେରିକା ଯିବେ ପାକ୍ ସେନାମୁଖ୍ୟ ଅସିମ ମୁନୀର୍

କରାଚୀ, ୭।୮(ଏଜେନ୍ସି): ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନୀର ଚଳିତ ସପ୍ତାହ ପୁଣି ଆମେରିକା ଗସ୍ତରେ ଯିବେ। ସେ ସିଇଏନ୍‌ଟିସିଓଏମ୍ (ସେଣ୍ଟ୍ରାଲ କମାଣ୍ଡ)ର ନୂଆ ମୁଖ୍ୟଙ୍କ ନିଯୁକ୍ତି ସମାରୋହରେ ଯୋଗ ଦେବେ। ଫଳରେ ଦୁଇମାସ ମଧ୍ୟରେ ସେ ଦ୍ୱିତୀୟଥର ପାଇଁ ଆମେରିକା ଗସ୍ତ କରିବେ। ପୂର୍ବରୁ ସେ ଜୁନ୍ ୧୪ରେ ଆମେରିକା ଗସ୍ତରେ ଯାଇଥିଲେ। ସେ ମଧ୍ୟ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦୁଇଘଣ୍ଟା ଲଞ୍ଚ୍ ମିଟିଂରେ ସାମିଲ ହୋଇଥିଲେ। ବନ୍ଦ କୋଠାରୀରେ ଏହି ବୈଠକ ବସିଥିଲା। ପ୍ରଥମଥର ପାଇଁ କୌଣସି ଆମେରିକାର ରାଷ୍ଟ୍ରପତି ସେତେବେଳେ ପାକିସ୍ତାନ ସେନାମୁଖ୍ୟଙ୍କ ସହ ବୈଠକରେ ମିଳିତ ହୋଇଥିଲେ। ମୁନୀର ସେତେବେଳେ ଭାରତ ସହିତ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ। କେବଳ ସେତିକି ନୁହଁ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ସେ ପ୍ରସ୍ତାବ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ।

## ଆୟର୍ଲାଣ୍ଡରେ ଭାରତୀୟ ବାଳିକାକୁ ଚୁଟି ଟାଣି ମାରିଲେ

ଡବ୍ଲିନ୍, ୭।୮(ଏଜେନ୍ସି): ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ ପରେ ଏବେ ଆୟର୍ଲାଣ୍ଡରେ ମଧ୍ୟ ଭାରତୀୟ ନାଗରିକମାନେ ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହେଉଛନ୍ତି। ଏହି ୟୁରୋପୀୟ ଦେଶରେ ଜଣେ ୬ ବର୍ଷର ଭାରତୀୟ ବାଳିକା ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହୋଇଛନ୍ତି। ଏହି ଭାରତୀୟ ବାଳିକା ହେଉଛନ୍ତି ନିଆ ନବୀନ। ନିଆଙ୍କ ପରିବାର କେରଳର କୋଟ୍ଟାୟାମରୁ ଯାଇ ଆୟର୍ଲାଣ୍ଡରେ ରହୁଛନ୍ତି। ଆୟର୍ଲାଣ୍ଡର ଦକ୍ଷିଣ ପୂର୍ବରେ ଥିବା ୱାଟରଫର୍ଡ ସିଟିରେ ନିଆ ତାଙ୍କ ଘର ବାହାରେ ଖେଳୁଥିଲେ। ଏତିକି ବେଳେ ୧୨ରୁ ୧୪ ବର୍ଷର କେତେଜଣ ପିଲା ଆସି ନିଆଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଅସନା ଓ ଭାରତ ଫେରିଯାଅ ବୋଲି କହିଥିଲେ। ସେମାନେ ନିଆଙ୍କ ମୁହଁକୁ ମୁଥ ମାରିବା ସହ ସାଇକେଲରେ ଆଘାତ ଦେଇଥିଲେ। ପୁଣି ପିଲାମାନେ ତାଙ୍କ ବେକକୁ ଧକ୍କା ମାରିବା ସହ ଚୁଟି ମଧ୍ୟ ଟାଣିଥିଲେ ଥିଲେ ବୋଲି ତାଙ୍କ ମା ଅନୁପା ଅଚୁଥାନ 'ଆଇରିଶ ମିରର'କୁ କହିଛନ୍ତି। ଜଣେ ନର୍ସ ଭାବେ ଅନୁପା ୮ ବର୍ଷ ହେବ ସ୍ୱାମୀଙ୍କ ସହ ଆୟର୍ଲାଣ୍ଡରେ ରହୁଛନ୍ତି। ନିକଟରେ ତାଙ୍କୁ ଆୟର୍ଲାଣ୍ଡର ନାଗରିକତା ମିଳିଛି। ଗତ ସୋମବାର ଏହି ଘଟଣା ଘଟିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା ବୋଲି ସେ କହିଛନ୍ତି। ଏହି ପିଲାମାନେ ଅନୁପାଙ୍କୁ ମଧ୍ୟ ପରିହାଶ କରିଥିଲେ। ଅବଶ୍ୟ ଆୟର୍ଲାଣ୍ଡରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି। ଏହି ଘଟଣା ପରେ ଡବ୍ଲିନସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛି।

## ବର୍ଷ ଶେଷରେ ଭାରତ ଆସିବେ ପୁଟିନ



ନୂଆଦିଲ୍ଲୀ/ ମସ୍କୋ, ୭।୮(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବେ। ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ ଏହି ସୂଚନା ଦେଇଛନ୍ତି ବୋଲି ରୁଷିଆ ନ୍ୟୁଜ୍ ଏଜେନ୍ସି ତାସ ତରଫରୁ କୁହାଯାଇଛି। ଡୋଭାଲ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ଭେଟିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି। ଖୁବ୍‌ଶୀଘ୍ର ଡୋଭାଲ ରାଷ୍ଟ୍ରପତି ପୁଟିନଙ୍କୁ ଭେଟିବେ। ଅପରେସନ ସିନ୍ଦୂର ପରେ ଏହା ଡୋଭାଲଙ୍କର ପ୍ରଥମ ମସ୍କୋ ଯାତ୍ରା। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ରୁଷ୍ ସହିତ ଭାରତର ସମ୍ପର୍କକୁ ନେଇ ବିରୋଧ କରାଯାଇଛି। ଏପରିସ୍ଥଳେ ଡୋଭାଲଙ୍କ ଏହି ଗସ୍ତ ବହୁତ ମହତ୍ତ୍ୱ ରଖୁଛି। ପୁଟିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ। ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ନେଇ ଚୁକ୍ତି ହୋଇଥିଲା ଓ ଦସ୍ତଖତ ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ଏହି ଗସ୍ତରେ ଦୁଇ ଦେଶ ମଧ୍ୟରେ ୨୦୩୦କୁ ଲକ୍ଷ୍ୟ ରଖି ଆର୍ଥିକ ରୋଡମ୍ୟାପ୍‌କୁ ଆଗକୁ ବଢ଼ାଇବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯିବ ବୋଲି ଆଶା କରାଯାଉଛି। ଗତ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଥର ରୁଷିଆ ଗସ୍ତରେ ଯାଇଥିଲେ। ଭାରତ ରୁଷିଆର ଦ୍ୱିତୀୟ ସର୍ବାଧିକ ତୈଳ କ୍ରେତା ରହିଆସିଛି। ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ୦.୨ ପ୍ରତିଶତ ତୈଳ ଆମଦାନୀ କରୁଥିଲା। କିନ୍ତୁ ଏବେ ଏହା ବୃଦ୍ଧିପାଇଁ ୪୫ ପ୍ରତିଶତରେ ପହଞ୍ଚିଛି।

## ଖୁବ୍‌ଶୀଘ୍ର ଟ୍ରମ୍ପ-ପୁଟିନ ସାକ୍ଷାତ



ମସ୍କୋ, ୭।୮(ଏଜେନ୍ସି): ଖୁବଶୀଘ୍ର ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ସାକ୍ଷାତ ହେବାକୁ ଯାଉଛି। ଏ ସଂକ୍ରାନ୍ତରେ ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ରେମଲିନର ଅଧିକାରୀମାନେ ଗୁରୁବାର ସୂଚନା ଦେଇଛନ୍ତି। ଏହି ବୈଠକ ଆସନ୍ତା ସପ୍ତାହରେ ବସିବ। ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଶେଷ କରିବାକୁ ରୁଷିଆକୁ ଟ୍ରମ୍ପ ଅଗଷ୍ଟ ୮ ସୁଦ୍ଧା ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି। ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି କୁହାଯାଇଛି। ତେବେ ଏହି ବୈଠକରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୋଗ ଦେବେ କି ନା ସେ ନେଇ କିଛି କୁହାଯାଇନାହିଁ। ଏହି ବୈଠକ କେଉଁଠାରେ ବସିବ ସେ ନେଇ ସହମତି ହୋଇ ସାରିଛି ଓ ଏ ନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ପୁଟିନଙ୍କ ବୈଦେଶିକ ବିଭାଗର ପରାମର୍ଶ ଦାତା ୟୁରୀ ଓସାକୋଭ କହିଛନ୍ତି। ଚଳିତବର୍ଷ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମଥର ପାଇଁ ପୁଟିନଙ୍କୁ ଭେଟିବେ। ୨୦୨୧ ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥର ପାଇଁ ଶିଖର ବୈଠକ ବସିବ। ସେତେବେଳର ରାଷ୍ଟ୍ରପତି ଜୋ ବାଇଡେନ ଓ ପୁଟିନ ଜେନିଭାରେ ବୈଠକରେ ଏକାଠି ହୋଇଥିଲେ। ୟୁକେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ଦୃଷ୍ଟିକୋଣରୁ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରିବ।

# ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍

## ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ; ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶବିଦେଶର



ଫେସନ୍ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମାଧୁରୀ ଦୀକ୍ଷିତ ଉପସ୍ଥିତ ରହି କହିଥିଲେ ଯେ ହସ୍ତତନ୍ତ କେବଳ ଜୀବିକା ନୁହେଁ; ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ। ଏହି ଅବସରରେ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତତନ୍ତ ଦିବସର ମାସ୍କଟ "ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମ ଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନିଅ

କଟକ, ୭।୮ (ସମିସ): ରାଜ୍ୟରେ ପ୍ରଚଳିତ ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ। ଓଡ଼ିଶା ଗୋ-ହତ୍ୟା ନିରୋଧ ଆଇନ ୧୯୬୦ରେ ଏହା ଉଲ୍ଲେଖ ଥିବା ବେଳେ ଏହି ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗୋ ଜ୍ଞାନ ଫାଉଣ୍ଡେସନ୍ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ଓଡ଼ିଶା ଗୋହତ୍ୟା ନିରୋଧ ଆଇନ-୧୯୬୦ର ଧାରା ୩ ଅନୁସାରେ ସମ୍ପୂର୍ଣ୍ଣ ଗାଈ ହତ୍ୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଅନ୍ୟପଟରେ କେବଳ ଗୋରୁ ବା ବଳଦ ହତ୍ୟା ପାଇଁ ପ୍ରାଧିକୃତ ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଆଣିବା ପରେ ହିଁ ଅନୁମତି ମିଳିପାରିବ ବୋଲି ଉକ୍ତ ଆଇନରେ ବ୍ୟବସ୍ଥା ରହିଛି। ତେବେ କଟକ ସହରରେ ଗୋ-ହତ୍ୟା ପାଇଁ କୌଣସି ପ୍ରମାଣପତ୍ର ଜାରି ହୋଇନାହିଁ। ସେହିପରି ଏଥିପାଇଁ କୌଣସି ଅନୁମତି ଦିଆଯାଉନାହିଁ କିମ୍ବା ସରକାରଙ୍କ ପକ୍ଷରୁ କେହି ପ୍ରାଧିକୃତ ଅଧିକାରୀ ମଧ୍ୟ ନିଯୁକ୍ତ ହୋଇନଥିବା ନେଇ ପୂର୍ବରୁ କଟକ ମହାନଗର ନିଗମ ପ୍ରଶାସନ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା। ଆଜି ମାମଲାର ଶୁଣାଣି ବେଳେ ଏହି ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ମଧ୍ୟ ସ୍ପଷ୍ଟ ହୋଇନଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର୧କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି।

ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପୀୟୁଷ ପଣ୍ଡା ସହାୟତା କରୁଛନ୍ତି।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ତଦନ୍ତରୁ ଅନ୍ତର ହେଲେ ଆଇଜି ସାଇନି

# ଶାସକ ଦଳକୁ ସମ୍ପୃକ୍ତି ଧରାପଡ଼ିବା ଭୟ: ବିଜେଡି

ଭୁବନେଶ୍ୱର,୭।୮ (ସମିସ): ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ଦାୟିତ୍ୱରେ ଥିବା ଆଇଜି ଏସ୍. ସାଇନି ହଠାତ୍ ଛୁଟିରେ ଯିବା ଓ ତାଙ୍କ ସ୍ଥାନରେ ଅନ୍ୟ ଏକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ସାଧାରଣରେ ସଂଶୟ ସୃଷ୍ଟି କରିଛି। ଏହାଦ୍ୱାରା ତଦନ୍ତ ବାଟବଣା ହେବା ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ଏବିଭିପିର ୨ ସଦସ୍ୟଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ସାଇନି ଦାୟିତ୍ୱରୁ ଅପସରି ଯିବାକୁ ସମଗ୍ର ରାଜ୍ୟବାସୀ



ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏବିଭିପି ଓ ଶାସକ ଦଳର ସମ୍ପୃକ୍ତି ସାର୍ବଜନୀନ ହେବା ଭୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପ୍ରଥମରୁ ବାଲେଶ୍ୱର ପୁଲିସକୁ କ୍ଲିନ୍‌ଚିଟ୍ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ପରବର୍ତ୍ତୀ ସମୟରେ ଆଇଜି ଏସ୍. ସାଇନିଙ୍କୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏବିଭିପିର ସମ୍ପୃକ୍ତି ବାବଦରେ କ୍ରାଇମବ୍ରାଞ୍ଚ ଖୁଲାସା କରିବା ସହ ଏବିଭିପିର ୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା। ଏହି ଗିରଫଦାରୀ ପରେ ଏବିଭିପି ଓ ବିଜେପିର କୁତ୍ସିତ ଚେହେରା ପଦାକୁ ଆସିଥିଲା। ଏଥିରେ ଆହୁରି କିଛି ଏବିଭିପି ସଦସ୍ୟ ଓ ବିଜେପିର ନେତାମାନଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ତଦନ୍ତ ଆଗକୁ ବଢ଼ିଲେ ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ପଦାକୁ ଆସିବାର ଭୟ ଥିବାରୁ ଏସ୍. ସାଇନିଙ୍କୁ ତଦନ୍ତ ପ୍ରକ୍ରିୟାରୁ ଅନ୍ତର କରାଯାଇଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଥିଲେ।

**୨ ଏବିଭିପି ସଦସ୍ୟଙ୍କ ଗିରଫର ୨୪ ଘଣ୍ଟା ମଧ୍ୟରେ ଛୁଟିରେ ଗଲେ ଆଇଜି**

ବିଧାୟକ ଶ୍ରୀ ଦାସ କହିଥିଲେ ଯେ ବିରୋଧୀ ଦଳ ଏବଂ ଗଣମାଧ୍ୟମର ଚାପରେ ଘଟଣାର ୨୨ ଦିନ ପରେ ୨ ଜଣ ଏବିଭିପି କର୍ମକର୍ତ୍ତାଙ୍କୁ ୩ ତାରିଖ ରାତିରେ ଗିରଫ କରାଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଏସ୍. ସାଇନି ଛୁଟିରେ ଯାଇଥିଲେ। ଏହାପରେ ସ୍ପଷ୍ଟ ହୋଇଛି ଯେ ଘଟଣାରେ ବିଜେପିର ବଡ଼ ନେତାଙ୍କ ସମ୍ପୃକ୍ତି ଖୁଲାସା ହେବା ଆଶଙ୍କାରେ ସରକାର ଭୟଭୀତ ହୋଇ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ତେଣୁ ସୌମ୍ୟାଶ୍ରୀ ମୃତ୍ୟୁ ଭଳି ଗୋଟିଏ ସମ୍ବେଦନଶୀଳ ଘଟଣାରେ ଅଚାନକ ତଦନ୍ତ ଅଧିକାରୀଙ୍କୁ ଛୁଟିରେ ପଠାଇ ତାଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କେଉଁ ସ୍ୱାର୍ଥରେ କରାଯାଇଛି ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ କହିଥିଲେ।

## ବେଗୁନିଆ ବିଜେପିରେ ଗୋଷ୍ଠୀକନ୍ଦଳ ଉଗ୍ର

# ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ

ଖୋର୍ଦ୍ଧା,୭।୮ (ସମିସ): ବେଳକୁ ବେଳ ବେଗୁନିଆ ବିଜେପିରେ କୁହୁଳୁଛି କନ୍ଦଳ ନିଆଁ। ବିଗତ ଦିନରେ ନିର୍ବାଚନମଣ୍ଡଳୀ ଭିତରେ ଛକାପଞ୍ଝା ଲାଗିଥିବା ବେଳେ ଗୁରୁବାର ଏହା ଉଗ୍ରରୂପ ନେଇଥିଲା। ଗୁରୁବାର ଚାଷୀଙ୍କ ଅଭିଯୋଗ ନେଇ ଖୋର୍ଦ୍ଧା ଡିଆର୍‌ସିଏସ୍ ଅଫିସ ଆସିଥିବା ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏଥିସହ ଶ୍ରୀ ବିଜୁଳିଙ୍କ ଫର୍ଚୁନର ଗାଡ଼ିକୁ ଭାଙ୍ଗିବା ସହ ତାଙ୍କ ସୁନାଚେନ୍ ଛଡ଼ାଇ ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ କାଉନସିଲର୍ କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦିନ ଦିପହରରେ ରାସ୍ତା ଉପରେ ଗୁଣ୍ଡାଗିରି କରିଥିବା ବେଳେ ଆର୍‌ଡି ବଙ୍ଗଳାକୁ ସେମାନେ ଦୀର୍ଘ ଦିନ ଧରି ଆଡ୍ଡାସ୍ଥଳୀ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଶ୍ରୀ ବିଜୁଳିଙ୍କ ଅଭିଯୋଗ ଉପରେ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ଗୁରୁବାର ବେଗୁନିଆ ବ୍ଲକ୍ ଛତ୍ରପଡ଼ା ସେବା ସମବାୟ ସମିତିର ୪୦ରୁ ୫୦ଜଣ ଚାଷୀଙ୍କୁ ସାଙ୍ଗରେ ଧରି ଶ୍ରୀ ବିଜୁଳି ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଚାଷୀଙ୍କ ହିତ ଦୃଷ୍ଟିରୁ ପଞ୍ଜୀକରଣ କାର୍ଯ୍ୟ ଛତ୍ରପଡ଼ା କଳିଙ୍ଗ କ୍ଲବ୍‌ଠାରେ ଶୁଭାରମ୍ଭ କରିବା ନିମନ୍ତେ ଆଲୋଚନା କରି କାର୍ଯ୍ୟାଳୟରୁ ବାହାରୁଥିଲେ। ଏହି ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଡାକବଙ୍ଗଳା ଭିତରୁ ଯୋଜନା ମୁତାବକ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଅନୁଗତ ସାରୁଅ କାଠ ଖୁଣ୍ଟିଆର ବିଶ୍ୱଜିତ



ଭୁଜବଳ ତାଙ୍କୁ ବିଧାୟକଙ୍କ ସହ କଥା ହେବାକୁ ଫୋନ୍ ଲଗାଇ ଧରାଇଥିଲେ। ସେ ଫୋନ୍ ଧରିବାରେ ବିଧାୟକ ଶ୍ରୀ ଜଗଦ୍ଦେବ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବେଗୁନିଆରେ ବେଶୀ ରାଜନୀତି କରୁଛୁ ବୋଲି କହିଥିଲେ। ବେଗୁନିଆ ନ ମାଡ଼ିବାକୁ ପୂର୍ବରୁ ଧମକ ଦେଇଥିବା ବେଳେ କାହିଁକି ଗଲୁ ପ୍ରଶ୍ନ କରିବା ସହ ଜୀବନରେ ମାରିବାକୁ ପୂର୍ବରୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମାତ୍ର ଶ୍ରୀ ବିଜୁଳି କିଛି ନ କହି ଫୋନ୍ କାଟିଦେବାରେ ସାନପଦର ଗ୍ରାମର ଅଂଶୁମାନ ପଟ୍ଟନାୟକ ତାଙ୍କ କଲର ଧରି ଆକ୍ରମଣ କରିଥିଲେ। ବେକରେ ଥିବା ୩୯ ଗ୍ରାମ୍ ଓଜନର ଏକ ସୁନାଚେନ୍‌କୁ ଛଡ଼ାଇ ନେଇ ବେଗୁନିଆ ଗଲେ ବୋମା ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା।

ପାଖରେ ଥିବା ଖୋର୍ଦ୍ଧା ପୌର ପରିଷଦର କାଉନସିଲର କମଳ ପ୍ରଧାନ(ଅଖୁ) ଏବଂ ଡଙ୍ଗରପଡ଼ାର

■ ଖୋର୍ଦ୍ଧା ବିଧାୟକଙ୍କ ଅନୁଗତ ଭିଆଇଲେ କାଣ୍ଡ
■ ଭାଙ୍ଗିଲେ ଗାଡ଼ି, ଛଡ଼ାଇନେଲେ ସୁନାଚେନ୍
■ କାଉନ୍‌ସିଲର କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦେଖାଇଲେ ଗୁଣ୍ଡାରାଜ୍

ବିଶ୍ୱଦୀପ ପ୍ରଧାନଙ୍କ ସମେତ ୭ରୁ ୮ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଫର୍ଚୁନର ଗାଡ଼ି (ଓଡି.୦୨ଡିବି-୮୭୮୭)କୁ ଲୁହାରଡ୍, ଠେଙ୍ଗା ଓ ପଥରମାଡ଼ କରି ଭଙ୍ଗାରୁଜା କରିଥିଲେ। ଏଥିସହିତ ବେଗୁନିଆ ମାଟି ମାଡ଼ିଲେ ହତ୍ୟା ଧମକ ଦେଇ ଚାଲିଯାଇଥିବାବେଳେ ଶ୍ରୀ ବିଜୁଳିଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ନମ୍ବର ୩୩୩/୨୫ରେ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚଳାଇଛି।

# ରାଉରକେଲାରେ ଚୋରା ବନ୍ଧୁକ କାରବାର ରାକେଟ୍

ରାଉରକେଲା,୭।୮ (ସମିସ): ରାଉରକେଲା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଆଜି ଏକ ବନ୍ଧୁକ କାରବାର ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ମାଷ୍ଟରମାଇଣ୍ଡକୁ ଗିରଫ କରିଛି। ସେ ହେଲା, ରାଜେଶ ସାହୁ(୨୫)। ସ୍ଥାନୀୟ

■ ମାଷ୍ଟରମାଇଣ୍ଡ ଗିରଫ
■ ୧୦ ବନ୍ଧୁକ, ୭ ମାଗାଜିନ ଜବତ

ରେଲ୍‌ୱେ କଲୋନୀର ରିମଝିମ ବସ୍ତିରେ ରହୁଥିବା ବେଳେ ତା'ର ପ୍ରକୃତ ଘର ବିହାର ମୁଙ୍ଗେର ଜିଲ୍ଲାର ଆସରଗଂଜ ଥାନା ମାସୁମଗଂଜ ଗାଁରେ ବୋଲି ସୂଚନା ମିଳିଛି। ତା' ପାଖରୁ ପୁଲିସ୍ ୧୦ଟି ଦେଶୀ ବନ୍ଧୁକ ସହ ୫ଟି ୮ ଏମ୍.ଏମ୍ ଓ ଗୋଟିଏ ୭.୬୫ ଏମ୍.ଏମ୍ ଗୁଳି ଓ ୭ଟି ମାଗାଜିନ ଜବତ କରିଛି।

ରାଜେଶ ରାଉରକେଲା ଷ୍ଟେସନ୍ ନିକଟ ଗାନ୍ଧୀରୋଡ୍ ଅଞ୍ଚଳରେ ଏକ ବ୍ୟାଗ୍‌ରେ ମାରଣାସ୍ତ୍ର ଧରି ଗ୍ରାହକ ଅନ୍ୱେଷଣରେ ଥିଲା। ଖବର ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଜୋନାଲ୍ ଡିଏସ୍‌ପି ଅମରେନ୍ଦ୍ର ନାଥ ଷଣ୍ଢଙ୍କ



ତତ୍ତ୍ୱାବଧାନରେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବୀଭସ୍ୱ ପ୍ରଧାନ, ସବ୍‌ଇନ୍ସପେକ୍ଟର ସିଦ୍ଧାର୍ଥ ବେହେରା, ସବଇନ୍ସପେକ୍ଟର ସୁବ୍ରତ ପଣ୍ଡା, ଦୀପୁନ ଦଳେଇ ସଦଳବଳେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲେ। ତା' ନିକଟରୁ ଉପରୋକ୍ତ ମାରଣାସ୍ତ୍ର ଜବତ କରାଯାଇଥିବା ଗୁରୁବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ରାଜେଶ ଜଣେ ପେସାଦାର ବନ୍ଧୁକ ଚାଲାଣକାରୀ। ସେ ବିହାର, ଝାଡ଼ଖଣ୍ଡ ସମେତ ଅନ୍ୟାନ୍ୟ ରାଜ୍ୟରୁ ଦେଶୀ ବନ୍ଧୁକ ଆଣି ରାଉରକେଲାର ବିଭିନ୍ନ ଅସାମାଜିକ ଯୁବକଙ୍କୁ ବିକ୍ରି କରୁଥିଲା। ଏହି ଦେଶୀ ବନ୍ଧୁକଗୁଡ଼ିକୁ ତାର କ୍ଷମତା ଅନୁସାରେ ୮ ହଜାରରୁ ୧୮ ହଜାର ଟଙ୍କାରେ ବିକ୍ରି କରୁଥିଲା ବୋଲି ଏସ୍‌ପି କହିଛନ୍ତି। ଗତ ୨୦୨୫ ଅକ୍ଟୋବର୍‌ରୁ ଏହି ଗ୍ୟାଙ୍ଗ୍ ଉପରେ ପୁଲିସ ନଜର ରଖିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଉପରେ ଚଢ଼ଉ ଜାରି ରଖିଥିଲା। ଆଜି ୧୦ଟି ଚୋରା ପିସ୍ତଲ ଜବତ ହୋଇଥିବା ବେଳେ ଅକ୍ଟୋବରରୁ ଆଜି ପର୍ଯ୍ୟନ୍ତ ମୋଟ ୨୭ଟି ବେଆଇନ ବନ୍ଧୁକ ଜବତ କରାଯାଇଛି। ଏ ବାବଦରେ ୧୩ଟି ମାମଲା ରୁଜୁ ହୋଇଥିବା ବେଳେ ୫୨ ଜଣଙ୍କୁ ପୁଲିସ୍ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।

# ହାଇୱା ଧକ୍କାରେ ବାପା-ଝିଅ ମୃତ

କୁଜଙ୍ଗ, ୭।୮ (ସମିସ): କୁଜଙ୍ଗରେ ଆଜି ଏକ ହୃଦୟବିଦାରକ ଘଟଣା ଘଟିଛି। ଏକ ହାଇୱା ଧକ୍କାରେ ବାପା-ଝିଅଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ଓ ତାଙ୍କ ଝିଅ ଲୋରି ବିଶ୍ୱାଳ। ଲୋରି ପାରାଦୀପସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ପାଠ ପଢ଼େ। ସ୍କୁଲ ଛୁଟି ପରେ ଆଜି ଉଭୟ ବାପ-ଝିଅ ଘରକୁ ଫେରୁଥିବା ବେଳେ କୋଠିଆସାହି ଗଡ଼ା ନିକଟରେ ଏକ ହାଇୱା ସେମାନଙ୍କୁ ଚାପି ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା।

## 'ନିତି' ଆୟୋଗର ଇଲେକ୍ଟ୍ରିକ ମୋବିଲିଟି ସୂଚକାଙ୍କ

# ୭ମ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର,୭।୮ (ସମିସ): 'ନିତି' ଆୟୋଗ ପକ୍ଷରୁ ଦେଶରେ ପ୍ରଥମଥର ଇଲେକ୍ଟ୍ରିକ ମୋବିଲିଟି ଇଣ୍ଡେକ୍ସ-୨୦୨୪(ସୂଚକାଙ୍କ) ପ୍ରକାଶ ପାଇଛି। ଦେଶର ମୋଟ ୩୬ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶା ସପ୍ତମ ସ୍ଥାନ ଅଧିକାର କରିଛି। ଇଭି କ୍ଷେତ୍ରରେ ଭିତ୍ତିଭୂମି ତଥା ନବସୃଜନର ବ୍ୟାପକ ଆହ୍ୱାନ ସତ୍ତ୍ୱେ ଓଡ଼ିଶା ଏହି ଆଖିଦୃଶିଆ ସଫଳତା ପାଇଛି। ଇଭି ଆପଣେଇବାରେ ରାଜ୍ୟର ଆଗ୍ରହ, ପରିବହନ ବିଦ୍ୟୁତକରଣ ପ୍ରଗତି କ୍ଷେତ୍ରରେ ଏକ ଉତ୍କୃଷ୍ଟ ପ୍ରଦର୍ଶନକାରୀ ରାଜ୍ୟ ତଥା ଚାର୍ଜିଂ ଷ୍ଟେସନ ନିର୍ମାଣ କ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶାକୁ ସପ୍ତମ ସ୍ଥାନ ମିଳିଛି।

ସୂଚନା ଅନୁଯାୟୀ, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆର ସହଯୋଗରେ ରାଷ୍ଟ୍ରୀୟ ଥିଙ୍କ୍ ଟ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ ଏହି ସୂଚକାଙ୍କରେ ମୋଟ ୧୦୦ରୁ ଓଡ଼ିଶାକୁ ୪୯ ନମ୍ବର ମିଳିଛି। ସୂଚକାଙ୍କ ଅନୁଯାୟୀ, ଓଡ଼ିଶା ପରିବହନ ବିଦ୍ୟୁତ୍‌କରଣ ପ୍ରଗତି କ୍ଷେତ୍ରରେ ୫୬ ନମ୍ବର, ଚାର୍ଜିଙ୍ଗ ଭିତ୍ତିଭୂମି କ୍ଷେତ୍ରରେ ୪୩ ଏବଂ ଇଭି ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ୪୧ ନମ୍ବର ମିଳିଛି। ସମଗ୍ର ପରିବହନ ବିଦ୍ୟୁତକରଣ ପ୍ରଗତି କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିଲେ ହେଁ ବାଣିଜ୍ୟିକ ଇଭି ଆପଣେଇବା, ଚାର୍ଜିଂ ଷ୍ଟେସନ ନିର୍ମାଣ, ଇଭି ଷ୍ଟାର୍ଟଅପ୍ କ୍ଷେତ୍ରରେ ମହତ୍ୱାକାଂକ୍ଷୀ ରାଜ୍ୟ ବର୍ଗରେ ସ୍ଥାନ ଦିଆଯାଇଛି।

■ ସମଗ୍ର ପରିବହନ ବିଦ୍ୟୁତ୍‌କରଣ ପ୍ରଗତି କ୍ଷେତ୍ରରେ ଭଲ ପ୍ରଦର୍ଶନ
■ ରାଜ୍ୟରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ବୃଦ୍ଧି କରିବାକୁ ପରାମର୍ଶ

ତେବେ ଏବେବି ରାଜ୍ୟକୁ ସାର୍ବଜନୀନ ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠାର ଘନତ୍ୱ ଏବଂ ନିଜର ଚାର୍ଜିଂ ଇକୋସିଷ୍ଟମରେ ଅକ୍ଷୟ ଉର୍ଜାର ବ୍ୟବହାର କ୍ଷେତ୍ରରେ ପଛରେ ରହିଥିବା ରର୍ପୋର୍ଟରେ କୁହାଯାଇଛି। ଏହି ସୂଚକାଙ୍କରେ ସହରୀ ଏବଂ ଅର୍ଦ୍ଧ-ସହରୀ କ୍ଷେତ୍ରରେ ତ୍ୱରିତ୍ ଭାବରେ ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବାକୁ ପରାମର୍ଶ ଦିଆଯାଇଛି।

# ଆଜି ଡିଜିପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୭।୮ (ସମିସ): ରାଜ୍ୟରେ ବଢୁଥିବା ମହିଳା ହିଂସା ଓ ନାରୀଙ୍କୁ ନ୍ୟାୟ ଦାବି କରି ଶୁକ୍ରବାର ସକାଳ ୧୦ଟାରେ କଟକ ଡିଜିପି ଅଫିସ ଘେରଉ କରିବାକୁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି। ଏନେଇ ଗୁରୁବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଗୋଟିଏ ମାସ ମଧ୍ୟରେ ରାଜ୍ୟରେ ଦୁଇ ଜଣ ଯୁବତୀ ଆତ୍ମାହୁତି କରିଛନ୍ତି ଏବଂ ଅନ୍ୟ ଜଣଙ୍କୁ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ପୁଲିସ ଏବଂ ସରକାର ପୂର୍ବରୁ ସାମାନ୍ୟ ପଦକ୍ଷେପ ନେଇଥିଲେ ଏଭଳି ହୃଦୟବିଦାରକ



ଘଟଣା ଦେଖିବାକୁ ମିଳି ନ ଥା'ନ୍ତା। ସରକାର କିମ୍ବା ପ୍ରଶାସନ ଅଭିଯୁକ୍ତଙ୍କୁ କାଠଗଡ଼ାକୁ ଆଣିବାରେ କୌଣସି ତତ୍ପରତା ଦେଖାଉ ନାହାନ୍ତି। ତେଣୁ ଅପରାଧୀ ନିର୍ଭୟରେ ତାଙ୍କ ଅମାନୁଷିକ କାର୍ଯ୍ୟକଳାପ କରିଚାଲିଛନ୍ତି। ପୁଲିସ ତଦନ୍ତ କରୁଛି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ମୁଖ୍ୟ ଅପରାଧୀମାନଙ୍କୁ ଧରିପାରୁନି। ପ୍ରକୃତରେ ପୁଲିସ ଅଭିଯୁକ୍ତଙ୍କୁ ଧରିପାରୁନି କି ଧରିବାକୁ ଚାହୁଁନି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ନାରୀ ନିର୍ଯାତନା ଏବଂ ଏହାକୁ ନେଇ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ପୁଲିସ ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ମୁଖପାତ୍ର ଆଇନଜୀବୀ ନିଶିକାନ୍ତ ମିଶ୍ର କହିଛନ୍ତି। ଏମିତି କି ବଲଙ୍ଗା ପୀଡ଼ିତାଙ୍କ ମାଆ ଦେଇଥିବା ଏତଲା ଓ ବିଏନ୍‌ଏସ ଅନୁସାରେ ତଦନ୍ତ ନ କରି ସରକାର ଦେଇଥିବା ସଂଳାପ ଅନୁସାରେ ପୁଲିସ ତଦନ୍ତ କରୁଛି ବୋଲି ଶ୍ରୀ ମିଶ୍ର ସରକାରଙ୍କୁ ନିଶାଣ କରିଛନ୍ତି। ପୁଲିସ ବିଜେପି ଏବଂ ତାଙ୍କ ସରକାରକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସମସ୍ତ ନୀତି ନିୟମକୁ ଉଲଂଘନ କରି ତଦନ୍ତ କରୁଛି। ଏପରିକି ତଦନ୍ତ ଚାଲୁଥିବା ସମୟରେ ତଦନ୍ତର ସ୍ଥିତି ସମ୍ପର୍କରେ ଲୋକ ଲୋଚନରେ ପ୍ରକାଶ କରିବା ସୂଚନା ଅଧିକାର ପରିସରରୁ ବାହାରେ ରଖାଯାଇଥିବା ସ୍ଥଳେ ପୁଲିସର ସାମାଜିକ ଗଣମାଧ୍ୟମରେ ଏଭଳି ମନ୍ତବ୍ୟ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ ବୋଲି ମୁଖପାତ୍ର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

# ଆସ୍ଥା ହରାଉଛି ପୁଲିସ ବ୍ୟବସ୍ଥା

## ନ୍ୟାୟ ନ ପାଇ ଜଣଙ୍କ ପରେ ଜଣେ ଛାତ୍ରୀଙ୍କ ଆତ୍ମାହୁତି

ଭୁବନେଶ୍ୱର,୭।୮ (ସମିସ): ଲୋକଙ୍କୁ ନ୍ୟାୟ ଦେବାରେ ଓଡ଼ିଶା ପୁଲିସ ବିଫଳ ହୋଇଛି। ସାଧାରଣ ଲୋକଙ୍କ ଭରସା ପୁଲିସ ଉପରୁ ତୁଟି ଯାଉଛି। ରାଜ୍ୟରେ ଘଟୁଥିବା ଗୋଟିକ ପରେ ଗୋଟିଏ ଅଘଟଣରେ ପୁଲିସର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବାଲେଶ୍ୱର, ବଲଙ୍ଗା ଏବଂ ପଟ୍ଟାମୁଣ୍ଡାଇ ଘଟଣାରେ ପୁଲିସର ଭୂମିକା ସାଧାରଣ ଲୋକଙ୍କ ପାଇଁ ଅବୁଝା ହୋଇରହିଛି। ଜଣକ ପରେ ଜଣେ ଛାତ୍ରୀ ନିଆଁରେ ଜଳିବା ଘଟଣା ପୁଲିସକୁ ସାଧାରଣରେ ନିନ୍ଦିତ କରିଛି। ଯୁବତୀ, ଛାତ୍ରୀ ବା ମହିଳା ନ୍ୟାୟ ପାଉ ନ ଥିବାବେଳେ ଅଭିଯୋଗ କରିବାକୁ ଯାଉଥିବା ଲୋକ ମଧ୍ୟ ଥାନାରେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ପୁଲିସ ନାମରେ ଅନେକ ଅଭିଯୋଗ ଆସୁଥିଲେ ହେଁ ବିଭାଗର ମାନବାଧିକାର ସୁରକ୍ଷାପ୍ରକୋଷ୍ଠ କୋମାରେ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗାଁରେ ଜଣେ ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ନିଜ ଘରେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ମୃତ ଛାତ୍ରୀଙ୍କ ପିତା ଘଟଣାକୁ ନେଇ ସିଧାସିଧା ପୁଲିସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଛାତ୍ରୀଙ୍କ ପ୍ରେମିକ ତାଙ୍କୁ ଅଶ୍ଳୀଳ ଭିଡିଓ ଓ ଫଟୋ ରଖି ବ୍ଲାକମେଲ୍ କରୁଥିଲେ ଓ ସେ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ

■ ଅଭିଯୋଗ କରିବାକୁ ଯାଉଥିବା ବ୍ୟକ୍ତିଙ୍କୁ ମିଳୁଛି ନିର୍ଯାତନା
■ ପୁଲିସ ବିଭାଗର ମାନବାଧିକାର ସୁରକ୍ଷା ସେଲକୁ ଗହନ ନିଦ

ମଧ୍ୟ କରିଥିଲେ; କିନ୍ତୁ ୬ମାସ ଧରି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା ଓଲଟା ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ବ୍ଲକ କରି ଦେବାକୁ ପରାମର୍ଶ ଦେଇଥିଲା। ପୁଲିସ ସମ୍ପୃକ୍ତ ଯୁବକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ହୁଏତ ତାଙ୍କ ଝିଅ ଆତ୍ମଦାହ କରି ନ ଥାନ୍ତା ବୋଲି ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ପୁଲିସର ଭୂମିକା ସଂକ୍ରାନ୍ତରେ ଏକ ଗମ୍ଭୀର ଛବି ଉପସ୍ଥାପନ କରିଛି।

ରାଜ୍ୟର ତିନି ଥାନାରୁ ଆସିଥିବା ତିନୋଟି ଦୃଶ୍ୟ ପୁଲିସର ଅମାନବିକତାକୁ ପଦାରେ ପକାଇଛି। ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ରବୀନ୍ଦ୍ର ମଲ୍ଲିକ ନାମକ ଯୁବକଙ୍କୁ ଥାନା ଅଧିକାରୀ ନିସ୍ତୁକ ମାଡ଼ ମାରି ଆହତ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକ ଜଣଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଜଗତସିଂହପୁର ବିରିଡ଼ି ଥାନା ଅଧିକାରୀଙ୍କ ନାଁରେ ମଧ୍ୟ ସମାନ ଅଭିଯୋଗ ସାମ୍ନାକୁ ଆସିଛି। ଏକ ଗୋଷ୍ଠୀ କନ୍ଦଳ ମାମଲାରେ ପୁଲିସ ପାର୍ଥସାରଥୀ ଦାସ ନାମକ ଯୁବକଙ୍କୁ ଉଠାଇ ନେଇ ଥାନା ଭିତରେ ଅମାନୁଷିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଜୁଲାଇ ୨୫ ତାରିଖର ଏହି ଘଟଣା ଏବେ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଛି ଓ ଥାନା ଅଧିକାରୀଙ୍କୁ ନୋଟିସ ଜାରି ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ପୁଲିସ ତ ସୀମା ଟପିଛି। ଜଣଙ୍କ ନାଁରେ ୱାରେଣ୍ଟ ଥିବା ବେଳେ ତାଙ୍କ ବଦଳରେ ଜଣେ ପ୍ରଧାନ ଶିକ୍ଷକଙ୍କୁ ନେଇ ଅପରାଧୀ ଭଳି ବ୍ୟବହାର କରିଛି ପୁଲିସ। ଥାନାରେ ୩ ଘଣ୍ଟା ଅଟକ ରଖିବା ପରେ ଭୁଲ ଜାଣି ମାଗି ଛାଡିଛି।

ଲୋକଙ୍କୁ ସୁରକ୍ଷା ପ୍ରଦାନ ସହ ନ୍ୟାୟ ପ୍ରଦାନ ଦାୟିତ୍ୱ ପୁଲିସ ଉପରେ ନ୍ୟସ୍ତ। ମାତ୍ର ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପରିବର୍ତ୍ତେ ଏଭଳି ବ୍ୟବହାର ପୁଲିସର ଛବିକୁ ଖରାପ କରୁଛି। ପୁଲିସର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡ଼ିଥିଲେ ମଧ୍ୟ ବିଗତ ବର୍ଷକ ମଧ୍ୟରେ ଆଇନଶୃଙ୍ଖଳା ସହ ଜଡ଼ିତ କୌଣସି ବି ଘଟଣାରେ ପୁଲିସକୁ ଉତ୍ତରଦାୟୀ କରିବା ତ ଦୂରର କଥା ସାମାନ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇପାରିନାହାନ୍ତି।

# ବିଧାୟକଙ୍କ ଦ୍ୱାରା ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



ବଲାଙ୍ଗିର,୭ ।୮ (ସମିସ): ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ ସଦର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ନିର୍ମିତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଗୁଡିକ ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପ ଗୁଡିକ ହେଲା ଭୁତିଆରବାହାଲ ପଞ୍ଚାୟତର ରଜାମୁଣ୍ଡା, ଶିବତଲା, ଶିବତଲା ପଞ୍ଚାୟତର ଆଡେନଡୁଙ୍ଗୁରୀ, ତୁଷୁରାବାହାଲ ପଞ୍ଚାୟତର ଜିରାଟମାଲ, ଝାଙ୍କରପାଲି ପଞ୍ଚାୟତର ଟେରେଇମରା, ସଦେଇପାଲି ପଞ୍ଚାୟତର ପଥରଚେପା ଠାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ବଲାଙ୍ଗିର ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳୀ ହୋତା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ ନେତୃତ୍ୱ ନେଉଥିବା ବରିଷ୍ଠ ନେତା କୈଳାଶ ଚନ୍ଦ୍ର ମହାନ୍ତି, ପ୍ରଦ୍ୟୁମ୍ନ ହୋତା, ବ୍ଲକ୍ ଯୁବ ବିଜେଡି ସଭାପତି ଆଶୀର୍ବାଦ ସାହୁ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନରେନ୍ଦ୍ର ସୁନାଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ସିଂହଦେଓ ସମସ୍ତ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

## ମନରେଗାରେ ବଢୁଛି ମନମାନି

# ବଲାଙ୍ଗିରରେ ୩ଶହ ଜିଆରଏସ୍ ପଦ ଖାଲି

ବଲାଙ୍ଗିର, ୭ ।୮ (ସମିସ)

ରାଜ୍ୟରେ ବିଜେପି ସରକାର ଗଢ଼ିବାର ବର୍ଷେ ପୂରଣ ହୋଇଥିବାବେଳେ ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସମସ୍ୟା ଦେଖିବାକୁ ମିଳିଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ବଲାଙ୍ଗିର ଜିଲ୍ଲାରେ। ଗୋଟିଏ ପଟେ ଉନ୍ନୟନମୂଳକ କାମ ଠପ୍ ହୋଇ ପଡ଼ିଥିବାବେଳେ ଅନ୍ୟ ପଟେ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ଠପ୍ ହୋଇପଡ଼ିଛି। ଜିଲ୍ଲାର ବିଭିନ୍ନ ବିଭାଗରେ କର୍ମଚାରୀ ମରୁଡି ପଡ଼ିଥିବେ ବେଳେ ମନରେଗା ଯୋଜନାକୁ ସଫଳ ରୂପାୟନ କରୁଥିବା ଗ୍ରାମ ରୋଜଗାର ସହାୟକ ବା ଜିଆରଏସ ପଦ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ଜିଲ୍ଲାରେ ୩ ଶହରୁ ଊର୍ଦ୍ଧ୍ୱ ଜିଆରଏସ୍ ପଦ ଖାଲି ପଡ଼ିଥିବା ଜଣାପଡ଼ିଛି। ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ଜିଆରଏସ୍‌ମାନଙ୍କୁ ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ଭାବେ ପଦୋନ୍ନତି ପ୍ରଦାନ କରାଯାଇଥିଲା। ତେବେ ସେମାନଙ୍କ ଜାଗାରେ ଆଉ ଜିଆରଏସ୍ ନିଯୁକ୍ତି ହୋଇନାହିଁ। ଜିଆରଏସମାନଙ୍କୁ ସାଧାରଣତଃ ମାସିକ ୭୦୦୦ ଟଙ୍କା ହିସାବରେ ଦରମା ପ୍ରଦାନ ମିଳିଥାଏ। କେନ୍ଦ୍ର ସରକାର ଏହି ଦରମା ଅର୍ଥ ପ୍ରଦାନ କରୁଥିବାବେଳେ ଏ ବାବଦରେ ଓଡ଼ିଶା ୫୦ କୋଟି ଟଙ୍କାର ରାଜସ୍ୱ ପାଇଥାଏ। ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ବାର୍ଷିକ ୧୦୦ ଦିନର କାମ ଯୋଗାଇ ଦେବାରେ ଜିଆରଏସ୍‌ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜବକାର୍ଡ ପାଇଁ ପଞ୍ଜୀକରଣ, ବିତରଣ, ଗ୍ରାମସଭା ଡକାଇବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଜିଆରଏସ୍‌ଙ୍କ ଉପରେ ନ୍ୟସ୍ତ ଥାଏ। ପଞ୍ଚାୟତ ବିକାଶରେ ଜିଆରଏସ୍‌ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ହେଁ ସେମାନଙ୍କ ନିଯୁକ୍ତିକୁ ଏହିଭଳି ଅବହେଳା ପ୍ରଦର୍ଶନ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଗଷ୍ଟ ପହିଲାରେ ତତ୍‌କାଳୀନ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ରାଜ୍ୟରେ ଜିଆରଏସ ପଦ ଖାଲି ଥିବାରୁ ଯୋଜନା ପ୍ରଭାବିତ ହେଉଥିବା ନେଇ ସେ ଚିଠିରେ ଉଦ୍‌ବେଗ ପ୍ରକାଶ ମଧ୍ୟ କରିଥିଲେ। ପଦପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଶ୍ରୀ ଲୋହାନୀ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ବିଭାଗୀୟ ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ହୋଇଥିବାରୁ ମନରେଗା ଯୋଜନାର ଅଧିକ ଗୁରୁତ୍ୱ ରହିଛି କିନ୍ତୁ ଜିଲ୍ଲାରେ ତିନି ଶହ ରୁ ଅଧିକ ଜିଆରଏସ ପଦ ଖାଲି ରହିଛି। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ଥିବା ୩୧୭ ପଞ୍ଚାୟତ ପାଇଁ ୩୧୭ ଜିଆରଏସ୍ ପଦ ରହିଛି। କିନ୍ତୁ ୩୧୭ ପଞ୍ଚାୟତ ପାଇଁ ୨୨୨ ଜଣ ଜିଆରଏସ କାର୍ଯ୍ୟରତ ଥିଲେ। ସେଥିମଧ୍ୟରୁ ୨୧୧ ଜଣଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ୧୦ ଜଣ ଜିଆରଏସ ପଦରେ ରହିଛନ୍ତି। ଅର୍ଥାତ୍ ୩୦୭ ପଦ ଖାଲି ରହିଛି। ପଦୋନ୍ନତି ପରେ ଜିଆରଏସ୍ ମାନଙ୍କୁ ନିଜ ବ୍ଲକ ବାହାରକୁ ବଦଳି କରାଯାଇଛି କିନ୍ତୁ ସେମାନେ ଏବେବି ପଞ୍ଚାୟତ ଜିଆରଏସ ଭାବେ କାମ କରୁଥିବା ଦେଖିବାକୁ ମିଳିଛି। ତେବେ ଏ ଅବସ୍ଥା ଆଜି କି କାଲିର ନୁହଁ ଏହା ବିଜି ଗୋଟିଏ ବର୍ଷ ହେଲା ଲାଗି ରହିଛି। ଫଳରେ ପଞ୍ଚାୟତ ବ୍ୟବସ୍ଥାରେ ଅନେକ ସମସ୍ୟା ଦେଖାଦେଇଛି। ଯାହାକୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ ପୂର୍ବକ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହୋଇଛି।

- ୨୧୧ ଜିଆରଏସ୍‌ରୁ ଏଡିଇଓକୁ ପଦୋନ୍ନତି ପାଇଛନ୍ତି
- ବ୍ଲକ୍ ବାହାରକୁ ବଦଳି ହୋଇ ଜିଆରଏସ୍ କାମ କରୁଛନ୍ତି

## ତାଲ ତେଲ କୃଷି ପାଇଁ ଶୈକ୍ଷିକ କ୍ଷେତ୍ର ପରିଦର୍ଶନ

# ଉତ୍ସାହିତ ଚାଷୀ ଚାଷ କରିବାକୁ ଆଗ୍ରହୀ




ବଲାଙ୍ଗିର,୭।୮ (ସମିସ): ଭାରତ ସରକାରଙ୍କ ଦଶ ହଜାର ଏଫ୍‌ପିଓ ପ୍ରୋତ୍ସାହନ ଯୋଜନା ଅଧୀନ ନାବାର୍ଡ ସହାୟତାରେ ମହାଶକ୍ତି ଫାଉଣ୍ଡେସନ୍ ବଲାଙ୍ଗିର ଜିଲ୍ଲାର ତେଇଶି ଜଣ କୃଷକ ଓ କୃଷକ ଉତ୍ପାଦକ ସଂଗଠନର ପରିଚାଳନାମଣ୍ଡଳୀ ସଦସ୍ୟଙ୍କ ପାଇଁ ବରଗଡ଼ ଜିଲ୍ଲାରେ ଅଏଲ ପାମ ପ୍ଲାଣ୍ଟେସନ୍‌ରେ ଗୋଟିଏ ଏକ ଦିବସୀୟ ଶୈକ୍ଷିକ ପରିଦର୍ଶନ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଥିଲା, କୃଷକମାନଙ୍କୁ ଉଚ୍ଚମୂଲ୍ୟ ଓ ଦୀର୍ଘକାଳୀନ ଆୟ ଦେଇପାରୁଥିବା ଫସଲ ବିଷୟରେ ସଚେତନ କରିବା ସହିତ, ବରଗଡ଼ର ସଫଳ ଅଏଲ ପାମ କୃଷକମାନଙ୍କର ଅଭିଜ୍ଞତା ଶିଖିବାର ସୁଯୋଗ ପ୍ରଦାନ କରିବା ଏହାର ଲକ୍ଷ୍ୟ।

ମହାଶକ୍ତି ଫାଉଣ୍ଡେସନ୍‌ର ବରିଷ୍ଠ ପ୍ରବନ୍ଧକ ହୃଷୀକେଶ ସାହୁଙ୍କ ନେତୃତ୍ୱରେ ତଥା ଶମ୍ଭୁ ପ୍ରସାଦ ସ୍ୱାଇଁଙ୍କ ମାର୍ଗ ଦର୍ଶନରେ ଅଂଶଗ୍ରହଣକାରୀ ସଫଳ ଅଏଲ ପାମ କୃଷକମାନଙ୍କ ସହ ସାକ୍ଷାତ ଏବଂ କ୍ଷେତ୍ର ଭ୍ରମଣ କରିଥିଲେ। ବରପାଲି ବ୍ଲକ୍ ବରଲାବାହାଲ ଗାଁ ର ରିଙ୍କୁ ପଧାନ ଓ ପିଙ୍କୁ ପଧାନ ଗତ ଦଶ ବର୍ଷ ହେଲା ଦଶ ଏକର ଜମିରେ ଅଏଲ ପାମ ଚାଷ କରୁଛନ୍ତି ଓ ପ୍ରତିମାସ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ସେମାନେ ଗର୍ବର ସହିତ ଏହାକୁ “ରାଜକୀୟ କୃଷି” ବୋଲି କହିଥିଲେ, ଯାହା କେବଳ ଆଜୀବିକାର ସ୍ଥାୟୀ ଉତ୍ସ ନୁହେଁ, ବରଂ ଦୁଇ ପିଢ଼ିର ଅର୍ଥନୈତିକ ସୁରକ୍ଷା ମଧ୍ୟ ଦେଇଥାଏ। ସେହିପରି ଭଟଲି ବ୍ଲକ୍ ନୂଆପାଲିଗାଁର ରସାନନ୍ଦ ସାହୁ ଅଏଲ ପାମ ଚାଷ କରି ପ୍ରତିମାସ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ସେ ମୋବାଇଲ୍ ଆପ୍ ଦ୍ୱାରା ଜଳସେଚନ, ଫସଲ ଅମଳ, ବଜାରୀକରଣ ଆଦି ପରିଚାଳନା କରୁଥିବାରୁ କୃଷିରେ ପାରଦର୍ଶିତା ଓ କାର୍ଯ୍ୟ କୁଶଳତା ରହିଛି। ଏହି ଶୈକ୍ଷିକ ପରିଦର୍ଶନରେ ଅଏଲ ପାମ କେବଳ ଲାଭଜନକ ଓ ସ୍ଥାୟୀ ଫସଲ ନୁହେଁ ବରଂ ଆଧୁନିକ କୃଷିପ୍ରଯୁକ୍ତି ସହିତ କୃଷକମାନଙ୍କୁ ଶ୍ରମ, ସମୟ ଓ ବ୍ୟୟର ସଞ୍ଚୟ ମଧ୍ୟ କରୁଥିବା ଚାଷୀମାନେ ହୃଦ୍‌ବୋଧ କରିଥିଲେ। ଏହା ବଲାଙ୍ଗିରର କୃଷକମାନଙ୍କ ମଧ୍ୟରେ ଏହି ଉଚ୍ଚମୂଲ୍ୟ ଫସଲକୁ ଆପଣାଇବା ପାଇଁ ନୂଆ ପ୍ରେରଣା ଓ ଉତ୍ସାହ ସୃଷ୍ଟି କରିଛି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବଙ୍ଗୋମୁଣ୍ଡା,୭ ।୮ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଧୀନ ସିନ୍ଧେକେଲା ଥାନା ଅଧୀନରେ ଥିବା ଜାମପଡ଼ା ମଞ୍ଜୁରାମାରା ଗାଁ ନିକଟସ୍ଥ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ସନ୍ତୋଷ ରଣା ବୋଲି ଜଣାପଡ଼ିଛି। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଦାଖଲ କରାଯିବାପରେ ସିନ୍ଧେକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ତୋଷ ବୁଧବାର ରାତିରେ କିଛି ବନ୍ଧୁଙ୍କ ସହିତ ବାହାରିଥିଲେ, କିନ୍ତୁ ସେ ଘରକୁ ଫେରି ନ ଥିଲେ। ପରେ ତାଙ୍କ ମୃତଦେହ ଜଙ୍ଗଲରୁ ମିଳିଥିବାରୁ ହତ୍ୟା ସନ୍ଦେହ କରୁଛନ୍ତି ତାଙ୍କ ପରିବାର।

# ପୁଇଁନ୍ତଲା କଂଗ୍ରେସର ସାଂଗଠନିକ ବୈଠକ

ବଲାଙ୍ଗିର,୭।୮ (ସମିସ): ପୁଇଁନ୍ତଲା ବ୍ଲକ୍ କଂଗ୍ରେସ ପକ୍ଷରୁ ବଲାଙ୍ଗିର ଏସ୍‌ସି ସେଲ୍ ସଭାପତି ଓମ୍ ପ୍ରକାଶ କୁମ୍ଭାରଙ୍କ ନେତୃତ୍ୱରେ ଯୁବ ନେତା ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ହୋଟେଲ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପଦ ପୂରଣ ତଥା ଅନ୍ୟାନ୍ୟ ସାଙ୍ଗଠାନିକ ପଦ ପଦ ପୂରଣ ନିମନ୍ତେ ଆଲୋଚନା କରାଯାଇଥିଲା। ସର୍ବ ସମ୍ମତିକ୍ରମେ ବ୍ଲକ କଂଗ୍ରେସ ସଭାପତି ପଦ ପୂରଣ ପାଇଁ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଶ୍ରୀ ମିଶ୍ରଙ୍କ ଅନୁମୋଦନ କ୍ରମେ ବ୍ଲକ ସଭାପତି ପଦ ନିମନ୍ତେ ଯାହାର ନାମ ସୁପାରିଶ କରିବେ ସର୍ବ ସମ୍ମତିକ୍ରମେ ବ୍ଲକ କଂଗ୍ରେସ କମିଟି ଗ୍ରହଣ କରିବ ବୋଲି ସର୍ବ ସମ୍ମତି ପ୍ରକାଶ ପାଇଥିଲା।

ଏହି କାର୍ଯ୍ୟକ୍ରମରେ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ସମ୍ପାଦିକା ଅନିମା ମିଞ୍ଜ, ଆବାହକ ଅନିଲ ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ ଭୋଇ, ସର୍ଜନ ବିଶ୍ୱାଲ, ଶୁଶାନ୍ତ ଷଡ଼ଙ୍ଗୀ, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ଲଳିତ ପଟେଲ, ହରି ନନ୍ଦ, ଅନିରୁଦ୍ଧ ବରର୍ଡ, ବଜରଙ୍ଗ ଅମାତ, ବସୁଦେବ ନାଏକ, ସୁଦାମ ନନ୍ଦ, ସମୀର କୁମ୍ଭାର, ଚନ୍ଦ୍ରମଣି ବାଗ, ପତିତବାବନ ପ୍ରଧାନ, ଅଚ୍ୟୁତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଭିତରେ ଚାଳକଙ୍କ ମୃତ୍ୟୁ

ବେଲପଡ଼ା,୭।୮ (ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅଧୀନ ଭରୁଆପାଲି ଗାଁର ଡ୍ରାଇଭର ଓକିଲ ଜାଲଙ୍କ (୩୫)ଙ୍କ ମୃତ୍ୟୁ ଘଟିଛି। ଶବ ଆଜି ଗାଁକୁ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ମୃତକ ଓକିଲ ପାଟଣାଗଡ଼ ସହରର ଜଣେ ମାଲିକଙ୍କ ୧୦ଚକିଆ ଟ୍ରକ ଚଲାଉଥିଲେ। ସେହି ଗାଡିକୁ ମାଲିକଙ୍କ କହିବା ଅନୁସାରେ ଓକିଲ ତେଲେଙ୍ଗାନାକୁ ଯାଇଥିଲେ। ଗତ ୩ ତାରିଖ ଦିନ ତେଲେଙ୍ଗାନା ଅନକାପଲି ଥାନା ଅଞ୍ଚଳରେ ଗାଡି ଭିତରେ ଷ୍ଟିୟରିଂ ଧରିଥିବାଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତକଙ୍କ ଶଶୂର ହୃଶିକେଶ ଚନ୍ଦନ ଓ ଶଳା ଉର୍ଦ୍ଧବ ଚନ୍ଦନ ସେଠାରେ ପହଞ୍ଚି ଥିଲେ। ସେଠାରେ ପୁଲିସ ଏକ ମାମଲା ରୁଜୁ କରି ପଞ୍ଚନାମା କରିଥିଲା। ଏନେଇ ମୃତକଙ୍କ ସମ୍ପର୍କିୟ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସିଲିଣ୍ଡର ଲିକ୍ ହୋଇ ୨ ଆହତ

କଣ୍ଟାବାଞ୍ଜି,୭ ।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଗୁରୁବାର ରୋଷେଇ କରୁଥିବା ସମୟରେ ଅଘଟଣ ଘଟିଛି। କଣ୍ଟାବାଞ୍ଜି ଏନଏସି ଛକ ନିକଟରେ ଥିବା ମହମ୍ମଦ ସାକୁର ତାଙ୍କ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ ସିଲିଣ୍ଡର ଲିକ୍ ହେବାଫଳରେ ମହମ୍ମଦ ସାକୁର ଦେହରେ ନିଆଁ ଲାଗି ଯାଇଥିଲା। ସନ୍ଦୀପ ଜୈନ ଯାଇ ନିଆଁ ଲିଭାଉ ଥିବାବେଳେ ସେ ମଧ୍ୟ ଆହତ ହୋଇଥିଲେ। ଉଭୟଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆ ଯାଇଥିଲା।

# ଓଲଟିଲା ହାଇୱା; ବର୍ତ୍ତିଲେ ଡ୍ରାଇଭର

ସଇଁତଲା,୭ ।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ୨୬ ନଂ ଜାତୀୟ ରାଜପଥରେ ଆସିଥିବା ଏକ ହାଇୱା ଓଲଟି ପଡ଼ିଥିଲା। କଳାହାଣ୍ଡିରୁ ବଲାଙ୍ଗିର ଅଭିମୁଖେ ଟ୍ରକ୍‌ଟି ଆସୁଥିଲା। ଏଥିରେ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ।

# କେନାଲରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ଟିଟିଲାଗଡ଼,୭ ।୮ (ସମିସ): ଟିଟିଲାଗଡ଼ ଉପକଣ୍ଠସ୍ଥ ପର୍ଯ୍ୟଟନ କ୍ଷେତ୍ର କୁମୁଡା ପାହାଡ଼ ଶିବମନ୍ଦିରର ପଛପଟ କେନାଲରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ୩୦ରୁ ୩୫ ହେବ ବୋଲି ଅନୁମାନ କରାଯାଉଛି। କେନାଲରେ ମାତ୍ର ୪ ଇଞ୍ଚ ପାଣି ଥିବା ବେଳେ ସେ ବୁଡି ମାରିବା ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ମୃତଦେହରେ ଅନେକ ଦାଗ ଚିହ୍ନ ରହିଛି। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରା, ବଲାଙ୍ଗିର ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବାପରେ ଯୁବକଙ୍କ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ଆଇଆଇସି କହିଛନ୍ତି।

# ବିଧାୟକଙ୍କ ଦ୍ୱାରା ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ



ଦେଓଗାଁ,୭ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଓ ବନ୍ଧପଡ଼ା ପଞ୍ଚାୟତରେ ୩ ଟି ପାନୀୟଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ବିଧାୟକ କଳିକେଶ ନାରାୟଣ ସିଂଦେଓ।

ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପ୍ରଥମେ ବନ୍ଧପଡାର ଛତାପିପଲ ଓ ପରେ ଲଣ୍ଡାପଥରର ଝିଙ୍କେରମାଲ ଏବଂ ଲଣ୍ଡାପଥର ପଞ୍ଚାୟତ ମୁଖ୍ୟାଳୟରେ ନବନିର୍ମିତ ଓଭରହେଡ ଟ୍ୟାଙ୍କ ଓ ପାନୀୟ ଜଳ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ବରିଷ୍ଠ ବିଜେଡି ନେତା ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ଲକ୍ଷ୍ମଣ କୁମାର ମେହେର, ସ୍ଥାନୀୟ ସରପଞ୍ଚ ଦେବାନ୍ତି କ୍ଷେତି, ପୂର୍ବତନ ସରପଞ୍ଚଅନ୍ତର୍ଯ୍ୟାମୀ ଭୋଇ, ରାଜ ପ୍ରତାପ ସିଂଦେଓ, ବୃନ୍ଦଦେବ ପରୁଆ, କୈଳାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗିରରୁ ବେଆଇନ କାଠ ଚାଲାଣ

# ବିଭିନ୍ନ ସ୍ଥାନରେ ବନବିଭାଗ ପକ୍ଷରୁ ଚଢ଼ଉ

ବଲାଙ୍ଗିର,୭ ।୮ (ସମିସ) : ବଲାଙ୍ଗିର ବନ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ରେଞ୍ଜରେ ଚଢ଼ଉ କରି ଚାଲାଣବେଳେ ବହୁ ପରିମାଣର କାଠ ଜବତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବଲାଙ୍ଗିର ସଦର ରେଞ୍ଜ ଆଠଗାଁ ସେକ୍ସନ ଅଧୀନ ତଣ୍ଡାମୁଣ୍ଡା - ଆଠଗାଁ ରାସ୍ତାରେ ଏକ ବାଇକ୍‌ରେ ସାଇଜ ସାଳ କାଠ ନେଉଥିବା ବେଳେ ବନବିଭାଗର ଏକ ଟିମ୍ ଚଢ଼ଉ କରିଥିଲା। ଏହି ଚଢ଼ଉରେ ୩୦ ସିଫ୍ଟି କାଠ ଜବତ ହୋଇଥିବା ବେଳେ ଏହାକୁ ଚାଲାଣ କରିଥିବା ଜୟକୃଷ୍ଣ ବରାଡ଼ ଓ ପୃଥ୍ୱୀରାଜ କୁଦେଇଙ୍କୁ ବାଇକ୍ ସହ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ବନବିଭାଗ ସେମାନଙ୍କ ଘରେ ମଧ୍ୟ ଯାଞ୍ଚ କରିଥିବା ବେଳେ ସେଠାରୁ ମଧ୍ୟ ସାଇଜ କାଠ ବେଆଇନ ଭାବେ ଗଚ୍ଛିତ ରହିଥିବା ଦେଖିବାକୁ ପାଇଥିଲା। ସେ ସବୁକୁ ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ସେହିପରି ଲାଠୋର ରେଞ୍ଜର ଏକ ଟିମ ମଧ୍ୟ ଚଢ଼ଉ କରି ବାଇକରେ ଖଇର କାଠ ଚାଲାଣ ବେଳେ ଜବତ କରିଛି। ଲାଠୋର ରେଞ୍ଜ ଅଧୀନ ଲାଠୋର - ଧଉରାଖମନ୍ ରାସ୍ତା ରେ ବାଇକ୍‌ରେ ଖଇର କାଠ ବେଆଇନ ଭାବେ ଚାଲାଣ ହେଉଥିବାବେଳେ ଦୁଇ କ୍ୱିଣ୍ଟାଲ କାଠ ଓ ବାଇକ୍ ଜବତ କରିଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ବନବିଭାଗର ଏକ ଟିମ୍ କେନ୍ଦୁଗଣ୍ଡି ଚାଲାଣ କରୁଥିବା ଗାଡ଼ିକୁ ଜବତ କରିଛି। ଗାଡ଼ି ନଂ ସିଜି ୦୪ ପିଡି ୪୬୨୩ ରେ କେନ୍ଦୁ ଗଣ୍ଡି ଚାଲାଣ ହେଉଥିବା ବେଳେ ତୁରେକେଲା ସେକ୍ସନ ଗଡଗଡବାହାଲ ନିକଟରେ ଚଢ଼ଉ କରିଥିଲା। ଗାଡ଼ି ସହ ୮ ଟି କେନ୍ଦୁଗଣ୍ଡି ଜବତ କରିଥିବା ଜଣାପଡ଼ିଛି। ତେବେ ବେଆଇନ କାଠ କାରବାର ଜିଲ୍ଲାରେ ବଢ଼ି ଚାଲିଥିବା ବେଳେ ବନବିଭାଗ ପକ୍ଷରୁ ଚଢ଼ଉକୁ ମଧ୍ୟ ଜୋରଦାର କରାଯାଇଛି।



## ପୁଣି ଚର୍ଚ୍ଚାରେ ବଲାଙ୍ଗିର ତହସିଲ

# ବଲାଙ୍ଗିର ବାସସ୍ଥାନ ପ୍ରମାଣପତ୍ରରେ ଚାକିରି କରିଛନ୍ତି ଉତ୍ତରପ୍ରଦେଶ ଯୁବକ

ବଲାଙ୍ଗିର,୭ ।୮ (ସମିସ): ପୁଣି ଚର୍ଚ୍ଚାରେ ବଲାଙ୍ଗିର ତହସିଲ। ପୂର୍ବରୁ ନକଲି ଜମି ମାଲିକ ଜମି ବିକିବା ଘଟଣାକୁ ନେଇ ଏହି ତହସିଲ ଚର୍ଚ୍ଚାରେ ରହିଥିବା ବେଳେ ଏବେ ନକଲି ବାସସ୍ଥାନ ପ୍ରମାଣପତ୍ରକୁ ନେଇ ଚର୍ଚ୍ଚାରେ ରହିଛି। ବଲାଙ୍ଗିର ତହସିଲ ଅଫିସରୁ ଜାଲିଆତିରେ ବାସସ୍ଥାନ ପ୍ରମାଣପତ୍ର (ରେସିଡେଣ୍ଟ ସାର୍ଟିଫିକେଟ୍) ହାସଲକରି ଉତ୍ତରପ୍ରଦେଶରେ ଶିକ୍ଷାକ୍ଷେତ୍ରରେ ଅଳ୍ପ ମାର୍କ ରଖୁଥିବା କେତେଜଣ ଯୁବକ ସରକାରୀ ଚାକିରିରେ ନିଯୁକ୍ତି ପାଇଥିବା ସାମ୍ନାକୁ ଆସିଛି। ଉତ୍ତରପ୍ରଦେଶର ଜଣେ ଦଲାଲ ଏହି କାରବାରରେ ସମ୍ପୃକ୍ତ ଥିବା ବେଳେ ଏଥିରେ ବଲାଙ୍ଗିରର କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି। ଉତ୍ତରପ୍ରଦେଶର ଜଣେ ଯୁବକ ବଲାଙ୍ଗିର ଆସି ଏନେଇ ତହସିଲଦାରଙ୍କ ଠାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶ ମଥୁରା ଜିଲ୍ଲାର ମୁକେଶ ସିଂ ନାମକ ଜଣେ ଯୁବକ ବଲାଙ୍ଗିର ତହସିଲ ଅଫିସକୁ ଆସି ବଲାଙ୍ଗିର ତହସିଲ ପକ୍ଷରୁ ଦିଆଯାଇଥିବା କିଛି ବାସସ୍ଥାନ ପ୍ରମାଣପତ୍ର କାରବାର ବିଷୟରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ କେନ୍ଦ୍ରସରକାରଙ୍କ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଏସ୍‌ଏସ୍‌ସି) ଜେନେରାଲ ଡ୍ୟୁଟି (ଜିଡି) ପାଇଁ ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଏସ୍‌ଏସ୍, ସିଆର୍‌ପିଏଫ୍, ଏସ୍‌ଏସ୍‌ଏଫ୍ ପଦପାଇଁ ବିଭିନ୍ନ ସମୟରେ ନିଯୁକ୍ତି ବିଜ୍ଞାପନ ବାହାରିଥାଏ। ଏହି ନିଯୁକ୍ତି ପାଇଁ ବିଭିନ୍ନ ରାଜ୍ୟ ସକାଶେ ଭିନ୍ନଭିନ୍ନ କଟ୍‌ଅଫ୍ ମାର୍କ ରଖାଯାଇଥାଏ। ନକ୍ସଲ ପ୍ରଭାବିତ ଜିଲ୍ଲାର ବିଭିନ୍ନ ପଦ ପାଇଁ କଟ୍‌ଅଫ୍ ମାର୍କକୁ କୋହଳ କରାଯାଇଥାଏ। ଏହାକୁ ଆଧାରକରି ସରକାରୀ ନିଯୁକ୍ତି ପାଇଁ ଅସାଧୁ ଆଶାୟୀ ପ୍ରାର୍ଥୀମାନେ ନକ୍ସଲ ପ୍ରଭାବିତ ଜିଲ୍ଲା ଗୁଡ଼ିକରୁ ବିଭିନ୍ନ ଉପାୟରେ ରେସିଡେଣ୍ଟ ବା ବାସସ୍ଥାନ ପ୍ରମାଣପତ୍ର ହାସଲ କରି ଆବେଦନ କରୁଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଏକ ନକ୍ସଲ ପ୍ରଭାବିତ ଜିଲ୍ଲା ହୋଇଥିବାରୁ ଉତ୍ତରପ୍ରଦେଶରୁ ଜିଲ୍ଲାକୁ ଏହି ଟେର ଲମ୍ବିଥିବା ଅଭିଯୋଗ ହୋଇଛି। ବଲାଙ୍ଗିରରୁ ଜାଲ୍ ରେସିଡେଣ୍ଟ ସାର୍ଟିଫିକେଟ୍ ଯୋଗାଡ଼ କରି ଉକ୍ତ ଚାକିରିରେ ବ୍ୟବହାର ହେଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳର ପ୍ରାର୍ଥୀଙ୍କ ପାଇଁ କେବଳ ବଲାଙ୍ଗିର ତହସିଲରୁ ୨୦୨୩ରେ ୨୫ଟି, ୨୦୨୪ରେ ୧୫ଟି ଓ ୨୦୨୫ରେ ପ୍ରାୟ ୫୦ଟି ଜାଲ୍ ବାସସ୍ଥାନ ପ୍ରମାଣପତ୍ର ନିଆଯାଇଥିବା ମୁକେଶ ଅଭିଯୋଗ କରିଛନ୍ତି। ଉକ୍ତ ଜାଲ୍ ବାସସ୍ଥାନ ପ୍ରମାଣପତ୍ର ବଳରେ ଅନେକ ଯୁବକ ୟୁପିରେ ସରକାରୀ ଚାକିରି କରିଥିବା ସେ କହିଛନ୍ତି। ଏହି ପ୍ରମାଣପତ୍ର ପିଛା ୮ରୁ ୧୦ ଲକ୍ଷ ଟଙ୍କା କାରବାର ହୋଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ନିଯୁକ୍ତି ଠକାମିର ଶିକାର ହେବା ପରେ ସେ ଏହି ଘଟଣା ସାମ୍ନାକୁ ଆଣିଛନ୍ତି। ଏହି ଜାଲ୍ ପ୍ରମାଣପତ୍ର ଯୋଗୁଁ ଅନେକ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଉ ନ ଥିବାବେଳେ କିଭଳି ଅଯୋଗ୍ୟ ପ୍ରାର୍ଥୀ ଚାକିରି ହାତଉଛନ୍ତି ଜଣାଇଥିଲେ। ଉତ୍ତରପ୍ରଦେଶର ଜଣେ ଦଲାଲ ଏହି ଜାଲିଆତିରେ ସମ୍ପୃକ୍ତ ରହିଥିବା ବେଳେ ତହସିଲ ଅଫିସ୍‌ର କେତେଜଣ କର୍ମଚାରୀଙ୍କୁ ସେ ହାତକରି ଏହି କାରବାର ଚଳାଇଥିବା କହିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ। ବଲାଙ୍ଗିର ତହସିଲଦାର ଲଗ୍ନଜିତ ବେହେରା ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



# ଦାଦନ ଯାଇ ମହିଳା ମୃତ; ମୃତଦେହ ଆଣିବାକୁ ପରିବାର ଥାନାର ଦ୍ୱାରସ୍ଥ

କଣ୍ଟାବାଞ୍ଜି/ତୁରେକେଲା, ୭।୮ (ସମିସ): ବଲାଙ୍ଗିର ଜିଲ୍ଲାର ଦାଦନଗଡ ଭାବରେ ପରିଚିତ ତୁରେକେଲା ବ୍ଲକ୍। ଏହି ବ୍ଲକରେ ଶ୍ରମିକଙ୍କୁ ରୋଜଗାର ମିଳୁନାହିଁ। ଯାହାଫଳରେ ସେମାନେ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବରେ କାମ କରିବାକୁ ଯାଉଛନ୍ତି। ହେଲେ ଦାଦନ ଶ୍ରମିକମାନେ ଶବ ହେଉଛନ୍ତି। ଏହିଭଳି ଏକ ଘଟଣା ସାମ୍ନାକୁ ଆସିଛି ତୁରେକେଲା ବ୍ଲକ ଅଧୀନ ଖର୍ଲି ଗାଁରୁ। ଏହି ଗାଁର ଦେବକୀ ତାଣ୍ଡି ନାମକ ଜଣେ ୬୫ ବର୍ଷିୟା ବୃଦ୍ଧା କିଛିମାସ ପୂର୍ବରୁ ତାମିଲନାଡୁ ରାଜ୍ୟର ତ୍ରିପୁରକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବାବେଳେ ସେଠାରେ ତାଙ୍କ ସନ୍ଦେହଜନକ ଭାବରେ ମୃତ୍ୟୁ ହୋଇଛି। ହେଲେ ମୃତଶରୀର ସେଠାରେ ବନ୍ଧା ପଡ଼ିଛି। ମାଲିକ ଜଣକ ଗାଁକୁ ମୃତଦେହ ପଠାଇବାକୁ ସହଯୋଗ କରୁନାହାଁନ୍ତି। ମୃତ ଦେବକୀଙ୍କ ପରିବାର ଅତି ଗରିବଶ୍ରେଣୀର ପରିବାର ହୋଇଥିବାବେଳେ ତ୍ରିପୁର ଯାଇ ଶବ ଆଣିବାକୁ ସେମାନେ ସକ୍ଷମ ନୁହଁନ୍ତି। ପୁଲିସ ପ୍ରଶାସନ ନଜର ଦେଇ ଶବ ଗାଁକୁ ଫେରାଇ ଆଣିବାକୁ ମୃତ ବୃଦ୍ଧାଙ୍କ ପୁଅ ଡୁଲୁ ତାଣ୍ଡି ତୁରେକେଲା ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି।



# ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ



ଲାଞ୍ଜିଗଡ଼, ୭ ।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଆଶ୍ରମ ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ‘ଆସ ସ୍କୁଲ ଯିବା’ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ଶିକ୍ଷୟିତ୍ରୀ ହେମାମାଳିନୀ ସାହୁ, ଦୁର୍ଯ୍ୟୋଧନ ନାଏକ, ସ୍କୁଲ ପରିଚାଳନା ସଭାପତି ସୁଦର୍ଶନ ମୁଣ୍ଡା, ଅଙ୍ଗନବାଡ଼ି କର୍ମୀ ସବିତା ମୁଣ୍ଡା, ଆଶା କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ତଥ୍ୟ ଆଧାରରେ ଶିକ୍ଷକ ଶିକ୍ଷୟିତ୍ରୀ ଘରକୁ ଘର ବୁଲି ଚିହ୍ନଟ ହୋଇଥିବା ପିଲା ଓ ସେମାନଙ୍କ ପିତାମାତାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ଲାଞ୍ଜିଗଡ଼ରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଡ୍ରପ୍‌ଆଉଟ୍ ରୋକିବାକୁ ରାଜ୍ୟ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଘରକୁ ଘର ବୁଲି ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କ ସର୍ଭେ ପରେ ଏବେ ସାରା ରାଜ୍ୟରେ ‘ଆସ ସ୍କୁଲ ଯିବା’ ଅଭିଯାନ କରାଯାଉଛି। ଯେଉଁଥିରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା, ଆଦୌ ବିଦ୍ୟାଳୟ ଯାଇ ନ ଥିବା ପିଲାଙ୍କୁ ବୟସ ଅନୁଯାୟୀ ଶ୍ରେଣୀରେ ନାମ ଲେଖାଇବା, ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାଙ୍କ ପାଠପଢ଼ା ଜାରିରଖିବା ଓ ପୁନର୍ବାର ପାଠପଢ଼ା ନ ଛାଡ଼ିବାକୁ ଆବଶ୍ୟକ ପଦକ୍ଷେପ ଏବଂ ପିଲାଙ୍କ ମଧ୍ୟରେ ଶିକ୍ଷଣ ଫଳାଫଳର ସ୍ତରକୁ ଅଭିବୃଦ୍ଧି ଓ ଶିକ୍ଷଣ ବ୍ୟବଧାନକୁ ହ୍ରାସ କରିବାକୁ ପ୍ରାଥମିକତା ଦିଆଯିବ। ଗୃହ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ପ୍ରତି ବିଦ୍ୟାଳୟକୁ ପାଠ ଛାଡ଼ିଥିବା ଏବଂ ଆଦୌ ନାମ ଲେଖାଇ ନ ଥିବା ପିଲାଙ୍କ ତାଲିକା ଦିଆଯିବ।

# କୋକସରା ପଞ୍ଚାୟତ ସମିତି ବୈଠକ



କୋକସରା, ୭ ।୮ (ସମିସ): କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ହିମାଞ୍ଚଳ ମାଝୀ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ପ୍ରମୋଦ ପ୍ରଧାନୀ, ତ୍ରିନାଥ ଶବର, ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ହେମନ୍ତ ମାଝୀ ଓ ବୈଜୟନ୍ତୀ ପୁଝାରୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ପାତ୍ର ସଭା ସଂଯୋଜନା କରିବା ସହ ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ବୈଠକରେ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପାନ୍ତ ଆମପାଣି ପଞ୍ଚାୟତରେ ମା’ ଗୃହ ନିମନ୍ତେ ପ୍ରସ୍ତାବ ଉଠିଥିଲା। ସେହିଭଳି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ୍ସରେ ମେସିନ୍ କାର୍ଯ୍ୟକାରୀ କରିବା, ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନା ଗମନ, ଆଦି ଉନ୍ନୟନ ମୂଳକ ପଦକ୍ଷେପ, ସରକାରୀ ଯୋଜନାର ସୁଫଳ ରୂପାୟନ ଓ ବିଭିନ୍ନ ସମସ୍ୟାର ସମସ୍ୟା ଦିଗରେ ସମସ୍ତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ସହଯୋଗ ରହିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଉଦ୍ୟାନ ବିଭାଗ, ପ୍ରାଣି ସମ୍ପଦ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗ ଭଳି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ।

# ଶ୍ରୀ ସାଇ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା



ନୂଆପଡ଼ା, ୭।୮ (ସମିସ): କୁରୁମପୁରୀସ୍ଥିତ ଶ୍ରୀ ସାଇ କଲେଜରେ ବାଣିଜ୍ୟ ଅଧ୍ୟାପକ ତଥା ପରୀକ୍ଷା ନିୟନ୍ତ୍ରକ ଅଙ୍କିତ ହୋତାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଅଶୋକ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଅଙ୍କିତ ହୋତା, ଶିକ୍ଷା ଅଧ୍ୟାପିକା ଉତ୍କଳିନୀ ସାମନ୍ତରାୟ, ରାସାୟନ ବିଜ୍ଞାନ ଅଧ୍ୟାପିକା ଇପସିତା ମଣ୍ଡଳ, ଶାରୀରିକ ଶିକ୍ଷା ଅଧ୍ୟାପକ ଦୁଷ୍ମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଅଧ୍ୟାପିକା ପ୍ରିୟମ୍ବଦା ବିଶି ମାନପତ୍ର ପାଠ କରିଥିଲେ। ଅଧ୍ୟକ୍ଷ ଅଧ୍ୟାପକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଭାଗିରଥି ଭୋଇ ପରିଚାଳନା କରିଥିଲେ। ତନ୍ମୟୀ ବିଶି, ଶାନ୍ତିଲତା ବେହେରା, ଦୀପାଞ୍ଜଳି ରଣା, ସିପ୍ରା ଗୁଆ, ସଜନୀ ଶବର, ତପସ୍ୱିନୀ ନାଥ, ବୀଣାପାଣି ସାହୁ, ଶ୍ରୀମା ଓଝା, ଶ୍ରଦ୍ଧାଞ୍ଜଳି ବେହେରା, ଆଲୋକ ନିଆଲ, ଲକ୍ଷ୍ମିକାନ୍ତ ସାହୁ, ଯାସକୁମାର ସାହୁ, ପୂର୍ଣ୍ଣିମା ସାହୁ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

# ୨ ମାସରେ ଫାଟିଗଲା ବାଞ୍ଜିବାହାଲ-ମହାଜଗୁଡା ରାସ୍ତା

କୋକସରା, ୭ ।୮ (ସମିସ)



ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କୋକସରା ବ୍ଲକ ବାଞ୍ଜିବାହାଲ-ମହାଜଗୁଡା ରାସ୍ତା ଅତ୍ୟନ୍ତ ନିମ୍ନମାନରହୋଇଥିବା ଅଭିଯୋଗ ହୋଇଛି। ଏଣେ ଗତ ଦୁଇ ମାସତଳେ ନିର୍ମାଣ ହୋଇଥିବା କୋଟିଏ ଟଙ୍କାର ରାସ୍ତା ବରବାଦ ହୋଇଯାଇଛି। ଯାହାଫଳରେ ସ୍ଥାନୀୟ ଗ୍ରାମବାସୀ ଠିକା ସଂସ୍ଥାର ଲାଇସେନ୍ସ ବାତିଲ କରିବା ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ, କାଉଡୋଲା ପଞ୍ଚାୟତର ବାଞ୍ଜିବାହାଲଠାରୁ ୨୬ ନମ୍ବର ଜାତୀୟ ରାଜପଥ ମହାଜନଗୁଡା ସଂଯୋଗ କରୁଥିବା ରାସ୍ତା ମଝିରେ ଥିବା ମୁଟୁରାନଦୀକୂଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସେତୁ ଓ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। ଏହାକୁ ରଘୁ ନନ୍ଦନ ଅଗ୍ରୱାଲ ନାମକ ଏକ ଠିକାଦାର କାର୍ଯ୍ୟକରିଥିବା ସୂଚନା ଫଳକରୁ ଜଣାପଡ଼ିଛି। ସେତୁ ଓ ରାସ୍ତା ନିର୍ମାଣ ପାଇଁ ୩ କୋଟି ୭୧ ଲକ୍ଷ ୬୫ ହଜାର ୬୮ ଟଙ୍କା ଅନୁଦାନ ରହିଛି। ତେବେ ଅତ୍ୟଧିକ ନିମ୍ନମାନର କାମ ହୋଇଥିବାରୁ ରାସ୍ତା ଫାଟି ଆଁ କରିଛି। ଏନେଇ ବାଞ୍ଜିବାହାଲ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ମାଣ ସମୟରେ ଜଣାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଇ ନଥିଲେ। ଠିକା ସଂସ୍ଥା ନିଜର ମନମର୍ଜି କାମ ଯୋଗୁଁ କୋଟି ଟଙ୍କାର ରାସ୍ତା ଅଳ୍ପ ଦିନରେ ବରବାଦ ହୋଇଯାଇଛି। ଏନେଇ ବୁଧବାର କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ବାଞ୍ଜିବାହାଲ ଗାଁ ପରିଦର୍ଶନରେ ଆସିଥିବା ସମୟରେ ଗ୍ରାମବାସୀ ରାସ୍ତା ବିଷୟରେ ଅବଗତ କରିଥିଲେ। ଏହାପରେ ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ରାସ୍ତା ଦେଖାଇବାକୁ ଯାଇଥିଲେ। ରାସ୍ତାଟି ଫାଟିଯାଇ ଥିବା ଦେଖି ନିମ୍ନମାନର କାର୍ଯ୍ୟ କରିଥିବା ଠିକାସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲାଇସେନ୍ସ ବାତିଲ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ବାଞ୍ଜିବାହାଲ ଗ୍ରାମର କେଦାର ମାଝୀ, ଦୁର୍ବଳ ମାଝୀ, ପରମେଶ୍ୱର ମାଝୀ, କାମଦେବ ମାଝୀ, ରୋହିତ ମାଝୀ, ସୁଧୀର ନାଏକ, ହରିହର ମାଝୀ, ହିମାଦ୍ରୀ ମାଝୀ, ତାରାଚନ ମାଝୀ, ଶଙ୍କର ରାଉତ, ସୁରେନ୍ଦ୍ର ମାଝୀ, ରୁଦ୍ର ମାଝୀ, ଦେବାନନ୍ଦ ମାଝୀ, ଭଜମନ ନାଏକ ପ୍ରମୁଖ ଗ୍ରାମବାସୀ ଠିକା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ କାର୍ଯ୍ୟ ସରିନାହିଁ ନିର୍ମାଣଧିନ ରହିଛି, ନୂଆମାଟି ପଡ଼ିଥିବାରୁ ରାସ୍ତା ଦବି ଯାଇଛି, ପୁଣି ଥରେ ମରାମତି କରିବା ପାଇଁ ଠିକା ସଂସ୍ଥାକୁ କହିଥିବା ପ୍ରକାଶ କରିଛନ୍ତି।

# ବିଜେଡି ପକ୍ଷରୁ କୋମନା ଥାନା ଘେରଉ



ନୂଆପଡ଼ା/କୋମନା, ୭।୮ (ସମିସ): ରାଜ୍ୟରେ ଦିନକୁ ଦିନ ମହିଳାଙ୍କ ପ୍ରତି ହିଂସା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। ଏହାକୁ ରୋକିବାରେ ବର୍ତ୍ତମାନର ବିଜେପି ସରକାରବିଫଳ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି। ମହିଳାଙ୍କ ପ୍ରତି ବଢୁଥିବା ହିଂସା ଓ ଅତ୍ୟାଚାର ବିରୋଧରେ ଗୁରୁବାର ବିଜେଡି କୋମନା ଥାନା ଘେରଉ କରିଥିଲା। ଏହି ଅବସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। କୋମନା ପୁରୁଣା ବ୍ଲକ ଛକ ନିକଟରେ ବିଜେଡି କର୍ମକର୍ତ୍ତାଙ୍କ ଏକ ବିଶାଳ ସମାବେଶ ହୋଇଥିଲା। ଏଥିରେ କେନ୍ଦ୍ର ଓ ରାଜ୍ୟ ବିଜେପିର ଅପାରଗତା ଉପରେ ସମାଲୋଚନା କରାଯାଇଥିଲା। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି କୋମନା ନଗର ପରିକ୍ରମା କରିଥିଲେ। ଶେଷରେ ଥାନା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନୂଆପଡ଼ା ଏସ୍‌ଡିପିଓ ସ୍ୱାଧୀନ ମିଶ୍ର ଏବଂ ଥାନାଧିକାରୀ ସୁମନ୍ତ କୁମାର ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମାବେଶରେ ଜିଲ୍ଲା ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ପୂର୍ବତନ ସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ହେମନ୍ତ କର, ଜିଲ୍ଲା ପରିଷଦ ସଭ୍ୟ ମୁରଲୀଧର ଭୋଇ ପ୍ରମୁଖ ସାମିଲ ଥିଲେ।

# ସମବାୟ କମିସନରଙ୍କ ନୂଆପଡ଼ା ଗସ୍ତ



ନୂଆପଡ଼ା ୭।୮ (ସମିସ): ରାଜ୍ୟ ସରକାରଙ୍କ ସମବାୟ କମିସନର ତଥା ସଚିବ ରାଜେଶ ପ୍ରଭାକର ପାଟିଲ ଦୁଇ ଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଛନ୍ତି। ସେ ଜିଲ୍ଲାବ୍ୟାପି ବିଭିନ୍ନ ଅଞ୍ଚଳ ବୁଲି ସାଧାରଣ ଲୋକଙ୍କୁ ଭେଟି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଉପରେ ପଚାରି ବୁଝିଥିଲେ। ବୁଧବାର ସନ୍ଧ୍ୟାରେ ନୂଆପଡ଼ାରେ ପହଞ୍ଚି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ପ୍ରଥମେ ଖରିଆରରୋଡ ସେବା ସମବାୟ ସମିତି ବୁଲି ଦେଖିଥିଲେ। ପରେ ଖରିଆରରୋଡ ଅମୃତ ଧାରା ପ୍ରକଳ୍ପ, ତୁମେରପାଣି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚସଖା ସେତୁ କାର୍ଯ୍ୟ ବୁଲି ଦେଖିଥିଲେ। ଦ୍ୱିତୀୟ ଦିନରେ ନ୍ୟାସନାଲ ହାଇସ୍କୁଲ ପରିଦର୍ଶନ କରି ବିଦ୍ୟାଳୟର ଭିତ୍ତିଭୂମି, ଲାଇବ୍ରେରୀ ଏବଂ ଲାବୋରେଟରି ଦେଖିଥିଲେ। ସେଠିକାର ସ୍ଥିତି ବୁଲି ଦେଖିବା ସହ ସଦରବ୍ଲକର ଟାନୱାଟକୁ ଯାଇ ଗ୍ରାମବାସୀଙ୍କ ସହ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ତରବୋଡଠାରେ ପହଞ୍ଚି ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କ ସହ କଥା ହୋଇଥିଲେ। ପରେ କାଣ୍ଡେତରା ସେବାଶ୍ରମ ବୁଲି ଦେଖିଥିଲେ। ସେଠାରେ ସ୍କୁଲ ପିଲାଙ୍କ ପାଇଁ ହୋଇଥିବା ସର୍ବନିମ୍ନ ବ୍ୟବସ୍ଥା, ହଷ୍ଟେଲ ପରିଚାଳନା ଦେଖି ଖୁସି ବ୍ୟକ୍ତ କରିଥିଲେ। କାମକେଡ଼ାରେ ଚାଷୀଙ୍କ ପିଆଜ ଗୋଦାମ ଦେଖିଥିଲେ। ସଂଧ୍ୟାରେ ନୂଆପଡ଼ାରେ ଜିଲ୍ଲାପ୍ରଶାସନର ବିଭିନ୍ନ ଯୋଜନା ଉପରେ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଲମ୍ବୋଦର ଧରୁଆ, ଜିଲ୍ଲା. ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତୀ ଭୋଇ, କୋମନା ବିଡିଓ ସର୍ବେଶ୍ୱର ଜାଲ, ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଅନୀଲ କୁମାର ଲେଙ୍କା, ଶିବନାରାୟଣ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ପୋଷଣ ଟ୍ରାକ୍ ସମସ୍ୟା ପାଇଁ ତାତିଲେ ଅଙ୍ଗନବାଡ଼ିକର୍ମୀ



ଥୁଆମୂଳ ରାମପୁର, ୭ ।୮ (ସମିସ): ପୋଷଣ ଟ୍ରାକ୍ ଏଫଆରଏସ ସମସ୍ୟା ସହ ଅନ୍ୟ ସମସ୍ୟାର ସମାଧାନ ପାଇଁ ଅଙ୍ଗନବାଡି କର୍ମୀ ସିଡିପିଙ୍କ ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ପ୍ରତି ବ୍ଲକରେ ସିଡିପିଓଙ୍କ ମାଧ୍ୟମରେ ଦାବି ପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ମା ମାଣିକେଶ୍ୱରୀ ମନ୍ଦିର ସମ୍ମୁଖରୁ ଥୁଆମଳ ରାମପୁର ବ୍ଲକ ଅଙ୍ଗନବାଡି ବ୍ଲକ ସଂଘର ସଭାନେତ୍ରୀ ରମାକାନ୍ତୀ ନାଏକ, ସମ୍ପାଦିକା ବିନୋଜଦିନୀ ମଙ୍ଗରାଜ, ସ୍ମୃତିରେଖା ମାଝୀ, ସବିତାଞ୍ଜଳୀ ନାଏକ, ପଦ୍ମବାତୀ ଦୋରା, ଡଙ୍ଗର ମାଝୀ, ପୁଷ୍ପଲତା ବାଗ, ସୁକାନ୍ତି ନାଏକ, ବିଜୟିନୀ ମାଝୀ, କୁନ୍ତଳା ନାଏକ, ସୁଶୀଳା ନାଏକ ଏବଂ କୁମୁଦିନୀ ନାଏକଙ୍କ ନେତୃତ୍ୱରେ ବହୁ ଅଙ୍ଗନବାଡି କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସିଡିପିଓଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ପୋଷଣ ଟ୍ରାକ୍‌ରେ ଏଫ୍‌ଆରଏସ ସମୟରେ ନେଟୱାର୍କ ସମସ୍ୟା ସହ ହାଇସ୍କୁଲ ଭର୍ସନ କାର୍ଯ୍ୟ ପାଇଁ ଉନ୍ନତମାନର ମୋବାଇଲ ଅଭାବ, ନେଟୱାର୍କ ସମସ୍ୟା ଯୋଗୁଁ ହିତାଧିକାରୀ କେନ୍ଦ୍ରକୁ ଆସି ନିରାଶ ହେଇ ଫେରିବା, ଫଟୋ ମିସମ୍ୟାଚ ହେବା ଆଦି ସମସ୍ୟାର ସମାଧାନ ପାଇଁ ଏମାନେ ଦାବି କରିଛନ୍ତି।

**ଧର୍ମଗଡ଼:** ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର ରାଜ୍ୟ ସଂଘ ନିଷ୍ପତ୍ତି କ୍ରମେ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ସିଡିପିଓ ଏବଂ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ଅଙ୍ଗନବାଡି କେନ୍ଦ୍ରରେ ଥିବା ସମସ୍ତ ଶିଶୁ ଓ ବାଳିକାମାନ ଇ-କେୱାଇସି ଓ ଫେସ୍ କ୍ୟାପଚର କରିବା ପାଇଁ ବାଧ୍ୟତାମୂଳକ କରିଛନ୍ତି। ଅଙ୍ଗନବାଡିକର୍ମୀଙ୍କ କମ୍ ଦରମା ଯୋଗୁଁ ଉନ୍ନତମାନର ମୋବାଇଲ ଫୋନ ନ ଥିବାରୁ ଫେସ୍ କ୍ୟାପଚର କରି ପାରୁ ନାହାନ୍ତି। ସରକାର ଉନ୍ନତମାନର ମୋବାଇଲ ସହ ଉନ୍ନତ ମାନର ନେଟୱାକ୍‌ର୍ ଏବଂ ୱାଇଫାଇର ବ୍ୟବସ୍ଥା କରିବା, ପ୍ରତି ୩ମାସକୁ ରିଚାର୍ଜ ବାବଦକୁ ୯୦୦ ଟଙ୍କା ପ୍ରଦାନ, ୬ ମାସକୁ ଥରେ ଫେସ କ୍ୟାପଚର କରିବା, ପ୍ରତି ଶନିବାର କିଶୋରୀ ବାଳିକାଙ୍କ ନିମନ୍ତେ ୨ଟି ସିଝା ଅଣ୍ଡା ଓ ୨ଟି କଞ୍ଚା ଅଣ୍ଡା ବଣ୍ଟନ କରିବା, ଆସୁଥିବା ଅର୍ଥ ରାଶି ଯୁଗ୍ମ ସଞ୍ଚୟ ଖାତାରେ ଜମା କରିବା, ପ୍ରତି ବ୍ଲକରେ ଅଭିଯୋଗ ନିବାରଣ କମିଟି ଗଠନ, ସ୍ଥାନୀୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ଭଳି ବିଭିନ୍ନ ଦାବି କରାଯାଇଛି। ଧର୍ମଗଡ଼ ବ୍ଲକ ଅଙ୍ଗନବାଡ଼ି ୱାର୍କର ସଂଘ ସଭାପତି ଇନ୍ଦୁମତି ବେଶ୍ରା, ସମ୍ପାଦକ ପାର୍ବତୀ ଜାଲ, ସରୋଜିନୀ ହରିଜନ, ସୁମତି ଦୁରିଆ, କ୍ଷୀରମତି ଦୁରିଆ, କୁମୁଦିନି ଗୋପାଳ, ସାବିତ୍ରୀ ମେହେର, ସୁନିତା ମହାନ୍ତି, ସୁଷମା ନାଗ, ସେବତୀ ତାଣ୍ଡିଙ୍କ ସମେତ ସମସ୍ତ ଅଙ୍ଗନବାଡ଼ି ୱାର୍କର ଧର୍ମଗଡ଼ ଭଣ୍ଡାରଘରଣୀ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଧର୍ମଗଡ଼ ସିଡିପିଓ ଧରିତ୍ରୀ ପାଣିଗ୍ରାହୀ ଓ ବିଡ଼ିଓଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ବାନର ସେନା ମଞ୍ଚର ‘ସ୍ୱଚ୍ଛତା ହିଁ ସେବା’



କୋମନା, ୭।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସମରସିଂ ଗ୍ରାମରେ ବାନର ସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଥିବା ଖେଳ ପଡ଼ିଆର ଚାରିପଟକୁ ସଫା କରାଯାଇଥିଲା। ବାନର ସେନା ମଞ୍ଚର ସଭାପତି ଶେଷଦେବ ପ୍ରଧାନୀ ପରିଚାଳନା କରିଥିବାବେଳେ ଯୁବ ସମାଜସେବୀ ଭକ୍ତବନ୍ଧୁ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାନର ସେନା ମଞ୍ଚର ସଦସ୍ୟ ସତ୍ୟବ୍ରତ ସାମଲ, ତେଜୁରାମ ନାଏକ, ବାଞ୍ଛାନିଧି ଗହିର ଓ ସମରସିଂ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

• ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପରୁ ଚାଷୀଙ୍କୁ ମିଳୁନି ପାଣି

# କାର୍ଯ୍ୟରେ ଆସୁନି କୋଟିଏ ଟଙ୍କାର ପ୍ରକଳ୍ପ



ଧର୍ମଗଡ଼/ଗୋଲାମୁଣ୍ଡା, ୭।୮ (ସମିସ): ଜମିରେ ବର୍ଷକୁ ଦୁଇଥର ଚାଷ କରିବା ଲକ୍ଷ୍ୟରେ ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଉଦନ୍ତି ନଦୀକୂଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିନିମୟରେ ପାର୍ବତିଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ। ଏହି ପ୍ରକଳ୍ପରୁ ବର୍ଷକୁ ଦୁଇ ଥର ଚପ୍ରିଆ, ତୁରେଛଡା, ସାନଚେରଗାଁ, ଖଲିଆପାଲି, ବାଞ୍ଜିପଦର, ଟିଙ୍ଗିପଦର ଅଞ୍ଚଳର ହଜାର ହଜାର ଏକର ଚାଷ ଜମିରେ ପାଣି ଯୋଗାଣ ହେବା କଥା। ଚଳିତ ବର୍ଷ ଗୋଲାମୁଣ୍ଡା ବ୍ଲକରେ କମ ବୃଷ୍ଟିପାତ ଯୋଗୁଁ ଚାଷ ଜମିରେ ପାଣି ନିଅଣ୍ଟ ହେଉଥିବା ବେଳେ ଉକ୍ତ ପ୍ରକଳ୍ପରୁ ଚାଷୀ ନିଜ ଜମିକୁ ପାଣି ମଡାଇବୁ ଚାହୁଁ ଥିଲେ ମଧ୍ୟ ଉକ୍ତ ପ୍ରକଳ୍ପରୁ ପାଣି ମିଳୁନଥିବା ଚପ୍ରିଆ ଗ୍ରାମର ଚାଷୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଗତ ବର୍ଷ ସୀମିତି ସମୟ ପାଇଁ ଚଷୀଙ୍କୁ ପାଣି ଯୋଗାଣ ହୋଇଥିଲା। କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଚର୍ଷୀଙ୍କୁ ପାଣି ମିଳି ପାରିନାହିଁ। ଏହି ବିଷୟରେ ଉକ୍ତ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରିଙ୍କୁ ପଚାରିଲେ ନଦୀରେ ଜଳସ୍ତର କମ ଥିବାରୁ ପ୍ରକଳ୍ପକୁ ପାଣି ଉଠାଇ ପାରୁନାହିଁ ଏଣୁ ଚାଷୀଙ୍କୁ ପାଣି ଯୋଗାଣ ହୋଇ ପାରୁନାହିଁ ବୋଲି ପ୍ରକାଶ କରିଥିଲେ। ଏଠାରେ ପ୍ରଶ୍ନ ଉଠେ ଯେ ସରକାର ବର୍ଷକୁ ଦୁଇ ଥର ଚାଷ କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ କରିଥିବା ବେଳେ ବର୍ଷା ଦିନରେ ଚାଷଙ୍କୁ ପାଣି ମିଳୁନଥିବା ବେଳେ କିପରି ଖରା ସମୟରେ ଚାଷୀଙ୍କୁ ପାଣି ମିଳିବ। ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥା ଶିଘ୍ର ଚାଷ ଜମିକୁ ପାଣି ଯୋଗାଇ ଦେବାକୁ ଚପ୍ରିଆ ଅଞ୍ଚଳର ଚାଷୀ ସୁଶୀଳ ଦାସ, ଚିତ୍ରସେନ ଦାସ, ପ୍ରସନ୍ନ ଦାସ, ବିଭୁତି ମାଝୀ, ରେଜେନ୍ଦ୍ର ମାଝୀ, ଭୂବନେ ମାଝୀ, ମାରୁତି ମହେର, ସହଦେବ ଦାଶ, ରକ୍ଷିମଣି ଦାସ, ସୁନ୍ଦର ବାଗ, ପିତାମ୍ବର ଦାସ, ଦୁଲମଣି ଦାସ, ଜଗମୋହନ ଦାସ, ଉପେନ୍ଦ୍ର ଚନ୍ଦନ, ପିତାମ୍ବର ଚନ୍ଦନ, ମକାରୁ ବାଗ, ହରେରାମ ଚନ୍ଦନ, ପିତାମ୍ବର ମାଝୀ, ରୁମାଞ୍ଚଳ ଜାନୀ, କମଳ ମାଝୀ, ଶାନ୍ତନୁ ଗହିର ପ୍ରମୁଖ ଦାବୀ କରିଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ଚାଷ ଜମିକୁ ପାଣି ଯୋଗାଣ ନହେଲେ ଚାଷୀ ଏହି ପ୍ରକଳରେ ତାଲା ମାରି ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରାବଣରେ ଜମି ଫାଟି ଆଁ; ଚିନ୍ତାରେ ଚାଷୀ

ଧର୍ମଗଡ଼/ଗୋଲାମୁଣ୍ଡା, ୭ ।୮ (ସମିସ)



କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ବର୍ତ୍ତମାନ ଶ୍ରାବଣ ମାସରେ ବୈଶାଖିର ତାତି ପାଇଁ ଜମି ଫାଟି ଆଁ କରିଥିବା ବେଳେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବ୍ଲକର ଚାଷୀ ମରୁଡ଼ି ଚିନ୍ତାରେ ଅଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାଧାରଣତଃ ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ ବିଗତ କେତେକ ବର୍ଷ ହେଲା ଅନେକ ପଞ୍ଚାୟତ ମରୁଡ଼ିର ଶିକାର ହୋଇଥିବା ବେଳେ ଚଳିତ ବର୍ଷ ସମ୍ପୂର୍ଣ୍ଣ ବ୍ଲକରେ ମରୁଡ଼ିର ପଦଧ୍ୱନୀକୁ ନେଇ ଚିନ୍ତାରେ ଚାଷୀ। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ପାଇଁ ଗୋଲାମୁଣ୍ଡା ବ୍ଲକରେ ଧାନ ଚାଷ କାର୍ଯ୍ୟ ପଛାଇ ଯାଇଥିବା ବେଳେ ଜୁଲାଇ ମାସ ପ୍ରଥମ ଭାଗରେ ଗୋଲାମୁଣ୍ଡା ବ୍ଲକରେ ମଧ୍ୟମଧରଣର ବର୍ଷା ଯୋଗୁଁ ଚାଷୀ ରୂଆ ବେଉଷଣ କାର୍ଯ୍ୟ କରିଥିଲେ। ଅଞ୍ଚଳରେ ୪୦ ପ୍ରତିଶତ ଅଞ୍ଚଳରେ ରୂଆବେଉଷଣ କାର୍ଯ୍ୟ ସରିଯାଇଥିବା ବେଳେ ବର୍ଷା ଉଭାନ ହୋଇଯାଇଥିବାରୁ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ବର୍ତ୍ତମାନ ଶ୍ରାବଣ ମାସ ହୋଇଥିବା ବେଳେ ଏହି ସମୟରେ ବର୍ଷା ଲାଗି ରହିବା କଥା କିନ୍ତୁ ଶ୍ରାବଣ ମାସରେ ବୈଶାଖ ମାସର ତାତି ଅନୁଭୁତ ହେଉଛି। ବର୍ତ୍ତମାନ ଯେତିକି ଜମିରେ ଚାଷକାର୍ଯ୍ୟ ହୋଇଯାଇଛି ସେସବୁ ଜମିରେ ପାଣିର ଅଭାବ ଯୋଗୁଁ ଜମି ଫାଟି ଆଁ କଲାଣି। ଗୋଲାମୁଣ୍ଡା ବ୍ଲକର ୨୮ ଟି ପଞ୍ଚାୟତରେ ବର୍ତ୍ତମାନ ଆବଶ୍ୟକଠାରୁ କମ ବର୍ଷା ହେଇଥିବାରୁ ଚାଷୀମାନେ ଘୋର ଚିନ୍ତାରେ। କେତେକ ଅଞ୍ଚଳରେ ଚାଷୀ ରୁଆବେଉଷଣ ପାଇଁ ଧାନ ତଳି ପକାଇ ଥିବା ସମୟରେ ତଳିଗୁଡିକ ବର୍ଷା ଓ ଖରା ଯୋଗୁଁ ଶୁଖିବାକୁ ଲାଗିଲାଣି। ଜମିରେ ରୂଆ ହୋଇଥିବା ଧାନ ଓ ବୁଣା ଧାନ ମଧ୍ୟ ପାଣି ଅଭାବରୁ ଠିକ ଭାବରେ ବଢ଼ି ନପାରି ମରିବାକୁ ଲାଗିଲାଣି। ସାଧାରଣତଃ ଶ୍ରାବଣ ମାସର ବର୍ଷାରେ ନଦି ନାଳ ଓ ଡ୍ୟାମ ଗୁଡିକ ପରିପୂର୍ଣ୍ଣ ହୋଇଥାଏ ଯାଦ୍ୱାରାକି ଚାଷୀ ଶ୍ରାବଣ ମାସ ପରେ ଧାନ ଚାଷ ପାଇଁ ପାଣି ଦରକାର ହେଲେ ନଦି ନାଳ ଓ ଡ୍ୟାମରୁ ପାଣି ଲଗାଇଥାଏ। ଚଳିତ ବର୍ଷ ନଦି ନାଳ ଓ ଡ୍ୟାମ ଗୁଡିକରେ ମଧ୍ୟ ଜଳସ୍ତର କମ ରହିଛି ଯାହାକି ଚାଷୀଙ୍କ ସମସ୍ୟାକୁ ଦୁଇ ଗୁଣିତ କରିଛି। ବର୍ତ୍ତମାନ ସମୟରେ ଚାଷୀ ରୂଆବେଉଷଣ କାର୍ଯ୍ୟରେ ମଜିଯିବା କଥା କିନ୍ତୁ ବର୍ଷା ଅଭାବ ଯୋଗୁଁ ଚାଷୀ କେବଳ ଭସାବାଦଲକୁ ଚାହିଁ ବସିଛି। ଚାଷୀ ଧାନ କରଜ କରି ବିହନ ରାସାୟନିକ ସାର କିଣିଥିବା ବେଳେ ବିଗତ କେତେକ ବର୍ଷ ହେଲା ଗୋଲାମୁଣ୍ଡା ବ୍ଲକର ଚାଷୀ ଧାନ ଚାଷ କରି ମରୁଡ଼ିର ସମ୍ମୁଖୀନ ହୋଇ ତାଙ୍କର ସାର ଓ ବିହନ ଖର୍ଚ୍ଚ ମଧ୍ୟ ବାହାରି ପାରିନଥିବା ବେଳେ ଚଳିତ ବର୍ଷ ମଧ୍ୟ ଏପରି ପରିସ୍ଥିତି ଦେଖାଦେଲେ ଚାଷୀଙ୍କୁ ସାର ଓ ବିହନ ଖର୍ଚ୍ଚ ମିଳିବ କି ନାହିଁ ଆଶଙ୍କାରେ ଅଛନ୍ତି ବ୍ଲକର ଚାଷୀ। ଆଗମୀ ଏକ ସପ୍ତାହ ମଧ୍ୟରେ ଯଦି ସଠିକ ପରିମାଣରେ ବର୍ଷା ନହେଲେ ଚଳିତ ବର୍ଷ ମଧ୍ୟ ଗୋଲାମୁଣ୍ଡା ବ୍ଲକର ଚାଷୀ ଭୟାବହ ମରୁଡ଼ିର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ବ୍ଲକର ଅନେକ ପଞ୍ଚାୟତର ଚାଷୀଙ୍କ ଧାନ ତଳି ଓ ରୂଆ ଧାନ ମରିବା ଯାଇଥିବା ବେଳେ ବର୍ଷା ହେଲେ ମଧ୍ୟ ଏହା ବଢ଼ି ପାରିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

TN.TPWODL/TP/O/SITC/2500001039 Date. 07.08.2025

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**2 Year RC for SITC of 2 KVA UPS Along with Other Accessories.**

Interested bidders are to submit Tender Participation Fee and Authorization Letter through email on or before **18th August 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ। -ଆଇଜାକ୍ ନିଉଟନ୍

ସକାଳ THE SAKALA

## ସଂସଦରେ 'ସାର୍'

ବିହାରରେ ଆସନ୍ନ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ ପାଇଁ ଜୁନ୍ ୨୫ ତାରିଖରୁ ଯେଉଁ ସ୍ୱତନ୍ତ୍ର ଅଭିଯାନ(ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍-ସାର) ଆରମ୍ଭ ହୋଇଥିଲା ତାହା ଗତ ଜୁଲାଇ ୨୫ ତାରିଖରେ ସମାପ୍ତ ହୋଇଛି। ସଂଶୋଧିତ ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି। ସମସ୍ତ ନକଲି, ଦ୍ୱୈତ ଓ ଭୂତ ଭୋଟରମାନଙ୍କୁ ବାଦ୍ ଦିଆଯାଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଅପରପକ୍ଷରେ ଅନେକ ବୈଧ ଭୋଟର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲୋଡ଼ା ଯାଇଥିବା ପର୍ଯ୍ୟାପ୍ତ ପ୍ରମାଣପତ୍ର ସୀମିତ ସମୟ ଭିତରେ ଦାଖଲ କରିପାରିନଥିବାରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ରିପୋର୍ଟ ତଲବ କରିଛନ୍ତି। ପ୍ରସଙ୍ଗର ଜଟିଳତା ଦୃଷ୍ଟିରୁ ଆଗାମୀ ଦିନରେ ଏହା ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

'ସାର'ର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହୋଇଛି ଦେଶର ସଂସଦ ଉପରେ। ମୌସୁମୀ ଅଧିବେଶନ ଆରମ୍ଭରୁ 'ସାର'କୁ ନେଇ ଉଭୟ ଗୃହରେ ହଟ୍ଟଗୋଳ ଲାଗି ରହିଥିବା ବେଳେ କେବଳ 'ଅପରେସନ୍ ସିନ୍ଦୂର' ବିତର୍କକୁ ବାଦ୍ ଦେଇ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରିନାହିଁ କି ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରୁଥିବା ବେଳେ ସରକାରୀ କଳ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ଅସ୍ୱାଭାବିକ ସ୍ଥିତିରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିନା ଆଲୋଚନା ଓ ବିତର୍କରେ ଉପସ୍ଥାପିତ ଓ ପାରିତ ହୋଇଯାଉଛି। ସଂସଦୀୟ ଗଣତନ୍ତ୍ରରେ ଏହା ଏକ ଅବାଞ୍ଛିତ ଅଧ୍ୟାୟ ସୃଷ୍ଟି କରିଛି।

ଆମେ ପୂର୍ବରୁ ମଧ୍ୟ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲୁ ଯେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ଭୋଟର ତାଲିକା ତ୍ରୁଟିଶୂନ୍ୟ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପାଇଁ ଯେଉଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା ତାହା ଯଥେଷ୍ଟ ନଥିଲା। ବିହାର ଭଳି ଏକ ଅବିକଶିତ ତଥା ଜନବହୁଳ ରାଜ୍ୟରେ ଦୁର୍ଗମ ଅଞ୍ଚଳର ଅପାଠୁଆ ଲୋକମାନେ 'ସାର'ରେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ ବୈଧ ଭୋଟରମାନେ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ହରାଇପାରନ୍ତି ବୋଲି ଆମେ ଆଶଙ୍କା କରିଥିଲୁ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ସେହି ଆଶଙ୍କା କେତେକାଂଶରେ ସତ ହୋଇଥିବା ଅଭିଯୋଗ ଆସୁଛି। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠରେ ଏହି ମାମଲା ବିଚାରାଧୀନ ଥିବାରୁ ଏବଂ ନିର୍ବାଚନ ଆୟୋଗ ଅଦାଲତରେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖିବାକୁ ଯାଉଥିବାରୁ ଆମେ ନିଜସ୍ୱ ମତ ଦେବା ଅନୁଚିତ ହେବ।

ସମ୍ପ୍ରତି 'ସାର'କୁ ନେଇ ସଂସଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଉପରେ କିଛିଟା ଆଲୋଚନା କରିବା। ସଂସଦ ସମ୍ପୂର୍ଣ୍ଣ ରୂପେ ନୀତି ନିର୍ଦ୍ଧାରକଙ୍କ ସ୍ୱାଧିକାର କ୍ଷେତ୍ର ହୋଇଥିବାରୁ ଆମେ ସେମାନଙ୍କୁ ଗୃହ ମଧ୍ୟସ୍ଥ କାର୍ଯ୍ୟଧାରା ଓ ଆଚରଣରେ ଉଚିତ/ଅନୁଚିତର ପାଠ ପଢ଼ାଇବା ଧୃଷ୍ଟତା ହେବ। କିନ୍ତୁ ସେମାନଙ୍କୁ ଯେଉଁ ଭୋଟରମାନେ ସେମାନଙ୍କ ପ୍ରତିନିଧି ଭାବେ ନୀତି ନିର୍ଦ୍ଧାରଣ ପାଇଁ ଭୋଟ ଦେଇ ସଂସଦକୁ ପଠାଇଛନ୍ତି ସେମାନଙ୍କ ପ୍ରତି ବା ସମ୍ପୃକ୍ତି ନିର୍ବାଚନ ମଣ୍ଡଳୀ ପ୍ରତି ଯେ କେତେକ ଉତ୍ତରଦାୟିତ୍ୱ ରହିଛି, ତାହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ସଂସଦୀୟ କାର୍ଯ୍ୟକ୍ରମ ବ୍ୟାହତ ହେଲେ କିମ୍ବା ଦୀର୍ଘସମୟ ଧରି ଅଚଳ ହେଲେ କିମ୍ବା ବାରମ୍ବାର ହଟ୍ଟଗୋଳ ହେଲେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକଙ୍କ ମନରେ କେତେକ ବିରୋଧାଭାସ ସୃଷ୍ଟି ହେବା ସ୍ୱାଭାବିକ।

ଜନତାଜନାର୍ଦ୍ଦନଙ୍କ ଦୃଷ୍ଟିକୋଣରୁ ଯେତେଦୂର ମନେ ହୁଏ ବିରୋଧୀ ଦଳର ନ୍ୟାଯ୍ୟ ଦାବିକୁ ଶାସକ ଦଳ ଯଦି ଉଦ୍ଦେଶ୍ୟମୂଳକ ଭାବେ ଏଡ଼ାଇ ଚାଲନ୍ତି ତେବେ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବ। ଅପରପକ୍ଷରେ ଯଦି କେବଳ ବିରୋଧ ଆଳରେ ହଟ୍ଟଗୋଳ ସୃଷ୍ଟି ଉଦ୍ୟମ ହୁଏ ତେବେ ସରକାରୀ ଦଳକୁ ଉତ୍ତରଦାୟୀ କରିବାର ସୁଯୋଗ ମଉଳି ଯିବ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ସରକାରୀ ଦଳରୁ ମିଳିପାରିବ ନାହିଁ। ଆଲୋଚନା ନ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକପାରିତ ହୋଇଯିବ। ସଂସଦ ଅଚଳ ହେଲେ ମଧ୍ୟ ଅମଲାତନ୍ତ୍ରକୁ ଆରାମ କରିବାର ସୁଯୋଗ ମିଳୁଛି ବୋଲି କେତେକ ନୀତିନିର୍ଦ୍ଧାରକଙ୍କ ମତ ମଧ୍ୟ ଗ୍ରହଣଯୋଗ୍ୟ। ଏହାଦ୍ୱାରା ରାଜକୋଷୀୟ ଅପଚୟ ମଧ୍ୟ ଚିନ୍ତାଜନକ।

ବିଧାନପାଳିକା ଅଚଳ ହେଲେ ଶାସକ ଓ ବିରୋଧୀ ତୁଳନାରେ ଗଣତନ୍ତ୍ର ହିଁ ଅଧିକ କ୍ଷତିଗ୍ରସ୍ତ ହୁଏ। ଜଣେ ଜଣେ ଜନପ୍ରତିନିଧି ଲକ୍ଷଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି। ବିଧାନପାଳିକା ହେଉଛି ଗଣତନ୍ତ୍ରକୁ ସଚଳ ଓ କାର୍ଯ୍ୟକ୍ଷମ କରୁଥିବା ଏକ କ୍ଷେତ୍ର। ଯଦି ତାହା ଅଚଳ ହୋଇଯାଏ ତେବେ ଗଣତାନ୍ତ୍ରିକ ବ୍ୟବସ୍ଥା ହିଁ ଅଚଳ ହୋଇପଡ଼ିବ ବୋଲି ଧରାଯିବ। ବିଧାନପାଳିକାରେ କେହି ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସମସ୍ତେ ଜନାଦେଶ ବଳରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଅଞ୍ଚଳକୁ ଦେଶର ଗଣତନ୍ତ୍ର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଦଳଗତ ଓ ଆଦର୍ଶଗତ ଦୃଷ୍ଟିରୁ ବିରୋଧାଭାସ ଥାଇପାରେ। କିନ୍ତୁ ତାହା ଆକ୍ରୋଶର ରୂପ ନେବା ଗଣତନ୍ତ୍ର ପାଇଁ ହିତକର ନୁହେଁ।

ଏବେ ସଂସଦ ଭିତରେ ଯାହା ଘଟୁଛି ତାହା ସାରାବିଶ୍ୱର ଲୋକ ଦେଖୁଛନ୍ତି। ସାମ୍ବାଦିକମାନେ କିଛି ଗଠନମୂଳକ ଆଲୋଚନାକୁ ଲିପିବଦ୍ଧ କରିବାକୁ ସକାଳୁ ରାତି ଯାଏଁ ଚାହିଁ ବସୁଛନ୍ତି। ଦେଶର ଯୁବପିଢ଼ି ନୀତି ନିର୍ଦ୍ଧାରକମାନଙ୍କଠାରୁ ପ୍ରେରଣାଦାୟୀ ବକ୍ତୃତା, ତର୍କ, ବିତର୍କ ଶୁଣିବା ପାଇଁ ଆଗ୍ରହୀ ହୋଇ ଚାହୁଁଛନ୍ତି। ଏଠାରେ ସଂସଦୀୟ ମନ୍ତ୍ରୀ କିରଣ ରିଜୁଙ୍କ ଏକ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ - 'ନକାରାତ୍ମକତା ପ୍ରଚାରସର୍ବସ୍ୱ ହୋଇପାରେ ଗଠନମୂଳକ କଦାପି ହୋଇପାରିବ ନାହିଁ।' ଏହା ସମସ୍ତ ନୀତି ନିର୍ଦ୍ଧାରକ ସ୍ମରଣକୁ ଆଣିବା ଉଚିତ।

ଆମେ ଏଠାରେ ଗଣତନ୍ତ୍ରର ଏକ ଦାୟିତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଲ୍ଲେଖ କରିବା ଉଚିତ ମଣୁଛୁ ଯେ ଦେଶର ଯେକୌଣସି ଅଞ୍ଚଳର ଯେଉଁ ସମସ୍ୟା ହେଉ ତାହା ସଂସଦରେ ଗୁରୁତ୍ୱ ପାଇବା ଦରକାର। ଠିକ୍ ସେହି ସମୟରେ 'ସାର' ଭଳି ଏକ ପ୍ରସଙ୍ଗରେ ଅବଶିଷ୍ଟ ଭାରତର ସମସ୍ୟା ଓ ପ୍ରସଙ୍ଗ ଯେ ଉପେକ୍ଷିତ ହେବା କଥା ନୁହେଁ। ଏ ଦିଗରେ ଉଭୟ ପକ୍ଷ ଧ୍ୟାନ ଦେବାକୁ ଆମର ସଂଭ୍ରମ ଅନୁରୋଧ। ●

## ଅଦୃଶ୍ୟ ଲେଖକର କଥା ଓ ବ୍ୟଥା

**ରାକେଶ ପଣ୍ଡା**

ଜଣେ ଲେଖକଙ୍କର ବିଭିନ୍ନ ପ୍ରକାରର ଲେଖା ପଢ଼ି ପାଠକ ଆନନ୍ଦ ଲାଭ କରିଥାଏ। ତା'ର ମନ ଓ ହୃଦୟକୁ ସ୍ପର୍ଶ କରୁଥିବା ଲେଖାଟିକୁ ନିକଟରେ ପାଇ ସେ ସ୍ୱାଭାବିକ ଭାବରେ ଆତ୍ମବିଭୋର ହୋଇପଡ଼େ। ଏଥିସହ ଉକ୍ତ ଲେଖାର ସୃଷ୍ଟି କର୍ତ୍ତା ବା ଲେଖକଟିକୁ ମଧ୍ୟ ସେ ହୃଦୟରୁ ଭଲପାଇ ବସେ। ଅନେକ ଶୁଭେଚ୍ଛା, ଶୁଭକାମନା ଓ ଆଶୀର୍ବାଦ ଅଜାଡ଼ି ଦିଏ। କିନ୍ତୁ ପାଠକର ଅଜାଣତରେ ବେଳେବେଳେ ଏମିତି ଘଟିଥାଏ ଯେ ଉକ୍ତ ଲେଖାଟିର ଲେଖକ ବୋଲାଉ ଥିବା ଅବା ପରିଚୟ ପାଇଥିବା ବ୍ୟକ୍ତି ଜଣଙ୍କ ତା'ର ପ୍ରକୃତ ସ୍ରଷ୍ଟା ହୋଇ ନଥା'ନ୍ତି! ଏହାଛଡ଼ା ଅନେକ ସମୟରେ ବଡ଼ ବଡ଼ ମଞ୍ଚ ଉପରେ ଏବଂ ଜନବହୁଳ ସାଧାରଣସଭାରେ ମଞ୍ଚାସୀନ ପ୍ରତିଷ୍ଠିତ ଅତିଥିବୃନ୍ଦ ସେଠାରେ ଉପସ୍ଥିତ ଜନତାଙ୍କୁ ପ୍ରଦାନ କରୁଥିବା ଭାଷଣ ମଧ୍ୟ ତାଙ୍କର ନିଜର ଲେଖା ବା ସୃଜନ ହୋଇ ନ ଥାଏ। ଯାହାକି ଜଣେ ଅଦୃଶ୍ୟ ତଥା ଅଜ୍ଞାତ ଲେଖକଙ୍କ ଦ୍ୱାରା ରଚନା କରାଯାଇଥାଏ। ଉକ୍ତ ବିଷୟବସ୍ତୁଟି ସାମାନ୍ୟ ବିତର୍କମୂଳକ ହେଲେ ମଧ୍ୟ ଏହା ଏକ ସମ୍ବେଦନଶୀଳ ବାସ୍ତବତାକୁ ବହନ କରିଥାଏ।

ପୂର୍ବକାଳରେ ବିଶିଷ୍ଟ କବି/ଲେଖକମାନେ ପୃଷ୍ଠପୋଷକତା ଓ ଅନୁଗ୍ରହ ପାଇବା ପାଇଁ ନିଜ ରଚନାକୁ ରାଜାମହାରାଜାଙ୍କ ନାମରେ ଭଣିତା କରୁଥିଲେ, ଯାହା ସେମାନଙ୍କ ଗ୍ରନ୍ଥାବଳୀ ବା ସୃଜନକୃତିରେ ଦେଖିବାକୁ ମିଳେ। ଯୋଗୀ ଅରବିନ୍ଦ ମଧ୍ୟ ଯୁବାବସ୍ଥାରେ ଜନୈକ ରାଜାଙ୍କ ପାଇଁ ପ୍ରଚ୍ଛଦପଟ୍ଟ ଭାବେ ଲେଖୁଥିବା କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଏହି ଧାରା ଏବେ ମଧ୍ୟ ଜାରି ରହିଛି। ଦାରିଦ୍ର୍ୟ, ଅଭାବ ଓ ଅନାହାରରେ ଜୀବନ ବିତାଉଥିବା ମା' ଟିଏ ଯେପରି ନିଜର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କିମ୍ବା ଚିକିତ୍ସା ପାଇଁ କେଇଟା ଟଙ୍କା ବିନିମୟରେ ନିଜ ଜନ୍ମିତ ସନ୍ତାନକୁ ଜଣେ ଧନୀଲୋକର ହାତକୁ ଟେକି ଦେଇଥାଏ; ଠିକ୍ ସେହିପରି ନିଜର ଲେଖନୀକୁ ନେଇ ଆର୍ଥିକ ଅନଟନ ମଧ୍ୟରେ ବଞ୍ଚୁଥିବା କେତେ ଜଣ ଅଭାବୀ ଲେଖକ ବେଳେବେଳେ ନିଜର ଲେଖିକୀୟ କୃତି ତଥା ମାନସ ସନ୍ତାନକୁ କିଛି ଟଙ୍କା ପାଇଁ ସମାଜର ପ୍ରତିଷ୍ଠିତ ଲୋକଙ୍କ ନାମରେ ଉତ୍ସର୍ଗ କରିଦିଅନ୍ତି। ପରବର୍ତ୍ତୀ ସମୟରେ ସେହି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ଉକ୍ତ ଲେଖାଟି ପ୍ରକାଶିତ ହୋଇ ସମାଜରେ ପାଠକୀୟ ଆଦୃତି ସହିତ ଏକ ନୂତନ ପରିଚୟ ଲାଭ କରିଥାଏ। ଲେଖାର ସୃଜନରେ ପରିଶ୍ରମ ଓ ସୃଜନଶୀଳତା ଜଣେ ବ୍ୟକ୍ତିଙ୍କର ଥାଏ, କିନ୍ତୁ ପରିଚୟ ଅନ୍ୟ ଜଣେ ମଣିଷର ହୋଇଥାଏ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଆମେରିକୀୟ ଲେଖକ କେଭିନ୍ ଟ୍ରୁଡୋଙ୍କ ଦ୍ୱାରା ରଚିତ ଏକ କାର୍ଯ୍ୟକ୍ରମ 'ୟୋର ୱିସ ଇଜ ୟୋର କମାଣ୍ଡ'ରେ ସେ ପ୍ରକାଶ କରିଛନ୍ତି ଯେ 'ଅତି ଧନୀ ଲୋକ କିମ୍ବା ଲେଖକମାନେ ବହି ଲେଖନ୍ତି ନାହିଁ। ସେମାନେ ଜାଣନ୍ତି ନାହିଁ ଯେ ସେମାନଙ୍କ ନାମରେ ପ୍ରକାଶ ହୋଇଥିବା ପୁସ୍ତକଗୁଡ଼ିକରେ କ'ଣ ଲେଖା ଅଛି। କାରଣ ସେମାନେ ଅଦୃଶ୍ୟ ଲେଖକ(ଘୋଷ୍ଟ ରାଇଟର)ଙ୍କ ଉପରେ ନିର୍ଭର କରନ୍ତି।

କିଛିଦିନ ତଳେ ଗୋଟିଏ ଅଜଣା ଫୋନ ନମ୍ବରରୁ ଜଣେ ଅଚିହ୍ନା ବ୍ୟକ୍ତି ମୋତେ କଲ୍ କରିଥିଲେ ଏବଂ ନିଜର ପରିଚୟ ଜଣେ ନାମୀ ଲୋକ ଭାବରେ ପ୍ରଦାନ କରି କହିଲେ ଯେ, 'ଆପଣଙ୍କ ଲେଖା ଅତି ଉଚ୍ଚକୋଟୀର। ମୋତେ ପଢ଼ିବାକୁ ଭଲ ଲାଗେ। ଆପଣ ୧୦୦୦ ଶବ୍ଦର ଗୋଟିଏ ନିବନ୍ଧ ମୋ ପାଇଁ ଲେଖିବେ କି? ଲେଖାଟି ମୋ ନାମରେ ରହିବ, ଯେଉଁଥିପାଇଁ ମୁଁ ଆପଣଙ୍କୁ ୨୦୦୦ ଟଙ୍କା ଦେବି। ତା'ସହ ଯଦି କେବେ କୌଣସି ବ୍ୟକ୍ତିଗତ କ୍ଷେତ୍ରରେ କିଛି ସହଯୋଗ ଦରକାର ହୁଏ ତେବେ ତାହା ମଧ୍ୟ ମୁଁ କରିବି। ପ୍ରତିଉତ୍ତରରେ ଧନ୍ୟବାଦ ଜ୍ଞାପନ ସହ ମୁଁ ଉକ୍ତ ବ୍ୟକ୍ତି ଜଣଙ୍କୁ କହିଲି, 'ଲେଖିବା ମୋର ପେସା ନୁହେଁ, ନିଶା। ଜୀବନ ବଞ୍ଚିବାର ଭିନ୍ନ କାରଣ ମଧ୍ୟ। ପ୍ରତିଟି ଲେଖାକୁ ମୁଁ ଅନ୍ତରଆତ୍ମାରୁ ଜନ୍ମ ଦିଏ, ଯାହା କି ମୋର ଗୋଟିଏ ସନ୍ତାନ ସଦୃଶ। ଜଣେ ଜନ୍ମଦାତା କିଛି ଟଙ୍କା ଓ ବ୍ୟକ୍ତିଗତ ସ୍ୱାର୍ଥ ତଥା ଲାଭ ପାଇଁ କ'ଣ କେବେ ନିଜର ସନ୍ତାନକୁ ବିକ୍ରି କରିପାରେ କି? ଯେଉଁ ଭାବନା ଆପଣଙ୍କ ମନକୁ ଆଜି ଗ୍ରାସ କରିଛି ତାହା ଗୋଟିଏ ଲେଖକ ପାଇଁ ବଡ଼ ଅପମାନ ଓ ସମାଜ ପାଇଁ ଅପରାଧ। ଯଦି ଲେଖକୀୟ ଦକ୍ଷତା ଓ ସୃଜନଶୀଳତା ଆପଣଙ୍କ ନାହିଁ, ତେବେ ଲେଖକ ହେବା ନିମନ୍ତେ ଆପଣ କିପରି ଚିନ୍ତା କରୁଛନ୍ତି ଏବଂ କିପରି ଏହାର ବ୍ୟବସାୟୀକରଣ କରୁଛନ୍ତି?' ଏହାପରେ ଉକ୍ତ ବିଷୟକୁ ନେଇ ମୁଁ କିଛି ପ୍ରତିଷ୍ଠିତ ସମୀକ୍ଷକ ଓ ଲେଖକଙ୍କଠାରୁ ଘଟଣା ସମ୍ବନ୍ଧରେ ଆହୁରି ଅଧିକ ଜାଣିବା ନିମନ୍ତେ ପ୍ରୟାସ କଲି। ମୁଁ ଜାଣିପାରିଲି ଯେ ବାସ୍ତବରେ ଜଣେ ଲେଖକର ସୃଜନଶୀଳତା ଓ ଲେଖକୀୟ ସୃଷ୍ଟିର କିଣା-ବିକା ହେଉଛି। ଯେଉଁଥିପାଇଁ, ସମାଜରେ ଏକ ଅଦୃଶ୍ୟ ବଜାର ମଧ୍ୟ କାର୍ଯ୍ୟ କରୁଛି। କିଛିତଥ୍ୟ ଅନୁସାରେ, ଏହି ଧାରା ପ୍ରାୟତଃ ୧୮୦୦ ଦଶକର ଶେଷ ଭାଗରୁ ଚାଲିଆସୁଛି। ଆଜିକାଲି ଏହି ଲେଖକମାନଙ୍କୁ ସାଧାରଣତଃ ଆଜିର ସମାଜର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଯୁକ୍ତି ଦିଅନ୍ତି, ଯେଉଁମାନଙ୍କ ପାଖରେ ନିଜର ପୁସ୍ତକ, ପ୍ରବନ୍ଧ କିମ୍ବା ଭାଷଣ ପ୍ରସ୍ତୁତ କରିବା ପାଇଁ ସମୟ କିମ୍ବା ଦକ୍ଷତାର ଅଭାବ ରହିଥାଏ। ତେବେ ନିଜର ଭାବନାକୁ ଶବ୍ଦରେ ରୂପାନ୍ତରିତ କରିବାର ଯନ୍ତ୍ରଣା, ଉଦ୍ୟମ ଓ ପରିଶ୍ରମକୁ ଜଣେ ଲେଖକ ହିସାବରେ ମୁଁ ଅତି ଗଭୀରତାର ସହ ବୁଝିଥାଏ। ଯେଉଁ ଲେଖକଟି କିଛି ଟଙ୍କା ପାଇଁ ନିଜର ଲେଖାକୁ ବିକ୍ରି କରିଦିଏ, ତା'ର ଅନ୍ତରରେ ସୃଷ୍ଟି ହେଉଥିବା ଉକ୍ତ ବେଦନା ଓ ପରିସ୍ଥିତି କଥା ଚିନ୍ତା କରି ମୋ ଆଖିରୁ ଦୁଇ ଧାର ଲୁହ ଖସି ଆସିଲା। ତେବେ ନୈତିକତା ଆଧାରରେ ଏହି ବିଷୟବସ୍ତୁ ତଥା କାର୍ଯ୍ୟକଳାପ କେତେ ଯଥାର୍ଥ, ତାହା ମୋ ମନର ପ୍ରଶ୍ନଘେର ମଧ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି।

ଏହି ପରିପ୍ରେକ୍ଷୀରେ, ଆଜିର ସମୟରେ ଲେଖନୀକୁ ପେସା ଭାବରେ ଗ୍ରହଣ କରିଥିବା ଲେଖକମାନଙ୍କୁ ଯଦି ତାଙ୍କର ସଠିକ ପାରିଶ୍ରମିକ ମିଳିବାର କିଛି ସରକାରୀ ଓ ବେସରକାରୀ ବନ୍ଦୋବସ୍ତ କରାଯା'ନ୍ତା, ତେବେ ଉକ୍ତ ଅଜ୍ଞାତ ଓ ଅଦୃଶ୍ୟ ଲେଖକଟି ପରଦା ପଛର ନାୟକ ଭାବରେ ରହିଯାଇ ନିଜର ପରିଚୟକୁ ସୁପ୍ତ ରଖନ୍ତା ନାହିଁ। ଏକ ସାମାଜିକ ପରିଚୟ ସହ ପାଠକମାନଙ୍କର ଭଲପାଇବାକୁ ସେ ସିଧାସଳଖ ଭାବରେ ଲାଭ କରିପାରନ୍ତା। ଏତଦ୍‌ବ୍ୟତୀତ, ଆଜିର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି, ଯେଉଁମାନେ କି ଅନ୍ୟର ଲେଖାକୁ ଅର୍ଥ ଓ କ୍ଷମତାରେ କ୍ରୟ କରି ନିଜର ନାମ ସହ ପ୍ରକାଶିତ କରିବାକୁ ରୁଚି ରଖନ୍ତି, ସେମାନେ ନିଜ ମନ, ହୃଦୟ ଓ ଚିନ୍ତାଧାରାକୁ ସାମାନ୍ୟ ବଡ଼ କରି ନିଃସ୍ୱାର୍ଥପର ଭାବରେ ଅଭାବୀ ଲେଖକଟିଏକୁ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଜରୁରୀ। ଲେଖକଟିର କଲମ ଚାଳନାକୁ ସହଯୋଗ ଓ ତ୍ୱରାନ୍ୱିତ କରିବା ପୂର୍ବକ ତା'ର ହାତଲେଖାଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶିତ କରି ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରୟାସ କରିବା ଉଚିତ। ଏହା ଏକ ଶିକ୍ଷିତ, ସମନ୍ୱିତ ଓ ସୁସ୍ଥ ସମାଜ ଗଠନ ଦିଗରେ ବଡ଼ କାରକ ସାଜିବ ବୋଲି ଅନୁମାନ କରାଯାଏ। ●

ବନ୍ଧାଲୋ(କଟକ), ମୋ: ୯୩୩୭୮୯୭୬୫୦

## ବ୍ୟବସ୍ଥା ଓ ବିଶ୍ୱାସ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗତିଶୀଳ ଜୀବନର ଭିଡ଼ ଭିତରେ ଅନେକ ଅପ୍ରତ୍ୟାଶିତ ଘଟଣା ସାଧାରଣ ହେବାରେ ଲାଗିଛି। ଧାର୍ମିକ ସମାବେଶରେ, ଟ୍ରେନ୍ ଚଢ଼ିବା ସମୟରେ, ଆଉ କେତେବେଳେ ଦେବାଳୟରେ। ଏହା ପରିତାପର ବିଷୟ ଯେ ଏହି ଘଟଣାଗୁଡ଼ିକରୁ କୌଣସି ଶିକ୍ଷା ନିଆଯାଉନାହିଁ। ପ୍ରତ୍ୟେକ ଥର ପୁଙ୍ଖାନୁପୁଙ୍ଖ ତଦନ୍ତ, କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ଦାବି କରାଯାଏ। କିନ୍ତୁ ଫଳାଫଳ ଶୂନ୍। ହରିଦ୍ୱାରର ପ୍ରସିଦ୍ଧ ମନସା ଦେବୀ ମନ୍ଦିରରେ ୨୭ ଜୁଲାଇର ଘଟଣା ଦୁଃଖଦ। ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୩୦ ଜଣ ଆହତ ହୋଇଥିଲେ। ତା' ପରଦିନ ଉତ୍ତରପ୍ରଦେଶର ବାରବାଙ୍କି ଜିଲ୍ଲାର ଆବାଶନେଶ୍ୱର ମନ୍ଦିରରେ ସମାନ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଲା। ମନେହୁଏ ଦଳାଚକଟାର ଏକ କ୍ରମ ଆରମ୍ଭ ହୋଇଛି ଏବଂ ବ୍ୟବସ୍ଥାଗତ ତ୍ରୁଟି ସଜାଡ଼ି ହୋଇପାରୁନାହିଁ।

ହରିଦ୍ୱାରର ଘଟଣା ପ୍ରଥମ ନଥିଲା। ପୂର୍ବରୁ ୧୯୮୬ କୁମ୍ଭମେଳାରେ ଦଳାଚକଟାରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ମସିହାରେ ହର କି ପେଡ଼ିରେ ୨୦ ଜଣ, ଶାନ୍ତିକୁଞ୍ଜର ଏକ କାର୍ଯ୍ୟକ୍ରମରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୫୦ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣାଗୁଡ଼ିକର କାରଣ ପ୍ରାୟ ସମାନ। ମହାକୁମ୍ଭ ପ୍ରୟାଗରାଜର ମୌନୀ ଅମାବାସ୍ୟା ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ମଧ୍ୟରେ ଘଟିଥିବା ଦୁର୍ଘଟଣା ଏବଂ ତା'ପରେ ଟ୍ରେନ ବିଳମ୍ବ, ପ୍ଲାଟଫର୍ମରେ ସଂଖ୍ୟାଧିକ ଲୋକଙ୍କ ଯୋଗୁଁ ଦିଲ୍ଲୀ ରେଳ ଷ୍ଟେସନର ଅପ୍ରୀତିକର ଘଟଣା କୁପରିଚାଳନା ଓ ବିଶୃଙ୍ଖଳାକୁ ଇଙ୍ଗିତ କରେ। ଏହା ପରେ ପରେ ବାଙ୍ଗାଲୋର ଆଇପିଏଲ୍ ବିଜୟ ପାଳନ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଦୁର୍ଘଟଣାରେ ସମସ୍ତେ ସ୍ତବ୍ଧ ହେଲେ। ପୂର୍ବରୁ ୨୦୨୪ ମସିହାରେ ଉତ୍ତର ପ୍ରଦେଶର ହାଥରସରେ ଜଣେ ଆତ୍ମ ଘୋଷିତ ବାବାଙ୍କ ସତସଙ୍ଗରେ ଦଳାଚକଟା ଘଟି ୧୨୧ ରୁ ଅଧିକଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ ମସିହାରେ ବୈଷ୍ଣୋ ଦେବୀ ମନ୍ଦିରରେ ନୂତନ ବର୍ଷ ଅବସରରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିଲେ। ୨୦୦୮ ମସିହାରେ ହିମାଚଳ ପ୍ରଦେଶର ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବ ଯୋଗୁଁ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୁରୀ ରଥଯାତ୍ରା ଭିଡରେ ୩ଜଣ ଶ୍ରଦ୍ଧାଳୁ ଜୀବନ ହାରିଲେ। ସେହିପରି ଜାନୁଆରୀ ୨୦୨୫ ରେ ତିରୁପତି ମନ୍ଦିରର ଟୋକନ୍ ବଣ୍ଟନ କେନ୍ଦ୍ରରେ ହଠାତ୍ ଭିଡ଼ ଜମିଗଲା ଏବଂ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତେ ୬ ଜଣ ପ୍ରାଣ ହରାଇଲେ। ପ୍ରଶ୍ନ ଉଠେ ଟୋକନ୍ ବଣ୍ଟନ ଭଳି ଡିଜିଟାଲ୍ ନିୟନ୍ତ୍ରିତ କାର୍ଯ୍ୟରେ ମଧ୍ୟ ଏତେ ବିଶାଳ ଭିଡ଼ କିପରି ହେଲା?

ଏହି ଘଟଣାଗୁଡ଼ିକ କେବଳ ସଂଖ୍ୟା ନୁହେଁ. ବରଂ ବ୍ୟବସ୍ଥାଗତ ବିଫଳତାର ପ୍ରମାଣ। ପ୍ରଶ୍ନ ହେଉଛି ଏପରି କେତେ ଘଟଣା ପରେ ସଚେତନ ହେବା? ମନସା ଦେବୀ ମନ୍ଦିରରେ ଦଳାଚକଟାର କାରଣ ବିଦ୍ୟୁତ୍ କରେଣ୍ଟ ବ୍ୟାପିବା ଗୁଜବ ବୋଲି କୁହାଯାଉଛି। ପ୍ରଶାସନିକ କର୍ମଚାରୀମାନେ ଏପରି ଆଶଙ୍କାକୁ ପୂର୍ବାନୁମାନ କରିବାରେ ଏତେ ଅସମର୍ଥ କାହିଁକି? ଏପରି ଘଟଣା ଦେଶବ୍ୟାପୀ ଧାର୍ମିକ ସ୍ଥଳ ଏବଂ ସାର୍ବଜନୀନ ସମାବେଶରେ ହୋଇଥିବା ମାରାତ୍ମକ ଦଳାଚକଟାର ଆଉ ଏକ ସଂଖ୍ୟା। ମନ୍ଦିର, ରେଳ ଷ୍ଟେସନ ଓ ମହାକୁମ୍ଭ ଭଳି ସ୍ଥାନରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୮୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଉଲ୍ଲେଖନୀୟ ଯେ ମନସା ଦେବୀ ମନ୍ଦିରର ଅଘଟଣ ଗୁଜବରୁ ସୃଷ୍ଟି ହୋଇନଥିଲା ବରଂ ବର୍ଷ ବର୍ଷର ଅସାବଧାନତା ପରିଣାମ।

ଏହାର ଗୋଟିଏ କାରଣ ସରକାର ଓ ଧାର୍ମିକ ସଂଗଠନଗୁଡ଼ିକ ଯେତେ ଅଧିକ ଭିଡ଼ ଏକାଠି କରିପାରିବେ ସେତେ ବଡ଼ ସଫଳତା ସାଉଁଟିବେ। ଭକ୍ତଙ୍କ ସଂଖ୍ୟା ଲକ୍ଷ ଓ କୋଟିରେ ଗଣନା କରାଯାଏ ଏବଂ ଏହା ଅନୁମାନ କରାଯାଏ ଯେ ବିଶ୍ୱାସ ଯେତେ ବ୍ୟାପକ ହେବ ସେତେ ଅଧିକ ମାନ୍ୟତା ମିଳିବ। ପ୍ରଶାସନ ପ୍ରାୟତଃ ଦାବି କରେ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି, ସିସି ଟିଭି କ୍ୟାମେରା ଲଗାଛି, ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି, ରୁଟ୍ ପ୍ଲାନ୍ ପ୍ରସ୍ତୁତ। ତେବେ ଏତେ ସବୁ ପରେ ଦୁର୍ଘଟଣା ଘଟି ଅନେକ ମୃତାହତ ହୁଅନ୍ତି କାହିଁକି? ବାସ୍ତବତା ହେଉଛି ଅଧିକାଂଶ ଧାର୍ମିକ କାର୍ଯ୍ୟକ୍ରମରେ ଭିଡ଼ର ସଠିକ୍ ପୂର୍ବାନୁମାନ କରାଯାଏ ନାହିଁ। ଆୟୋଜକମାନେ ଭିଡ଼ ବିଷୟରେ କୌଣସି ବୈଜ୍ଞାନିକ ଆକଳନ କରନ୍ତି ନାହିଁ। କୁମ୍ଭ ମେଳା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ଧାର୍ମିକ କାର୍ଯ୍ୟକ୍ରମ, ବିଶେଷ ଅବସରରେ ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୁଅନ୍ତି। ଭିଡ଼ର ଏକାଗ୍ରତା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରେ। ଯୋଜନାର ଅଭାବ ଯୋଗୁଁ ଏସବୁ ପ୍ରାୟତଃ ଅନିଶ୍ଚିତ ହୋଇଯାଏ। ଏପରିସ୍ଥିତିରେ ଗୁଜବ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତି ଦଳାଚକଟା ଭଳି ଦୁଃଖଦ ଘଟଣା ଘଟାଇଥାଏ। ଗତ ଗୋଟିଏ ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ପ୍ରମାଣ କରିଛି ଯେ ଆମର ପ୍ରଶାସନିକ ପ୍ରସ୍ତୁତି, ବୈଷୟିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ। ପ୍ରକୃତରେ ଅନେକ ଧାର୍ମିକ ସ୍ଥାନରେ ପଥଗୁଡ଼ିକ ବହୁତ ସଂକୀର୍ଣ୍ଣ ଏବଂ ପ୍ରସ୍ଥାନ-ପ୍ରବେଶ ସମାନ ପଥରେ ହୋଇଥାଏ। ଏହା ଅବ୍ୟବସ୍ଥିତ ଭିଡ଼ ସୃଷ୍ଟି କରେ। ପ୍ରଶାସନିକ ସ୍ତରରେ କରାଯାଇଥିବା ଅସମ୍ପୂର୍ଣ୍ଣ ଓ ଯାନ୍ତ୍ରିକ ପ୍ରସ୍ତୁତି ପ୍ରାୟତଃ କାଗଜପତ୍ରରେ ସୀମିତ ରହିଯାଏ।

ଏସବୁ ଏଡ଼ାଇବା ପାଇଁ ଭିଡ଼ ସ୍ଥାନରେ ଏକ ବ୍ୟବହାରିକ ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିବା ଜରୁରୀ। ବାସ୍ତବ-ସମୟ ମନିଟରିଂ ଏବଂ ବୈଜ୍ଞାନିକ ନିରୀକ୍ଷଣ ହେବା ଉଚିତ। ଯେପରି ବିମାନବନ୍ଦର କିମ୍ବା ବଡ଼ ଷ୍ଟାଡିୟମରେ କ୍ୟାମେରା, ସେନ୍ସର ଓ ଏଆଇ ଆଧାରିତ ମନିଟରିଂ ଥାଏ, ଧାର୍ମିକ ସ୍ଥଳରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବା ଉଚିତ। ଲୋକଙ୍କ ସଂଖ୍ୟାର ଲାଇଭ୍ ଟ୍ରାକିଂ, ସିସିଟିଭି ବିଶ୍ଳେଷଣ ଏବଂ ଭିଡ଼ର ଗତିବିଧି ଉପରେ ନଜର ରଖି ପରିସ୍ଥିତିକୁ ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ। ପ୍ରମୁଖ ଧାର୍ମିକ ସ୍ଥଳ ଏବଂ କାର୍ଯ୍ୟକ୍ରମ ପାଇଁ ସର୍ବନିମ୍ନ ମାନଦଣ୍ଡ ସ୍ଥିର କରାଯିବା ଉଚିତ। ଯେପରିକି ପ୍ରବେଶ ଏବଂ ପ୍ରସ୍ଥାନ ପଥ ସଂଖ୍ୟା, ଯୋଗାଯୋଗ ବ୍ୟବସ୍ଥା, ଅଡିଓ-ଭିଡିଓ ସୂଚନା ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଇତ୍ୟାଦି। ଭକ୍ତମାନେ ଭିଡ଼ରେ କିପରି ଚାଲିବେ, କ'ଣ କରିବେ ନାହିଁ, ଗୁଜବ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ନାହିଁ, କେଉଁ ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ଦେବେ ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଚିତ। ଛୋଟ ଭିଡିଓ, ରେଡିଓ ବାର୍ତ୍ତା, ମନ୍ଦିରରେ ପୋଷ୍ଟର, ସ୍ଥାନୀୟ ଟିଭିରେ ବିଜ୍ଞାପନ, ଏସବୁ ସହାୟକ ହୋଇପାରେ। ଏହାବ୍ୟତୀତ ଆଇନ ପ୍ରଣୟନ ଏବଂ ଦାୟିତ୍ୱର ସୁଚାରୁ ବଣ୍ଟନ ହେବା ଆବଶ୍ୟକ। ସାମଗ୍ରିକ ଭାବରେ ପ୍ରତିଥର ଦୁର୍ଘଟଣା ପରେ ବୟାନ ଆସେ, କ୍ଷତିପୂରଣ ଘୋଷଣା କରାଯାଏ, ତଦନ୍ତ ଆୟୋଗ ଗଠନ ହୁଏ। କିନ୍ତୁ ପୁଣି ସେହି ଅବହେଳାର ପୁନରାବୃତ୍ତି।

ବର୍ତ୍ତମାନ ଏକ ସକ୍ରିୟ ନୀତି ଗ୍ରହଣ କରିବା ସମୟର ଆବଶ୍ୟକତା। ପ୍ରତ୍ୟେକ ଘଟଣାକୁ ଏକ ପ୍ରକଳ୍ପ ଭାବରେ ଦେଖାଯିବା ଉଚିତ। ଯାହାର ଲକ୍ଷ୍ୟ କେବଳ ଧାର୍ମିକ ରୀତି ପାଳନ ନୁହେଁ, ବରଂ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ନିଶ୍ଚିତ ହୋଇପାରୁଥିବ। ବିଶ୍ୱାସ ଓ ସୁରକ୍ଷାର ସନ୍ତୁଳନ ସେତେବେଳେ ହାସଲ ହେବ, ଯେତେବେଳେ ନୀତି, ପ୍ରଯୁକ୍ତିବିଦ୍ୟା, ପ୍ରଶାସନ ଏବଂ ଜନସାଧାରଣ ସମନ୍ୱିତ ଭାବରେ ଏକାଠି କାମ କରିବେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ବିଭୀଷଣ ମନ୍ଦିର

**ଓଜସ୍ୱିନୀ**

ରାମାୟଣର କଥାବସ୍ତୁ ଆଧାରରେ ରାବଣଙ୍କ ଭ୍ରାତା ବିଭୀଷଣ ମହାନ ରାମଭକ୍ତ ହେଲେ ମଧ୍ୟ ସଦାସର୍ବଦା ତାଙ୍କର ଚରିତ୍ର ପ୍ରତାରଣାର କଳଙ୍କ ବହନ କରିଆସିଛି। କାରଣ ବିଭୀଷଣଙ୍କ ପାଇଁ ହିଁ ଅସୁରରାଜ ରାବଣ ନିହତ ହୋଇଥିଲେ। ତେଣୁ ଆଜି ମଧ୍ୟ ପାରିବାରିକ ବିବାଦ ମଧ୍ୟରେ ବିଭୀଷଣଙ୍କ ଉଦାହରଣ ଦେଇ 'ଘର ଡିଙ୍କି କୁମ୍ଭୀର', 'ଭାଇ ଭଗାରୀ' ଭଳି ଆପ୍ତବାକ୍ୟ ବ୍ୟବହାର କରାଯାଉଛି। ଏସବୁ ସତ୍ତ୍ୱେ ଭାରତର ଗୋଟିଏ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ଅଛି। ଶ୍ରଦ୍ଧାଳୁମାନେ ବିଭୀଷଣଙ୍କୁ ପରମ ରାମଭକ୍ତ ଭାବେ ବିଧିପୂର୍ବକ ପୂଜାର୍ଚ୍ଚନା କରି ଆଶିଷ ପ୍ରାର୍ଥନା କରୁଛନ୍ତି।

ବିଭୀଷଣଙ୍କ ଏହି ମନ୍ଦିର ରାଜସ୍ଥାନର କୋଟା ଜିଲ୍ଲା ଅନ୍ତର୍ଗତ କେଥୁନ୍‌ଠାରେ ରହିଛି। କୋଟା ରେଲୱେ ଷ୍ଟେସନ୍‌ରୁ ଏହାର ଦୂରତା ପ୍ରାୟ ୨୦ କିଲୋମିଟର। ଏହି ମନ୍ଦିର ପ୍ରାୟ ୫୦୦୦ବର୍ଷ ପୂର୍ବେ ନିର୍ମିତ ବୋଲି ଗବେଷକମାନେ ମତ ଦିଅନ୍ତି। ଏଠାରେ ବିଭୀଷଣଙ୍କର ମସ୍ତକର ଏକ ବିଶାଳ ପ୍ରତିମା ପୂଜିତ ହେଉଛି ଏବଂ ସମ୍ପୂର୍ଣ୍ଣ ଶରୀର ଭୂମି ଭିତରେ ଅଛି ବୋଲି କୁହାଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ମସ୍ତକ ପ୍ରତିମା ବର୍ଷକୁ ବର୍ଷ ଚାଉଳ ଦାନା ପ୍ରାୟ ଭୂମିରେ ନିମ୍ନଗାମୀ ହେଉଛି ବୋଲି ମନ୍ଦିରର ପୂଜାରୀ ଓ ପ୍ରତକ୍ଷଦର୍ଶୀମାନେ କହନ୍ତି। ମନ୍ଦିରର ଜିର୍ଣ୍ଣୋଦ୍ଧାର ମହାରାଜା ଦୁର୍ଜନ ସିଂହଙ୍କ ଶାସନ ସମୟରେ ଗୌତମ ପରିବାର ଦ୍ୱାରା ନିର୍ମାଣ କରାଯାଇଥିଲା। ତେଣୁ ଆଜି ମଧ୍ୟ ଉକ୍ତ ପରିବାରର ବଂଶଜ ନବରାତ୍ର ସମୟରେ ଏହି ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରିଆସୁଛନ୍ତି। କେବଳ ରାଜସ୍ଥାନରେ ହିଁ ବିଭୀଷଣଙ୍କ ଏହି ମନ୍ଦିର କାହିଁକି ଓ କିପରି ନିର୍ମାଣ ହେଲା, ସେ ସମ୍ପର୍କରେ ଗୋଟିଏ ସୁନ୍ଦର ଲୋକକଥା ରହିଛି।

**ବିଚିତ୍ର ବିଶ୍ୱାସ**

ରଘୁକୁଳ ନନ୍ଦନ ଶ୍ରୀରାମ ବନବାସରୁ ଫେରିବା ପରେ ରାଜ୍ୟାଭିଷେକ ସମୟରେ ତିନିଲୋକର ଦେବଦେବୀଙ୍କ ସହିତ ସମସ୍ତ ପ୍ରାଣୀ ଧରାପୃଷ୍ଠରେ ଅବତରଣ କରିଥିଲେ। ଏହି ସମୟରେ ଦେବ ଦେବ ମହାଦେବ ହନୁମାନଙ୍କୁ କହିଲେ ଯେ, ସେ ସମ୍ପୂର୍ଣ୍ଣ ମୃତ୍ୟୁଲୋକ ଭ୍ରମଣ କରିବାକୁ ଚାହାନ୍ତି। ଏହାକୁ ବିଭୀଷଣ ଶୁଣୁଥିଲେ ଏବଂ ସେ ଗୋଟିଏ ଭାର ପ୍ରସ୍ତୁତ କରି ମହାଦେବ ଓ ହନୁମାନଙ୍କୁ ଦୁଇପଟେ ବସାଇ ଭାରତ ଭ୍ରମଣ କରାଇବା ପାଇଁ ମହାଦେବଙ୍କୁ ଅନୁମତି ଭିକ୍ଷା କଲେ। ବିଭୀଷଣଙ୍କ ଏତାଦୃଶ ଆଗ୍ରହରେ ମହାଦେବ ସ୍ୱୀକୃତି ପ୍ରଦାନ କରିବା ସହିତ ଗୋଟିଏ ସର୍ତ୍ତ ରଖିଲେ। ସର୍ତ୍ତ ଅନୁଯାୟୀ ଯେଉଁଠାରେ ଭାର ଭୂମି ସ୍ପର୍ଶ କରିବ, ସେଠାରେ ଯାତ୍ରା ସମାପ୍ତ ହେବ ଏବଂ ମହାଦେବ ଓ ହନୁମାନ ସେଠାରେ ହିଁ ବିରାଜମାନ ହେବେ। ଏହି ସର୍ତ୍ତରେ ରାଜି ହୋଇ ବିଭୀଷଣ ଗୋଟିଏ ବିଶାଳ ଭାର ପ୍ରସ୍ତୁତ କଲେ, ଯାହାର ଲମ୍ବା ୮ କୋଶ(ପ୍ରାୟ ୩୨ କିଲୋମିଟର) ଥିଲା। ମହାଦେବ ଓ ହନୁମାନଙ୍କୁ ଭାରର ଦୁଇପଟେ ବସାଇ ବିଭୀଷଣ ଯାତ୍ରା ଆରମ୍ଭ କଲେ। ଏକଦା ବିଭୀଷଣ ରାଜସ୍ଥାନର କେଥୁନ୍ (ପ୍ରାଚୀନ ନଗର କେଥୁନପୁର) ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ ମହାଦେବ ବସିଥିବା ଭାର ଭୂମିକୁ ସ୍ପର୍ଶ କଲା। ଏହି ସ୍ଥାନ କେଥୁନ୍‌ଠାରୁ ୪ କୋଶ ଅର୍ଥାତ୍ ୧୬ କିଲୋମିଟର ଦୂର ସ୍ଥିତ ଚାର୍ ଚୋମାରେ ଅବସ୍ଥିତ। ମହାଦେବ ସର୍ତ୍ତ ଅନୁଯାୟୀ ସେଠାରେ ହିଁ ବିରାଜମାନ ହେଲେ ଏବଂ ହୋଇ ସ୍ଥାନର ନାମାନୁସାରେ ଚୋମେଶ୍ୱର ମହାଦେବ ଭାବେ ପୂଜା ପାଇଲେ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ପଞ୍ଚମୁଖୀ ହୋଇଥିବାରୁ ଶିବଙ୍କ ପାଞ୍ଚଟି ସ୍ୱରୂପ ଏବଂ ପଞ୍ଚଭୂତର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଭାରର ଅନ୍ୟ ପଟେ ବସିଥିବା ହନୁମାନଙ୍କ ଭ୍ରମଣ ଯାତ୍ରା କୋଟାର ରଙ୍ଗବାଡ଼ି ନାମକ ସ୍ଥାନରେ ଅଟକି ଯାଇଥିଲା। ତେଣୁ ଏଠାରେ ରାମଭକ୍ତ ହନୁମାନଙ୍କ ଏକ ଭବ୍ୟ ମନ୍ଦିର ଅଛି। ଯେଉଁଠି ବିଭୀଷଣ ଠିଆ ହୋଇଥିଲେ ଉକ୍ତ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ନିର୍ମାଣ ହେଲା।

ପ୍ରତିବର୍ଷ ହୋଲି ସମୟରେ କେଥୁନ୍‌ରେ ୭ଦିନ ଧରି ବିଭୀଷଣ ମେଳାର ଆୟୋଜନ ହୋଇଥାଏ। ସାରା ଭାରତରେ କେବଳ ହୋଲିକା ଦହନ ଆୟୋଜନ କରାଯାଉଥିବାବେଳେ କେଥୁନ୍‌ରେ ହିରଣ୍ୟକଶିପୁ ଦହନ ମଧ୍ୟ କରାଯାଏ। ହୋଲିକା ଦହନ ପରଦିନ ହିରଣ୍ୟକଶିପୁର ପୁତ୍ତଳିକାକୁ ଦହନ କରାଯାଏ। ରାମଭକ୍ତ ବିଭୀଷଣଙ୍କ କୃପା ପ୍ରାପ୍ତ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହଙ୍ଗା ପଡ଼ିଲା ଅଦାଲତଙ୍କ ଆଦେଶ ଅବମାନନା

# ଡିଇଓଙ୍କୁ ହାଇକୋର୍ଟରେ ହାଜର କରାଇବେ ଆଇଆଇସି

କଟକ,୭।୮ (ସମିସ): ଅଦାଲତଙ୍କ ଆଦେଶ ଅବମାନନା କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ହାଇକୋର୍ଟଙ୍କ ଆଦେଶ ପାଳନ ପୂର୍ବକ ଡିଇଓଙ୍କ ତରଫରୁ ସତ୍ୟପାଠ ଦିଆଯାଇନଥିଲା କି ଶୁଣାଣି ସମୟରେ ଡିଇଓ ହାଜର ହୋଇନଥିଲେ । ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆସନ୍ତା ଅଗଷ୍ଟ ୧୩ରେ କଳାହାଣ୍ଡି ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ.କେ. ବେହେରାଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ବିଳମ୍ବରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିବା ପାଇଁ ଆବେଦନକାରୀଙ୍କୁ ତିନି ମାସ ମଧ୍ୟରେ ଏହି ଅର୍ଥ ଉପରେ ୬ ପ୍ରତିଶତ ସୁଧ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୩, ସେପ୍ଟେମ୍ବର ୨୯ ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲା। ଏହାପରେ ଆବେଦନକାରୀ କଳାହାଣ୍ଡି ଡିଇଓଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ୨୦୨୪, ମେ ୨୦ରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡିଇଓଙ୍କୁ ନୋଟିସ୍ ଜାରି କରିଥିଲେ। ଗତ ଅଗଷ୍ଟ ୬ ସୁଦ୍ଧା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହୁଏ ତେବେ ପ୍ରତିପକ୍ଷ ଡିଇଓ ପରବର୍ତ୍ତୀ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଜୁଲାଇ ୧୦ରେ କହିଥିଲେ। ଏଥିପାଇଁ ପୁଣି ଅଧିକ ସମୟ ଲୋଡ଼ି ଲେଖାଯାଇଥିବା ଅଗଷ୍ଟ ୫ର ଏକ ଚିଠି ପ୍ରତିପକ୍ଷଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଏଣୁ ଆସନ୍ତା ଅଗଷ୍ଟ ୧୩ରେ ପ୍ରତିପକ୍ଷ ସମ୍ପୃକ୍ତ ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ କାଁ ଭାଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୮ (ସମିସ): ବଙ୍ଗଳାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଧୀରେ ଧୀରେ ପ୍ରଭାବ କମିବା ସହ ଓଡ଼ିଶାରେ ମଧ୍ୟ ପୁଣି ପାଗ ସ୍ୱାଭାବିକ ହେବା ନେଇ ଆକଳନ କରାଯାଉଛି। ଅନ୍ୟପଟେ ଗୁରୁବାର ରାଜ୍ୟର ଅନେକ ସ୍ଥାନରେ ଟାଣ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ହୋଇଛି। ପାରଳାଖେମୁଣ୍ଡିରେ ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବା ବେଳେ ଟିଟଲାଗଡ଼ ଓ ବୌଦ୍ଧ ଆଦିରେ ତାମପାତ୍ରା ୩୬ ଡିଗ୍ରୀ ଉପରେ ରହିଛି। ତାତି ଓ ଗୁଳୁଗୁଳି ସାଙ୍ଗକୁ କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଅନୁଭୂତ ହୋଇଛି। ଅନୁଗୁଳରେ ୨୯ ମିମି, ଛତ୍ରପୁରରେ ୨୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୨୧ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମୟୂରଭଞ୍ଜ ଓ କେନ୍ଦୁଝରର କିଛି ଅଞ୍ଚଳରେ ବର୍ଷା ଆଶଙ୍କା ରହିଥିବା ବେଳେ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରି ବୁଜିଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଆସନ୍ତା ୧୩ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ନେଇ ଆକଳନ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେଉଛି ଅଧିକ...

ଚାଷୀଙ୍କ ପ୍ରିମିୟମ ଟଙ୍କାରୁ ୬୫ କୋଟି ଟଙ୍କା ଫାଇଦା ଉଠାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ସାରା ରାଜ୍ୟରେ ଏହି ସ୍ଥିତି ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀ ପାଇଁ ରକ୍ଷା କବଚ ବୋଲି କହି ଏହି ଯୋଜନାଟି ୨୦୧୬ ଖରିଫଠାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିଲେ। ଦେଶର କୋଟି କୋଟି ଚାଷୀ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏହି ଯୋଜନାରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ଦୀର୍ଘ ୯ ବର୍ଷ ହେଲା ଫାଇଦା ଉଠାଇ ଚାଲିଛନ୍ତି।

ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ବୋଲି ଅଭିଯୋଗ ହୋଇଛି। କାରଣ ବର୍ତ୍ତମାନ ଚାଷୀମାନେ ନିଜ ଚାଷର ୩୩ ପ୍ରତିଶତ କ୍ଷତି ହେବା ପରେ କ୍ଷତିପୂରଣ ପାଇଁ ଆବେଦନ କରି ପାରୁଛନ୍ତି। ଏହାସହିତ ପଞ୍ଜିକରଣ ପାଇଁ ୩ ଦିନ ସମୟ ମିଳୁଥିବା ବେଳେ ଏଥିରେ ଅନେକ ଜଟିଳ ପ୍ରକ୍ରିୟା ଛନ୍ଦି ଦିଆଯାଉଛି। ଯେଉଁଥିପାଇଁ ଅନେକ ଯୋଗ୍ୟ ଚାଷୀ ବୀମା କରି ମଧ୍ୟ ସଠିକ୍ ପରିମାଣରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛନ୍ତି।

### ଆଉ କେତେ...

ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି ବୋଲି ନବୀନ କହିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ପଟ୍ଟାମୁଣ୍ଡାଇର ଆଉ ଜଣେ ଝିଅ ନ୍ୟାୟ ପାଇଁ ନିବେଦନ କରିବା ପରେ ହତାଶାରେ ନିଜକୁ ନିଆଁ ଲଗାଇ ଦେଇଥିବା ଜାଣି ମୁଁ ଗଭୀର ଦୁଃଖିତ ଏବଂ ମର୍ମାହତ। ଦୁଃଖର ଏହି ମୁହୂର୍ତ୍ତରେ ଯୁବତୀଙ୍କ ପ୍ରତି ମୋର ସମବେଦନା ଏବଂ ପରିବାର ସଦସ୍ୟଙ୍କୁ ସହାନୁଭୂତି ଜଣାଉଛି। ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଭଗବାନ ତାଙ୍କ ପରିବାର ସଦସ୍ୟଙ୍କୁ ଶକ୍ତି ଦିଅନ୍ତୁ। ମାତ୍ର ଗୋଟିଏ ମାସ ମଧ୍ୟରେ ସମାନ ପରିସ୍ଥିତିରେ ରାଜ୍ୟର ତିନି ଜଣ ଝିଅ ଜୀବନ ହରାଇଛନ୍ତି। ପ୍ରତ୍ୟେକଟି ନିରୀହ ଜୀବନ ଅଦିନରେ ଝଡ଼ିଯିବା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦର୍ଶାଉଛି। ଏହା ରାଜ୍ୟ ବିଜେପି ସରକାରଙ୍କ ଏକ ଭୟଙ୍କର ଅବହେଳା ବୋଲି ନିଜ କ୍ଷୋଭୋକ୍ତିରେ ନବୀନ କହିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଆମ ମାଟିର ତିନି ଜଣ ଝିଅ ସ୍ପଷ୍ଟ ଦିବାଲୋକରେ ମୃତ୍ୟୁବରଣ କରିବାର କାରଣ ହେଉଛି ଯେ ପ୍ରଶାସନ ପ୍ରତ୍ୟେକ ସମୟରେ ସେମାନଙ୍କ ଚିତ୍କାର, ନିବେଦନ ଶୁଣିବାରେ ବିଫଳ ହୋଇଛି। ପ୍ରାୟ ପ୍ରତିଦିନ ରାଜ୍ୟ ସାରା ମହିଳାମାନଙ୍କ ବିରୁଦ୍ଧରେ ଏପରି ଅନେକ ଜଘନ୍ୟ ଅପରାଧ ସାମ୍ନାକୁ ଆସୁଛି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେଜଣଙ୍କ ଚିତା ଜଳିବାକୁ ପଡିବ। ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ନେବା ଆଗରୁ ଆଉ କେତେ ମାଆଙ୍କୁ ସେମାନଙ୍କ ଝିଅଙ୍କ ଚିତାଭସ୍ମ ଧରିବାକୁ ପଡ଼ିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

### ମୋଦୀ, ନଡ୍ଡା...

ଆବଶ୍ୟକ ପଡ଼ିଲେ ସେପଟେମ୍ବର ୯ ତାରିଖରେ ମତଦାନ ହେବ।

ଲୋକସଭା ଏବଂ ରାଜ୍ୟସଭାର ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଏହି ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୬ ଥିବା ବେଳେ ନିର୍ବାଚନ ଜିତିବା ଲାଗି ୩୯୪ ଭୋଟ୍ ଦରକାର। ବିଜେପି ଏହାର ସହଯୋଗୀଙ୍କୁ ନେଇ ଗଠିତ ଏନ୍‌ଡିଏ ପାଖରେ ୪୨୨ ଜଣ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ବିଜୟୀ ହେବା ପ୍ରାୟ ନିଶ୍ଚିତ। ତେବେ ବିରୋଧୀ ଦଳ ମଧ୍ୟ ନିଜ ଆଡୁ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି।

### ୩୭ ପ୍ରତିଶତ...

ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି।

ଗତ ମାର୍ଚ୍ଚ ମାସରେ ସରକାର ବିଧାନସଭାରେ ଦେଇଥିବା ତଥ୍ୟ ମୁତାବକ, ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୭୪ ଥିବାବେଳେ ସେଥିମଧ୍ୟରୁ ୫୮୩୪ ଡାକ୍ତର ପଦବୀ ଖାଲିପଡ଼ିଛି। ଅର୍ଥାତ୍ ପାଖାପାଖି ୩୭ ପ୍ରତିଶତ ଡାକ୍ତର ପଦବୀ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଖାଲି ପଡ଼ିଛି। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକ ପାଇଁ ୨୮୨୩ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୧୫୪୦ ପଦବୀରେ ଡାକ୍ତର ନାହାନ୍ତି। ଅର୍ଥାତ୍ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ପାଖାପାଖି ୫୫ ପ୍ରତିଶତ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସୁନ୍ଦରଗଡ଼, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ବଲାଙ୍ଗିର, ବରଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଅଧାରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ରାଜ୍ୟରେ ୩୨୦ଟି ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବାବେଳେ ୨୩୫ଟି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀରେ ଡାକ୍ତର ନାହାନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଚିନ୍ତିତ ଥିବାବେଳେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ଓଡ଼ିଶାରେ ୫୯୧ଟି ମଞ୍ଜୁରୀପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୬୯ଟି ଖାଲି ପଡ଼ିଥିଲା। ବିଭିନ୍ନ କାରଣରୁ ଅସ୍ତ୍ରୋପଚାର ଚିକିତ୍ସା ଉପରେ ଚାପ ବଢୁଥିବାବେଳେ ରାଜ୍ୟରେ ୫୦୦ ମଞ୍ଜୁରୀପ୍ରାପ୍ତ ଶଲ୍ୟ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୪୨ଟି ଖାଲି ପଡିଥିଲା। ଅଧାରୁ ଅଧିକ ନିଶ୍ଚେତକ ବିଶେଷଜ୍ଞ ପଦବୀ ଆମ ରାଜ୍ୟରେ ଖାଲି ପଡ଼ିଥିବାବେଳେ ନିଦାନ, ହୃଦରୋଗ, ଟିବି ଆଦି ବିଶେଷଜ୍ଞ ପଦବୀ ମଧ୍ୟ ଅଧାରୁ ଅଧିକ ଖାଲି ପଡିଛି।

ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବି ସ୍ଥିତି ସେତେଟା ଭଲ ନାହିଁ। ୧୫ଟି ସରକାରୀ ମେଡିକାଲ କଲେଜରେ ପ୍ରାୟ ୧୦୦ ପ୍ରଫେସର ପଦବୀ, ପାଖାପାଖି ୨୦୦ ସହଯୋଗୀ ପ୍ରଫେସର ପଦବୀ ଓ ୯୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ ମଧ୍ୟ ଖାଲି ଥିବା ଜଣାପଡ଼ିଛି। ମୋଟାମୋଟି ଭାବେ ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବିଭିନ୍ନ ପାହ୍ୟାର ପାଖାପାଖି ୧୦୦୦ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡସ୍ତରୀୟ ଓ ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ବହୁ କ୍ଷେତ୍ରରେ ରୋଗୀମାନଙ୍କୁ ସରକାରୀ ମେଡିକାଲ୍ କଲେଜ ଓ ଅନ୍ୟ ଡାକ୍ତରଖାନାଗୁଡ଼ିକୁ ପଠାଇବାକୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରମାନେ ବାଧ୍ୟ ହେଉଛନ୍ତି। ସରକାରୀ ଡାକ୍ତରଖାନା ଓ ସରକାରୀ ମେଡିକାଲ କଲେଜଗୁଡ଼ିକ ଉପରେ ସଂଖ୍ୟାଧିକ ରୋଗୀ ଭରସା କରୁଥିବା ବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଓ ଡାକ୍ତରୀ ଶିକ୍ଷକ ନ ଥିବାରୁ ବାଧ୍ୟ ହୋଇ ଅନେକ କ୍ଷେତ୍ରରେ ରୋଗୀମାନଙ୍କୁ ବ୍ୟୟବହୁଳ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ଯାଇ ଲୋକେ ତଳିତଳାନ୍ତ ହେଉଛନ୍ତି।

### ବ୍ୟାଙ୍କ କର୍ମଚାରୀ...

ବୃଦ୍ଧି ପାଇଛି। ସୁଧାଂଶୁଙ୍କ ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଗ୍ରାମରେ। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବ୍ୟାଙ୍କରେ କାମ କରନ୍ତି। ତାଙ୍କ ପାଖରୁ ପୁଲିସ୍ ବିଭିନ୍ନ ବ୍ୟାଙ୍କର ୯ଟି ଏଟିଏମ୍ ଡେବିଟ୍ କାର୍ଡ, ଠକେଇରେ ବ୍ୟବହୃତ ଗୋଟିଏ ମୋବାଇଲ, ୩ଟି ବ୍ୟାଙ୍କ ପାସବୁକ୍, ୫ଟି ଚେକ୍‌ବୁକ୍ ଓ ୨ଟି ଲ୍ୟାପଟପ୍ ଜବତ କରିଛି। ଆଜି ପୁଲିସ ତାଙ୍କୁ କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ମଣ୍ଡଳ ଜେଲ୍‌କୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନିବେଶ ଆଳରେ ସାଇବର୍ ଠକମାନେ ଅଇଁଠାପାଲି ଥାନା ଅଞ୍ଚଳର ରମେଶ ଚନ୍ଦ୍ର ବିଶ୍ୱାଳଙ୍କଠାରୁ ୮୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ଏ ସଂପର୍କରେ ଗତ ଜୁଲାଇ ୩୧ରେ ଅଭିଯୋଗ କରିବାରୁ ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସ ୱିଙ୍ଗ ଥାନା କେସ୍ ନମ୍ବର ୧୪/୨୦୨୫ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ତତ୍ତ୍ୱାବଧାନରେ ପୁଲିସର ଏକ ସ୍ୱତନ୍ତ୍ର ବୈଷୟିକ ଦଳ ତଦନ୍ତ କରି ଗତ ୫ତାରିଖରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ, ସମ୍ବଲପୁର ଧନୁପାଲି ଥାନା କୁମ୍ଭାରପଡ଼ାର ପ୍ରଶାନ୍ତ ମେହେର(୩୭) ଓ ଟାଉନ ଥାନା ଗୋଲବଜାରର କୃଷ୍ଣ ସାହୁ (୩୮), ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଳାର ସୁବ୍ରତ ପ୍ରଧାନ (୩୨) ଏବଂ ଖୋର୍ଦ୍ଧା ଜିଲ୍ଲା ଚନ୍ଦ୍ରଶେଖର ଥାନା ଫେଜ୍-୧ ଏଚ୍‌ବି କଲୋନୀର ବିଶ୍ୱଜିତ ନାୟକ (୩୬)। ଏହି ଘଟଣାରେ ପୁଲିସ୍ ୭,୫୨,୧୨୧ ଟଙ୍କା ଏନ୍‌ସିଆର୍‌ପି ହୋଲ୍ଡ କରିଥିବା ବେଳେ ୧୨,୫୫,୫୪୫ ଟଙ୍କା ବ୍ୟାଙ୍କରେ ଫ୍ରିଜ୍ କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ।

# ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ରାୟଗଡ଼ା, ୭।୮ (ସମିସ): ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଗାଜିଗାଁ ପଞ୍ଚାୟତର ଗାଣ୍ଡାବାଲସା ଗ୍ରାମରେ ଆଜି ଠେଙ୍ଗାରେ ପିଟି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ମୃତ ମହିଳାଜଣଙ୍କ ହେଲେ, ସିନ୍ଧେ କଣ୍ଡାଗରି(୪୫)। ତେବେ ସ୍ୱାମୀ ମାଲୟା କଣ୍ଡାଗରୀ ଜଣେ ମାନସିକ ଅନଗ୍ରସର ବୋଲି ଗ୍ରାମବାସୀ ପକ୍ଷରୁ ଜଣାପଡିଛି। ଏଥିପୂର୍ବରୁ ସେ ନିଜ ସ୍ତ୍ରୀଙ୍କୁ ବାଡ଼େଇବା ଏବଂ ନିଜେ ଆତ୍ମହତ୍ୟା ପାଇଁ ଚେଷ୍ଟା କରିବା ଭଳି ଘଟଣା ଘଟିଥିବା ପଡ଼ୋଶୀ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୧୨ଟାରେ ସ୍ତ୍ରୀ ସିନ୍ଧେ ଧାନ ବିଲରେ କାମ କରୁଥିବା ଦେଖି ସ୍ୱାମୀ ମାଲେୟା ସ୍ତ୍ରୀକୁ ଘରକୁ ଡାକି ଆଣି ଠେଙ୍ଗାରେ ଆକ୍ରମଣ କରି ଜୀବନରେ ମାରି ଦେଇଥିଲା। ସିନ୍ଧେଙ୍କ ପୁଅ କିରଣ ଡଙ୍ଗରରୁ ଫେରି ଦେଖିବା ବେଳେ ମା'ଙ୍କ ମୃତଦେହ ପଡ଼ିଥିଲା। ବାରମ୍ବାର ଠେଙ୍ଗାରେ ପିଟିବାରୁ ସିନ୍ଧେଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଖୋଦ୍ ହତ୍ୟାକାରୀ ମଲୟା ପ୍ରକାଶ କରିଛି। ଏନେଇ ଶେଷଖାଲ ଥାନା ପୁଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ମାଲେୟାକୁ ଗିରଫ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି।


**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.61 dated 06.08.2025 I, Kameswar Das, S/o- Sreenibasa Das resident of Vill.- Hataguda, Po.- Panthulunga, Ps.- Padwa, Dist.- koraput, Odisha, Pin- 764038 declare that I have changed my name from **Kameswar Hantala** to **Kameswar das**. Henceforth, I shall be known as **Kameswar Das** for all purposes.

Sd/- **Kameswar Das**

**NOTICE**

M/s. JYOTI ENTERPRISERS a partnership firm address at Plot No. 1353, H/O- DIPTI KUMARI SAMANTRAY, CMC HOLDING NO. 995B/4, WARD NO. 24(27), SANKARPUR, P.O- ARUNDOYA MARKET, P.S- BADAMBDI, CUTTACK, PIN-753012, DIST-CUTTACK, STATE-ODISHA registered as FIRM as NO. 7201900168 of 2019 Dt. 07.02.2019 before the Registrar of Firm, ODISHA. By a public Notice it is hereby informed that M/s. JYOTI ENTERPRISERS is a partnership firm which is re-constituted on dt. 01.04.2024 due to retirement of a 2nd partner named SRI MRUTYUNJAYA DASH, by virtue of a Retirement Notice to present Partner SRI JAYADEBA MOHANTY, Managing Partner and also a declaration of No Objection Certificate of retirement executed before the Notary Public, Cuttack on dt. 01.04.2024 and stated as retiring partner (SRI MRUTYUNJAYA DASH) unanimously agreed to leave the above FIRM and confirm that all financial dues, liabilities, or obligations owed to me by the partnership firm up to the date of my retirement have been settled to my satisfaction. I have no objection if the remaining partner, namely SRI JAYADEBA MOHANTY, Managing Partner, continue to operate the partnership firm under the same name and structure and also a new partner may admit as Incoming Partner named SMT. SUJATA MOHANTY. By this notice it informs to the public in general that, one partner of M/s JYOTI ENTERPRISERS is retiring named SRI MRUTYUNJAYA DASH and SMT. SUJATA MOHANTY admit as incoming Partner.

B-376

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
Office of the Superintending Engineer, Bhubaneswar (R&B) Division No. IV, Nirman Soudha, Unit-V, Bhubaneswar

E-mail ID- eernb4bbsr@gmail.com Tel - (0674)-2390245

**INVITATIONS FOR BIDS THROUGH e-Procurement**
No. 6581/ Date 04.08.2025
Bid Identification No.- C.C. (R&B)- 04
e-Procurement Notice No. 12 of 2025-26

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.13.8.2025 to Dt.25.8.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.25.8.2025 at 17.30 Hours. |
| 9 | Opening of Bid through online | Dt.26.8.2025 at 11.30 Hours |
| 10 | Name & Address of the Officer inviting Bid | Er.Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

*N.B: Subsequent corrigendum / addendum if required shall be available in the website as indicated above*

Additional Chief Engineer, BBSR (R&B) Division No. IV, BBSR

OIPR-34090/11/0016/2526

O-556

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**
NATIONAL COMPETITIVE BIDDING THROUGH e-PROCUREMENT NOTICE
On line-02 /EE/RW/AND/2025-26
Construction of Sub-Centre Building

No. 4939 Date: 06.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Finalcial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-On line 02/ EE/ RW / AND/ 2025-26 | Dt.13.08.25 at 10.00 A.M. | Dt.22.08.25 upto 5.30 P.M. | Dt.21.08.25 up to 5.30 P.M. | Dt.25.08.25 at 11.30 A.M. | |

Executive Engineer, R.W. Division, Anandapur

OIPR-25055/14/0020/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର**
ସା: କୁଳଡେରା, ପୋ.: ମାଣ୍ଡୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୧୪

**ସର୍ବସାଧାରଣ ବିଜ୍ଞପ୍ତି**

ମୋଟର ଗାଡିର **FRESH REGISTRATION CERTIFICATE** ନିର୍ଗମନ ପାଇଁ ପଞ୍ଜୀକୃତ ଗାଡିମାଲିକ ମାନଙ୍କୁ **FORM-37** ନୋଟିସ୍ ଜାରି

ଏତଦ୍ୱାରା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିମ୍ନୋକ୍ତ ପଞ୍ଜୀକୃତ ଗାଡିଗୁଡ଼ିକର ମାଲିକ ମାନଙ୍କୁ ଅବଗତ କରାଉଛନ୍ତି କି ସେମାନେ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର ସହାୟତାରେ କିଣି ଥିବା ଉକ୍ତ ଗାଡିଗୁଡ଼ିକର ଋଣ କିସ୍ତି ପ୍ରଦାନରେ ଖିଲାପ କାରଣରୁ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ଗାଡିଗୁଡ଼ିକୁ ଜବତ କରିବା ପୂର୍ବକ ଗାଡିଗୁଡ଼ିକର ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ରଦ୍ଦ କରିବା ସହିତ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରିବା ପାଇଁ ଗାଡି ପଞ୍ଜୀକରଣ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିକଟରେ **FORM-36** ରେ ଦରଖାସ୍ତ କରିଅଛନ୍ତି। ନିୟମ ଅନୁଯାୟୀ **FRESH REGISTRATION CERTIFICATE** ଜାରି କରିବା ନିମନ୍ତେ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କରିଥିବା ଦରଖାସ୍ତ ବାବଦରେ ତୁମ୍ଭର ମତାମତ ଉତ୍ତର ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝରଙ୍କ ଠାରେ ଉପସ୍ଥାପନ ନିମନ୍ତେ ତୁମ୍ଭ ନିକଟକୁ **FORM-37** ରେ ନୋଟିସଗୁଡ଼ିକ ଗାଡ଼ିର ପ୍ରଦତ୍ତ ଠିକଣାରେ ପୋଷ୍ଟାଲ ରେଜିଷ୍ଟ୍ରି ଡାକ ଜରିଆରେ ପ୍ରେରଣ କରଯାଇଥିଲା। କିନ୍ତୁ ଆପଣ ଉକ୍ତ ଠିକଣାରେ ନ ଥିବା ଟିପ୍ପଣୀ ସହିତ ପୋଷ୍ଟାଲ ସଂସ୍ଥା **FORM-37** ରେ ପଠାଯାଇଥିବା ନୋଟିସଗୁଡ଼ିକୁ ଉକ୍ତ କାର୍ଯ୍ୟାଳୟକୁ ଫେରସ୍ତ କରିଅଛନ୍ତି।

| କ୍ର. ସଂ. | ଗାଡିଗୁଡ଼ିକର ପଞ୍ଜୀକୃତ ନମ୍ବର | ପଞ୍ଜୀକୃତ ଗାଡି ମାଲିକମାନଙ୍କର ନାମ ଏବଂ ଠିକଣା | ପ୍ରେରଣ କରାଯାଇଥିବା FORM-37 ନୋଟିସର ପତ୍ର ସଂଖ୍ୟା ଓ ତାରିଖ | ସମ୍ପୃକ୍ତ ଗାଡିର ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର ନାମ |
|---|---|---|---|---|
| 1. | OD09P3246 | Sanjay Singh, S/o: Bansraj Singh, D B Singh, Hudisahi, Joda, Dist.: Keonjhar, Odisha-758034 | No. 87 /Dt.03.06.2025. AND No.1025 / Dt.19.06.2025 | BANK OF INDIA, JODA BRANCH, JODA, KEONJHAR |

ଅତଏବ, ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ଗାଡିଗୁଡ଼ିକର ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି ଉକ୍ତ ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ **FORM-37** ର ନୋଟିସ୍ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ବ୍ୟକ୍ତିଗତ ଗ୍ରହଣ କରିବା ସହିତ ନୋଟିସର ଉତ୍ତର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କୁ ସେହି ୧୫ ଦିନ ମଧ୍ୟରେ ପ୍ରଦାନ କରିବା ହେବେ। ଯଦି **FORM-37** ନୋଟିସର ଉତ୍ତର ଆପଣଙ୍କ ଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରାପ୍ତ ନହୁଏ ତେବେ ଗ୍ରହଣ କରାଯିବକି ଉକ୍ତ ନୋଟିସ୍ ବିରୁଦ୍ଧରେ ତୁମ୍ଭର କିଛି କହିବାର ନାହିଁ। ନିୟମ ଅନୁସାରେ ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ଉକ୍ତ ଗାଡିଗୁଡ଼ିକର ରେଜିଷ୍ଟ୍ରେସନ ସାର୍ଟିଫିକେଟ ରଦ୍ଦ କରିବା ସହିତ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରାଯିବ।

ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ
ବଡ଼ବିଲ, ଜିଲ୍ଲା: କେନ୍ଦୁଝର

**AFFIDAVIT**

By virtue of an affidavit sworn before The Executive Magistrate, Umerkote, Nabarangpur vide no.5225 dated 05.08.2025 I, Jaimani Jal, W/o- Late Ramachandra Jal resident of Vill.- D.N.k. Umerkote, Po./Ps.- Umerkote, Nabarangpur, Odisha declare that I have changed my name from **Jayamani Jal** to **Jaimani Jal**. Henceforth, I shall be known as **Jaimani Jal** for all purposes.

Sd/- **Jaimani Jal**

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.62 dated 07.08.2025 I, Madhaba Muduli, S/o- Sida Muduli resident of Vill.- Burudiput, Po.- Semala, Ps.- Nandapur, Dist.- koraput, Odisha, Pin- 764037 declare that I have changed my name from **Madhaba Khora** to **Madhaba Muduli**. Henceforth, I shall be known as **Madhaba Muduli** for all purposes.

Sd/- **Madhaba Muduli**

**AFFIDAVIT**

I Sharmistha Jena, W/o- Ashish Kumar Patra resident of Plot No-1297/2739, Sarada Niwas, Kapilaprasad, Bhubaneswar, P.S.- Airfield, Dist.- Khordha, Odisha, declare by this affidavit No-311243 dtd.31/07/2025 that, I want to change my son's name from **Adeytya Patra** to **Adeitya Patra**. Henceforth he will be known as **Adeitya Patra** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025, I **Venkata Ramana Patnala,** Address: Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Venkata Ramana to **Venkata Ramana Patnala.** Henceforth, I shall be known as **Venkata Ramana Patnala** for all purposes.

Venkata Ramana Patnala

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I HARSH KUMAR PAREKH, S/o- GAUTAM CHAND PAREKH, resident of Main Road, Po/PS- KOTPAD, Dt-Koraput, Odisha -764058, Odisha declare by this Affidavit No.757, Dated - 05/08/2025, that now onwards I shall be known as **HARSH PAREKH** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RAJENDRA PRASAD SUBUDHI, S/o- CHINARI KRUSHNA MURTY SUBUDHI, resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.787, Dated - 06/08/2025,that now onwards I shall be known as **CH RAJENDRA PRASAD SUBUDHI** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RUKMUNI SUBUDHI, W/o- CH RAJENDRA PRASAD SUBUDHI , resident of KUMBHA BAZAR, Po/PS- DARINGBADI, Dt- KANDHAMAL, Odisha -762 014, Odisha declare by this Affidavit No.755, Dated - 05/08/2025,that now onwards I shall be known as **CH ROJARANI SUBUDHI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 06-08-2025 I, Mamata Naik, At- Bijaykrushnachandrapur, PO- Deuli, PS-Chandua, Dist- Mayurbhanj, Pin- 757021 declare that I have changed the name of my son from ATUTOSH BEHERA to ASUTOSH BEHERA. Henceforth, he shall be known as **ASUTOSH BEHERA** for all purposes.

**Mamata Naik**

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 03-06-2025 I, Sukulal Tudu, Address AT- Bhola, PO- Saluadahr, PS-Suliapada, Dist- Mayurbhanj, Pin- 757022 declare that I have changed the name of my son from Phranchis Tudu to Franchish Tudu. Henceforth, he shall be known as **Franchish Tudu** for all purposes.

**Sukulal Tudu**

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I GOUTAM CHANDJI PARAKH, S/o KHOOBCHAND PAREKH, resident of Main Road, Po/PS- KOTPAD, Dt-Koraput, odisha - 764 058, Odisha declare by this Affidavit No.786, Dated - 06/08/2025, that now onwards I shall be known as **GAUTAM CHAND PAREKH** for all future purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025 I **Jyotchna Patnala,** Address Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Jyotchna to **Jyotchna Patnala.** Henceforth, I shall be known as **Jyotchna Patnala** for all purposes.

Jyotchna Patnala

**AFFIDAVIT**

By virtue of an affidavit (CF No. 01, date- 07/08/2025) sworn before The Executive Magistrate, Padampur. I, **Lilima Mahananda** (new name), resident of At- Dangarmunda, PS- Gaisilat, Dist- Bargarh, Odisha declare that I have changed my name from **Nili Mahananda** (old name) to **Lilima Mahananda** (new name). Henceforth, I shall be known as **Lilima Mahananda** (new name), D/o Gobinda Mahananda for all future purposes.

**Lilima Mahananda**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no- 2866, dated 21/07/2025 I, **Rajani Nayak,** W/o- Ranjita Nayak of Address At- Bhapur, Po- Badasireipur, Ps- Banpur, Dist- Khordha declare that I have changed my name from **Kahari Dei** to **Rajani Nayak.** Henceforth, I shall be known as **Rajani Nayak** for all purposes.

**Rajani Nayak**

**AFFIDAVIT**

I, Rahul Kumar Jain, aged about 31 years, S/o- Binod Kumar Jain, resident of Tushura, Po- Tusra, Ps- Tushura, Dist- Bolangir, Odisha, Pin- 767030 declare by this affidavit No. 1576, dtd. 07/08/2025, that now onwards I shall be known as **RAHUL JAIN** for all future purposes.

**AFFIDAVIT**

I, **Sofia Bibi,** D/o: Sheik Mobarak W/o Sk Zabir, resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No.3103 dtd: 05/08/2025 that my name is mentioned as Sufiya Khatoon D/o: Shaikh Mobarak in Transfer Certificate. I declare that **Sufiya Khatoon** and **Sofia Bibi** is one and same person.

**Sd/- Sofia Bibi**

**AFFIDAVIT**

I, **SK. ZABIR,** S/o SK. Razak resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No. 3104 dtd: 05/08/2025 that my name is mentioned as Shaik Zabir S/o: Shaik Razaque in Transfer Certificate. I declare that **SK. Zabir** and **Shaik Zabir** is one and same person.

**Sd/- SK Zabir**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 06.08.2025, I **Deepanjali Nayak,** W/o- Ashok Nayak, resident of At- Patanebalipatana, Po.- Kunjuri, PS.- Khordha Sadar, Dist.- Khordha, Odisha- 752056 declare that I have changed my name from **Deepanjili Nayak** to **Deepanjali Nayak.** Henceforth I shall be known as **DEEPANJALI NAYAK** for all purposes.

**Deepanjali Nayak**

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ



ବିନିକା,୭।୮(ସମିସ): ବିନିକା ବ୍ଲକ୍ ଫୁଲମୁଠି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ସ୍ଥାନୀୟ ସନ୍ତୋଷିନୀ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ଚାରା ରୋପଣ କରାଯାଇଥିଲା। ଯୁବ ରେଡକ୍ରସ କାଉନସିଲର ଅଧ୍ୟାପିକା ବୈଜୟନ୍ତୀ ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ। ପରେ ଅନୁଷ୍ଠିତ ସଭାରେ ବିନିକା ଫରେଷ୍ଟର ବନମାଳୀ ପାଣ୍ଡେ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣର ମହତ୍ୱ ଉପରେ କବିତା ପଠନ କରିଥିଲେ। ଅଧ୍ୟାପକ ଅଶୋକ ବିଶି, ଶିବ ନାରାୟଣ ମେହେର, ଅଧ୍ୟାପିକା ସଂଗୀତା ପୁରୋହିତ, ବିଦ୍ୟୁଲତା କର, ବିଶ୍ୱାମିତ୍ର ପାତ୍ରଙ୍କ ସହ ବନ କର୍ମଚାରୀ ସାମିଲ ହୋଇ ଚାରାରୋପଣ କରିଥିଲେ।

## ପର୍ଲାରେ ଗଡ଼ିଲା ମ୍ୟାଲେରିଆ ସଚେତନା ରଥ



ଧର୍ମଗଡ,୭।୮(ସମିସ): ଧର୍ମଗଡ ବ୍ଲକ୍ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମ୍ୟାଲେରିଆ ସଚେତନା ରଥର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଦେବଦତ୍ତ ପଣ୍ଡା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପ୍ରତ୍ୟେକ ଅଞ୍ଚଳକୁ ଯାଇ ସାଧାରଣ ଜନତାଙ୍କୁ ମ୍ୟାଲେରିଆ ଉପରେ ସଚେତନ କରିବ। ମ୍ୟାଲେରିଆ କ୍ଷେତ୍ର ଅଧିକାରୀ ନିଲାଞ୍ଚଳ ପ୍ରଧାନ, ଚିଦାନନ୍ଦ ପଣ୍ଡା, ଦୀପକ ବେହେରା, ଆରତୀ ଡୋଙ୍ଗରି, କୈଳାସ ଚନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା




ବୌଦ୍ଧ,୭।୮(ସମିସ): ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବକ୍ତୃତାରେ ପିଏମଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଅଙ୍କିତା ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅରବିନ୍ଦ ସାହୁ ଦ୍ୱିତୀୟ, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ଶାଶ୍ୱତ ସିଂହ ଓ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ସୋହନ ବାରିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ଚିତ୍ତରଞ୍ଜନ ଦାଶ, ଶ୍ୟାମସୁନ୍ଦର ମହାପାତ୍ର, ବାଳକୃଷ୍ଣ ମହାକୁଳ ଯୋଗ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଏମଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଅନନ୍ୟା ପ୍ରଧାନ ପ୍ରଥମ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସ୍ମୃତୀ ସ୍ୱରୂପା ହାତୀ ଦ୍ୱିତୀୟ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ହରିପ୍ରିୟା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଲକ୍ଷ୍ମୀପଦର ଉ ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତି, ଶିକ୍ଷୟିତ୍ରୀ ନବନିତା ବେହେରା ଯୋଗ ଦେଇଥିଲେ। ଦେଶାତ୍ମବୋଧକ ସଂଗୀତରେ ମୃଣ୍ମୟୀ ପାଢୀ ପ୍ରଥମ, ବିଭାନ ମିଶ୍ର ଦ୍ୱିତୀୟ ଏବଂ ଶୁଭଶ୍ରୀ ମେହେର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତ୍ରିନାଥ ମାହାର, ଭୁବନେଶ୍ୱର ମିଶ୍ର ଏବଂ ଆଶୁତୋଷ ମହାପାତ୍ର ବିଚାର କାର୍ଯ୍ୟ ତୁଲାଇ ଥିଲେ।

## ଘଣ୍ଟାପଡା ହାଇସ୍କୁଲରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଶଗଡା,୭।୮(ସମିସ): ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଘଣ୍ଟାପଡ଼ାର ସମଲେଶ୍ୱରୀ ହାଇସ୍କୁଲରେ ମହିଳା ଅଧିକାର, ନୂତନ ଫୌଜଦାରୀ ଆଇନ ଏବଂ ସାଇବର ଅପରାଧ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅଧିକାର ଓ ନୂତନ ଆଇନ ବିଷୟରେ ଜ୍ଞାନ ପ୍ରଦାନ କରାଯାଇଥିଲା। ସମସ୍ତେ ସଚେତନ ହେବା ସହ ଅନ୍ୟମାନଙ୍କୁ ଏହାର କାର୍ଯ୍ୟକାରିତା ଉପରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଘଣ୍ଟାପଡ଼ା ଥାନା ଅଧିକାରୀ ବାଲ୍ମୀକି ପ୍ରଧାନ, ମାଧବଚନ୍ଦ୍ର ଟାକ୍ରୀ, ବିଶ୍ୱାମିତ୍ର ଲୋଇ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନୂତନ ଆଇନ, ମହିଳାମାନଙ୍କ ଅଧିକାର ଓ ସାଇବର ଅପରାଧ ଉପରେ ସଚେତନ କରିଥିଲେ।

## ବିନିକାରେ ସ୍ୱାଧୀନତା ଦିବସ ପ୍ରସ୍ତୁତି

ବିନିକା,୭।୮(ସମିସ): ବିନିକା ଏନଏସି ହଲ୍‌ରେ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗରପାଳ ସୁବାସ ଚନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିଲେ। ସିଦ୍ଧାର୍ଥ ଗରୁଡ଼ କ୍ୟାମ୍ପସ ପଡ଼ିଆରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ସନ୍ତୋଷ ବଞ୍ଛୋରଙ୍କ ସମେତ ସମସ୍ତ କାଉନସିଲ, ବିଭିନ୍ନ ସ୍କୁଲ କଲେଜ କର୍ତ୍ତୃପକ୍ଷଙ୍କ ସହ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଯୋଗ ଦେଇଥିଲେ। ଯୁବ ଆଇନଜୀବୀ ପ୍ରଶାନ୍ତ ଦଣ୍ଡ ସନା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜସ୍ୱ ବିଭାଗର ଅବହେଳା

# ପଟ୍ଟା ଅଛି, ଭୂ-ଲେଖରେ ନାଁ ନାହିଁ

ସିନାପାଲି,୭।୮(ସମିସ)



ଜମି ଅଛି, ଜମି ପଟ୍ଟା ବି ଅଛି; ହେଲେ ଭୂ-ଲେଖ ୱେବସାଇଟ୍‌ରେ ସେମାନଙ୍କ ନାମ କିମ୍ବା ସେମାନଙ୍କର ଜମିର ପରିମାଣ ଉଲ୍ଲେଖ କରାଯାଇ ନଥିବାରୁ ଧାନ ମଣ୍ଡିରେ ଧାନ ବିକ୍ରି ଓ ବୀମା କରିବା ଅଧିକାରରୁ ବଞ୍ଚିତ ହେଉଛନ୍ତି ଅଦିବାସୀ ଚାଷୀ। ଏଭଳି ଅଭିଯୋଗ ଆଣିଛନ୍ତି ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି। କମିଟିର ସଦସ୍ୟଙ୍କ ସହ ଶତାଧିକ ଜଙ୍ଗଲ ଜମି ପଟ୍ଟାଧାରୀ ଚାଷୀ ନିଜ ହକ୍ ଓ ଅଧିକାର ପାଇଁ ଗୁରୁବାର ସିନାପାଲି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବି ଜଣାଇଛନ୍ତି। ସିନାପାଲି ତହସିଲଦାରଙ୍କୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ସରକାର ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ସଂଶୋଧିତ ଆଇନ- ୨୦୧୨କାର୍ଯ୍ୟକାରୀ କରିଛନ୍ତି। ଏହି ଆଧାରରରେ ଜଙ୍ଗଲ ଜମିରେ ପୁରୁଷାନୁକ୍ରମେ ଚାଷ କରି ପରିବାର ପ୍ରତିପୋଷଣ କରିଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ଥାଇ ମଧ୍ୟ ରାଜସ୍ୱ ବିଭାଗର ଭୁଲେଖ ୱେବ୍‌ସାଇଟ୍‌ରେ ଚାଷୀମାନଙ୍କ ନାମ କିମ୍ବା ଜମିର ପରିମାଣ ଉଲ୍ଲେଖ ନାହିଁ। ଯାହାଫଳରେ ଧାନ ବିକ୍ରି କିମ୍ବା ବୀମା, ଜାତିଗତ ପ୍ରମାଣ ପତ୍ର, ବାସସ୍ଥାନ ପ୍ରମାଣ ପତ୍ର ଭଳି ଅନେକ ସୁବିଧାରୁ ଏହି ଚାଷୀମାନେ ବଞ୍ଚିତ ହେଉଛନ୍ତି। ଅମଳ ଧାନକୁ ଦଲାଲକୁ ବିକ୍ରି କରିବାକୁ ବାଧ ହେଉଥିବା ଉପାନ୍ତ ବଣ ଜଙ୍ଗଲ ଘେରା ଅଞ୍ଚଳର ଜଙ୍ଗଲ ଜମି ପଟ୍ଟାଧାରୀମାନେ ପ୍ରକାଶ କରିଛନ୍ତି। ଗତ ୨୦୧୧ ମସିହାରେ ଆଦିବାସୀ ମାନଙ୍କୁ ଏହି ପଟ୍ଟା ମିଳିଥିବା ବେଳେ ଆଜି ପର୍ଯ୍ୟନ୍ତ

### ହକ୍ ପାଇଁ ତହସିଲଦାରଙ୍କୁ ଦାବି ଜଣାଇଲେ ଚାଷୀ

ସରକାର କିମ୍ବା ପ୍ରଶାସନିକ ସ୍ତରରେ ସମାଧାନ କରାଯାଇନାହିଁ। ନୂଆପଡ଼ା ଜିଲ୍ଲାରେ ପଟ୍ଟା ପାଉଥିବା ଆଦିବାସୀମାନେ ବାରମ୍ବାର ଅଭିଯୋଗ କରିଥିବା ସତ୍ତ୍ୱେ ଏଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ନେବାକୁ ନେଇ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ୍‌ରେ ଏଭଳି ଅବ୍ୟବସ୍ଥା ଲାଗି ରହିଛି ବୋଲି ସିନାପାଲି ବ୍ଲକ୍ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟିର ସଭାପତି ହନୁ ରାମ ମାଝି, ଲକ୍ଷ୍ମଣ ମାଝି ପ୍ରମୁଖ ଦାବି ଜଣାଇବା ସହ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବଣ ପାହାଡ ଘେରା ଅଞ୍ଚଳରେ ଆବଶ୍ୟକ ଜଳସେଚନର ସୁବିଧା ନ ଥିବାରୁ ଅନେକ ସମୟରେ ମରୁଡିର ସମ୍ମୁଖିନ୍ ହେଉଛନ୍ତି। ହେଲେ କୌଣସି ବୀମାଭୁକ୍ତ ହୋଇପାରୁ ନ ଥିବାରୁ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡୁଛି ବୋଲି ସେ ଅଭିଯୋଗ କରିଥିଲେ। ଏ ବିଷୟରେ ତହସିଲଦାର ଉପାଞ୍ଜଳୀ ମାଝି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିବା କହିବା ସହ ଜଙ୍ଗଲ ଜମି କିସମ ରାଜସ୍ୱ ଖାତାରେ ରହିବାର ନିୟମ ନାହିଁ। ଏହା ବନ ବିଭାଗ ଅଧୀନରେ ରହିଥାଏ। ତଥାପି ଆବଶ୍ୟକ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଜିଲ୍ଲାସ୍ତରୀୟ ମନିଟରିଂ କମିଟି ବୈଠକ



ବୌଦ୍ଧ,୭।୮(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କୀତ ଜିଲ୍ଲା ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମବାୟ ସମିତି ସମୁହର ଉପ ନିବନ୍ଧକ ଗିରିଶ ଚନ୍ଦ୍ର ପୁରୋହିତ, ସହକାରୀ ନିବନ୍ଧକ ଫକୀର ମୋହନ ବାଘ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସମ୍ପାଦକ ସ୍ମିତାସ୍ରୀ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପି. ଭେଙ୍କଟ ରମଣ ରାଓ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବରିଷ୍ଠ ଘୁମୁରା କଳାକାର ଭଗବାନ ଧଙ୍ଗଡା ମାଝୀଙ୍କ ପରଲୋକ

ଭବାନୀପାଟଣା,୭।୮(ସମିସ): ଭବାନୀପାଟଣା ସହରର ମଦାର ବଗିଚାପଡ଼ା ନିବାସୀ ବିଶିଷ୍ଟ ଘୁମୁରା କଳାକାର ଭଗବାନ ଧଙ୍ଗଡାମାଝୀ (୮୬)ଙ୍କ ପରଲୋକ ହୋଇଛି। ସେ ଧଙ୍ଗଡାମାଝୀ ୧୯୭୦ ଓ ୧୯୭୧ ମସିହାରେ ନୂଆଦିଲ୍ଲୀରେ ଘୁମୁରା ନୃତ୍ୟ ପ୍ରଦର୍ଶନ କରିଥିଲେ। ସେ ଜଣେ ଉଚ୍ଚ କୋଟୀର ନିଶାନ ବାଦକ ଥିଲେ। ଘୁମୁରା କଳାକାରମାନେ ପଗଡ଼ିରେ ବାନ୍ଧିଥିବା ଟାହିଆ ନିର୍ମାଣ କରିବାରେ ଧୂରୀଣ କାରିଗର ଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା କମିଟି ପକ୍ଷରୁ ତାଙ୍କୁ ଘୁମୁରା ଗୁରୁ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ତାରିଣୀ ମନ୍ଦିର ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ବିୟୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, କାରୁଣ୍ଡ କଳା କେନ୍ଦ୍ରର ସଭାପତି ପଦ୍ମନାଭ ରାଜୁ, ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, କଳାହାଣ୍ଡି ଲେଖକ କଳା ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ପ୍ରତିଭା ଅନୁଷ୍ଠାନର ଧ୍ୟାନାନନ୍ଦ ପଣ୍ଡା, ସଂସ୍କୃତି ଗବେଷକ ଜୟନ୍ତ ବେହେରା, ଭୀମସେନ ସାହୁ, ବରିଷ୍ଠ ଘୁମୁରା ଗୁରୁ କୈଳାସ ଚନ୍ଦ୍ର ସିଂହ ଓ ଗୀତିକାର ଗୌରାଙ୍ଗ ରାଉତ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ନୂଆପଡ଼ା,୭।୮(ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ମୋହରାଡ଼ିହି ଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣକ ହେଲେ ଆମାନାରା ଗାଁର ଉମେଶ ବଂଜାରା(୨୮)। ଗୁରୁବାର ସକାଳେ ଆମାନାରା ଗାଁର ଦେବାରାମ ବଂଜାରାଙ୍କ ପୁଅ ଉମେଶ ଏକ ବାଇକ(ସିଜି ୦୪ ଜିଆର ୪୪୩୯)ରେ ସାରାବଙ୍ଗ ପଟେ ଆସୁଥିଲେ। ଏହି ସମୟରେ ବାଇକ ଭାରସାମ୍ୟ ହରାଇ ମୋହରାଡ଼ିହି ଗାଁ ନିକଟ ଏକ ପୋଲରେ ପିଟି ହୋଇଥିଲା। ଉମେଶ ଛିଟିକି ପଡ଼ି ଘଟଣା ସ୍ଥଳରେ ଆଖି ବୁଜିଥିଲେ। ଏହି ଖବର ପାଇ ଧରମବନ୍ଧା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଥଲା। ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଧରମବନ୍ଧା ଥାନାରେ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନ ଅଧିକାରୀ ଟଙ୍କଗିରି ଭୋଇ କହିଛନ୍ତି।

## ଗଛ ଡାଳ ପଡି ଭାଙ୍ଗିଲା ଘର

ଶଗଡା,୭।୮(ସମିସ): କଣ୍ଟାମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ଫଳରେ ବିଲାସପୁର ପଞ୍ଚାୟତ କିରିକିଚିପାଲି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ପବନରେ ଗ୍ରାମର ଜପ ବସ୍ତିଆଙ୍କ ଘର ଉପରେ ଗଛ ଡାଳ ପଡି ଆଜବେଷ୍ଟସ ଭାଙ୍ଗି ଯାଇଛି। ତାଙ୍କ ଘର ଭାଙ୍ଗି ନଷ୍ଟ ହୋଇଛି। ଅଘଟଣରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗରିବ ପରିବାର ହୋଇ ଥିବାରୁ ଘର ମରାମତି କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ରାଜସ୍ୱ ବିଭାଗ ପକ୍ଷରୁ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗଛରେ କାର୍ ପିଟିହୋଇ ୬ ଗୁରୁତର

କୋମନା,୭।୮(ସମିସ): ନୂଆପଡା ଜିଲ୍ଲା କୋମନା ପଞ୍ଚାୟତ ସମିତି କଲେଜ ନିକଟରେ ଏକ କାର ଦୁର୍ଘଟଣାରେ ୬ ଜଣ ଯୁବକ ଗୁରୁତର ହୋଇଛନ୍ତି। ଏମାନେ ସମସ୍ତେ ହେଲେ ବଲାଙ୍ଗୀର ଜିଲ୍ଲା ଲାଠୋରର ରାଜକୁମାର ମେହେର (୨୮), ଶରତ ହଂସ (୨୮), ଅବିନାଶ ଦାସ (୨୪), ସୁଧାଂଶୁ ନାଏକ (୨୪), ହରିଶ୍ଚନ୍ଦ୍ର ଶବର (୨୬), ରବୀନ୍ଦ୍ର ଶବର (୧୯)। ସମସ୍ତଙ୍କୁ ନୂଆପଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ରାତି ୯ରେ ମହୁଲଭଟା ପଟରୁ କୋମନା ଅଭିମୁଖେ ଦ୍ରୁତଗତିରେ ଏକ କାର (ଓଡି୦୩ଏସି୬୩୬୮) ଆସୁଥିଲା। ଦୁର୍ଭାଗ୍ୟକୁ କଲେଜ ନିକଟସ୍ଥ ନୂଆବନ୍ଧ କଡରେ ଥିବା ଏକ ବମ୍ବୁର ଗଛରେ ପିଟି ହୋଇଯାଇଥିଲା। ଏହାଫଳରେ ଗାଡ଼ିରେ ବସିଥିବା ୬ ଜଣ ଯୁବକ ଗୁରୁତର ହୋଇଥିଲେ।

## ଦୁର୍ଗାପୂଜା ପାଇଁ ରାବଣ ବରଣ




ବିନିକା,୭।୮(ସମିସ): ବିନିକା ପୁରୁଣା ବସଷ୍ଟାଣ୍ଡ ଦୁର୍ଗା ପୂଜା କମିଟି ପକ୍ଷରୁ ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ରାବଣ ବରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଥାନାଧିକାରୀ ସତ୍ୟନାରାୟଣ ପଧାନ, ବିଜ୍ଞାପିତ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ପୂର୍ବତନ ଏସବିଆଇ ଶାଖା ପରିଚାଳକ ଘନଶ୍ୟାମ ମେହେର, ମନ୍ଦିର କମିଟି ସଭାପତି ସନ୍ତୋଷ ପଣ୍ଡା, ଉପ ସଭାପତି ସୁଧାଂଶୁ ଦାସ, ଶିଳ୍ପପତି ମୁନତାଜ ପଣ୍ଡା, ଭୀମସେନ ସାହୁ, ଅଜିତ ଦାସ, ଉସତ କର ପ୍ରମୁଖ ଯୋଗ ଦେଇଥିଲେ। ଏଥର ରାବଣ ଭୂମିକାରେ ଅଭିନୟ କରିବାକୁ ଥିବା ଅଭିନେତା ଗୋପାଳ ପଣ୍ଡାଙ୍କୁ ବରଣ କରାଯାଇଥିଲା।

## ସାପ କାମୁଡ଼ାରେ ଯୁବତୀ ମୃତ

ତରଭା,୭।୮(ସମିସ): ସାପ କାମୁଡାରେ ତରଭା ବ୍ଲକ୍ କମସରା ପଞ୍ଚାୟତ ପଥରଟେକା ଗ୍ରାମର ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ଜଣକ ପଥରଟେକା ନିବାସୀ ଜଗବନ୍ଧୁ ଘିବେଲାଙ୍କ ଝିଅ ସୁବାସିନୀ ଘିବେଲା(୨୨) ବୋଲି ଜଣାପଡ଼ିଛି। ବୁଧବାର ରାତିରେ ସେ ତଳେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡିଦେଇଥିଲା। ସୁବାସିନୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## କାର୍ ଦୁର୍ଘଟଣାରେ ଯୁବକ ମୃତ



ତରଭା,୭।୮(ସମିସ): ବୁଧବାର ରାତି ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ତରଭା ଥାନା ଘଣ୍ଟାରପାଲି ଗ୍ରାମର ସୁବ୍ରତ ଭୋଇ(୩୦) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସୁବ୍ରତ ନିଜ କାର୍ (ଓଡି୦୩ ଜେଡ୍ ୭୯୭୩)ରେ ଘଣ୍ଟାରପାଲି ଯିବା ସମୟରେ ଖାରି ହାଇସ୍କୁଲ ନିକଟରେ ଭାରସାମ୍ୟ ହରାଇ ଗାଡିଟି ଓଲଟି ପଡିଥିଲା। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୁବ୍ରତଙ୍କୁ ସୋନପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତରଭା ଥାନା ଏସଆଇ ରବୀନ୍ଦ୍ର ସାହୁ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଅସୁସ୍ଥ ଛାତ୍ରଙ୍କୁ ଓପାସରେ ରଖିବା ଘଟଣାର ତଦନ୍ତ

କୋକସରା,୭।୮(ସମିସ): କୋକସରା ବ୍ଲକ୍ ଆମପାଣିସ୍ଥିତ ଆବାସିକ ବିଦ୍ୟାଳୟରେ ଜଣେ ଅସୁସ୍ଥ ଛାତ୍ରକୁ ଓପାସରେ ରଖିବା ଏବଂ ତାଙ୍କ ଅଭିଭାବକଙ୍କୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ଘଟଣାର ତଦନ୍ତ ହୋଇଛି। ଅଭିଯୋଗ ପରେ ବିଡ଼ିଓ ହିମାଞ୍ଚଳ ମାଝୀ ଘଟଣାର ତଦନ୍ତ କରିବା ପାଇଁ କହିଥିଲେ। ଗୁରୁବାର କୋକସରା ବ୍ଲକ୍ ଦାୟିତ୍ୱରେ ଥିବା ମଙ୍ଗଳ ଅଧିକାରୀ ଭବାନୀଶଙ୍କର ଜେନା ପହଞ୍ଚି ତଦନ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ଘଟଣା ବିଷୟରେ ପଚାରି ବୁଝିଛନ୍ତି।

## ଖସିଗଲା ଗଞ୍ଜେଇ ମାଫିଆ

ଶଗଡା,୭।୮(ସମିସ): ମନମୁଣ୍ଡା ଥାନା ବରଗୋଛା ପଞ୍ଚାୟତ ପେନାକୋର ଜଙ୍ଗଲ ନିକଟରେ ବେଆଇନ ଭାବରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରା ପଡିଛି। ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୪୦ କେଜି ଗଞ୍ଜେଇ ଜବତ ହୋଇଛି। ତେବେ ଅବକାରୀ କର୍ମଚାରୀଙ୍କୁ ଦେଖି ମାଫିଆ ଫେରାର ମାରିଥିଲା।

## ନୋଟିସ୍ ଦେଇ ଦେଶୀ ମଦ ମାଫିଆକୁ ଛାଡ୍

ଶଗଡ଼ା,୭।୮(ସମିସ): କଣ୍ଟାମାଲ ଥାନା ବରଗାଁ ପଞ୍ଚାୟତ ବରିଗୁଭା ଗାଁ ନିକଟରେ ଦେଶୀ ମଦ ବିକ୍ରି ହେଉଥିବା ବେଳେ ଧରା ପଡିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ କଣ୍ଟାମାଳ ଅବକାରୀ ବିଭାଗର ଏକ ଟିମ ଚଢ଼ଉ କରିଥିଲେ। ଧୃବଲେ କହଁର ନିକଟରୁ ୮ ଲିଟର ଦେଶୀ ମଦ ଜବତ ହୋଇଥିଲା। ଏକ ମାମଲା ରୁଜୁ କରି ତାକୁ ସେବା ନୋଟିସ୍ ଦେଇ ଛାଡି ଦିଆ ଯାଇଛି।

## କୁକୁଡ଼ା ଫାର୍ମରୁ ଚୋରି

ମନମୁଣ୍ଡା,୭।୮(ସମିସ): ମନମୁଣ୍ଡା ଥାନା ଶୁଣ୍ଡିପଦର ଗୋବିନ୍ଦ ବାଦୀଙ୍କ କୁକୁଡ଼ା ଫାର୍ମରୁ ବୁଧବାର ରାତିରେ ୨ଟି ସୋଲାର ପ୍ଲେଟ୍ ଓ ଇନଭର୍ଟର ଚୋରି ହୋଇଯାଇଛି। ଘରର ପାରାପିଟ୍ ଓ ଆଜବେଷ୍ଟସ ଭାଙ୍ଗି ଚୋରି ହୋଇଥିବା ଗୋବିନ୍ଦ ଥାନାରେ ଅଭିଯୋଗ କରିଛନ୍ତି।

## ଥନଟ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଧର୍ମଗଡ଼,୭।୮(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ଥନଟ ଗ୍ରାମର କେବିଡ଼ିଠାରୁ ଗୋଡ଼ଭଞ୍ଜା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଗୋଚର କରିଛନ୍ତି। ହେଲେ କୌଣସି ସୁଫଳ ମିଳି ପାରିନାହିଁ। ଏହି ଏହି ରାସ୍ତା ଦେଇ ଥନଟ, କନାଗାଁ, ଲୁହାଗାଁ, ସାଗୁନଭାଡି, ବାଞ୍ଜିପଦର, ବକ୍ରାସିଲ, ଟିପିଗୁଡ଼ା, ରାଜପୁର, ବୋକ୍ରାକଟା ଭଳି ଅନେକ ଗ୍ରାମର ଛାତ୍ରଛାତ୍ରୀ, ଗ୍ରାମବାସୀ, ବ୍ୟବସାୟୀ, ରୋଗୀ ନିର୍ଭର କରି ଧର୍ମଗଡ ସହରକୁ ଆସିଥାନ୍ତି। ରାସ୍ତାରେ ଅନେକ ଖାଲ ଖମା ଭର୍ତ୍ତି ହୋଇଛି। ପାଣି ଜମି ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାସତ୍ତ୍ୱେ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉନି। ଏଣୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଅନେକ ରାଜନେତା ଆସି ରାସ୍ତା ପରିଦର୍ଶନ କରି ପ୍ରତିଶ୍ରୁତି ଦେଇ ଚାଲି ଯାଇଛନ୍ତି; ହେଲେ ପରେ ଭୁଲି ଯାଆନ୍ତି ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରନ୍ତି। ଥନଟ ଗାଁକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସହିତ ସଂଯୋଗ କରି ପିଚୁ ରାସ୍ତା ନିର୍ମାଣ କରିବାକୁ ବ୍ରାହ୍ମଣଛେଣ୍ଡିଆ ସରପଞ୍ଚ ମନୋଜ ନାଏକ ଦାବି କରହିଛନ୍ତି। ସାରଦା ବଲ୍ଲଭ ପଣ୍ଡା, ଦିଲ୍ଲୀପ ପଣ୍ଡା, ବିଜୟ ପଣ୍ଡା, ସୁନ୍ଦରଲାଲ ବାଗ, ଜଗନ୍ନାଥ ତାଣ୍ଡି, ଦେବାନନ୍ଦ ବାଗ, ପ୍ରମୋଦ ପଣ୍ଡା, ମହେନ୍ଦ୍ର ପଣ୍ଡା ପ୍ରମୁଖ ଗ୍ରାମବାସୀ ସରପଞ୍ଚଙ୍କ ସହ ଉପଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଏହି କର୍ମମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଥନଟ ଗାଁ ପିଚୁ ରାସ୍ତା ନ ହେଲେ ଅନ୍ୟ କୌଣସି ରାସ୍ତା କରାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

### ■ ତେଲିବନ୍ଧ-ବରପୁଡୁଗ ରାସ୍ତାରେ ଡକାୟତି

## ପୁଲିସ କର୍ମଚାରୀଙ୍କଠାରୁ ଲୁଟ୍; ୩ ଅଟକ

ବୌଦ୍ଧ,୭।୮(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ବରପୁଡୁଗ ରାସ୍ତାର ତୁଳସୀପୁର ନର୍ସରୀ ନିକଟରେ ଜଣେ ପୁଲିସ କର୍ମଚାରୀ ଲୁଟ୍‌ର ଶିକାର ହୋଇଛନ୍ତି। ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ କୁଲୁତାଖଲି ଗାଁର ରାଜକିଶୋର ନାଏକ ଏହି ଡକାୟତିର ଶିକାର ହୋଇଛନ୍ତି। ସେ ବୌଦ୍ଧ ଥାନାରେ ପୁଲିସ କର୍ମଚାରୀ ଅଛନ୍ତି। ହରିୟାଣାରୁ ତାଲିମ ସାରି ସେ ଭୁବନେଶ୍ୱରରେ ଓହ୍ଲାଇଥିଲେ। ସେଠାରୁ ଘରକୁ ଆସୁଥିବା ବେଳେ ବୌଦ୍ଧରେ ଓହ୍ଲେଇ ଥିଲେ। ବୌଦ୍ଧରୁ ଭାଇ ରାକେଶ ସହ ନିଜ ଗାଁ କୁଲୁତାଖଲିକୁ ତେଲିବନ୍ଧ-ବରପୁଡୁଗ ରାସ୍ତାରେ ଫେରୁଥିଲେ। ବାଟରେ ୬ ଜଣ ମୁଖାପିନ୍ଧା ବ୍ୟକ୍ତି ତୁଳସୀପୁର ନର୍ସରୀ ନିକଟରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଧସ୍ତା ଧସ୍ତି ହୋଇଥିଲା। ସାନ ଭାଇ ରାକେଶ ଚେତା ଶୂନ୍ୟ ହୋଇ ପଡିଯାଇଥିଲେ। ରାଜକିଶୋର ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ; ହେଲେ ସେମାନେ ରାକେଶଙ୍କ ଛାତିରେ ମରଣାସ୍ତ୍ର ରଖି ଧମକ ଦେଇଥିଲେ। ଏଣୁ ରାଜକିଶୋର ନିରବ ରହିଯାଇଥିଲେ। ଏହାପରେ ସେମାନଙ୍କ ଧମକରେ ରାଜକିଶୋର ନିଜ ମୋବାଇଲରୁ ଦିଲ୍ଲୀପ କଲତା ନାମକ ଜଣେ ବ୍ୟକ୍ତିର ମୋବାଇଲକୁ ୮୫ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ଏହାପରେ ୨ ଭାଇଙ୍କ ମୋବାଇଲ ନେଇ ଦୁର୍ବୃତ୍ତ ଫେରାର ମାରିଥିଲେ। ଦୁଇ ଭାଇଙ୍କ ଆସିବା ଡେରି ଯୋଗୁଁ ବାପା ମଧୁ ଫୋନ୍ କରିଥିଲେ; ହେଲେ ଉଭୟଙ୍କ ମୋବାଇଲ ସ୍ୱିଚ୍ ଅଫ ଥିବାରୁ ବାପା ଚିନ୍ତାରେ ପଡିଯାଇଥିଲେ। ଦୁଇ ଭାଇ ବହୁ କଷ୍ଟରେ ଗାଁରେ ପହଞ୍ଚି ପୁଲିସକୁ ଫୋନ୍ କରିଥିଲେ। ପୁଲିସ ପାଟ୍ରୋଲିଂ କରିଛି। ଏନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ମୋବାଇଲ ଟ୍ରାକିଂ କରି ପୁଲିସ ୩ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି।

# ୧୬ରେ ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଶଗଡା,୭।୮ (ସମିସ)



ବୌଦ୍ଧ ଜିଲ୍ଲାର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତି ଓ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକମାନଙ୍କର ଏକ ଜରୁରୀ ବୈଠକ ଘଣ୍ଟାପଡ଼ା କଲେଜରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା କ୍ଷେତ୍ରରେ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଧ୍ୟାପକମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସରକାରଙ୍କ ନିରବତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସଙ୍ଘ ପକ୍ଷରୁ ପର୍ଯ୍ୟାୟକ୍ରମେ ନୂତନ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରାଯାଇଛି। ତଥାପି କୌଣସି ସୁଫଳ ମିଳି ନାହିଁ।

ସରକାରଙ୍କ ୧୩ ମାସର କାର୍ଯ୍ୟକାଳ ମଧ୍ୟରେ ଗୁରୁଦିବସକୁ କଳା ଦିବସ, ଦେଢ଼ ଲକ୍ଷ ସାଧାରଣ ଲୋକଙ୍କର ଦସ୍ତଖତ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧୧ ଥର ସିଧା ସଳଖ ସାକ୍ଷାତ ସହ ଆଲୋଚନା କରିବା, ରାଜ୍ୟରେ ଥିବା ୫ଟି ଶିକ୍ଷା ନିର୍ଦ୍ଦେଶାଳୟ ମାଧ୍ୟମରେ ଦାବିପତ୍ର ପ୍ରଦାନ, ୩୦ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପରେ ମଧ୍ୟ ସରକାର ନିଦାବିଷ୍ଟ ସାଜିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ମତ ପ୍ରକାଶ ପାଇଥିଲା। ଏହାକୁ ସଂଘ ଗଭୀର ଭାବରେ ନିନ୍ଦା କରିଥିଲା। ଆସନ୍ତା ୧୬ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଭୁବନେଶ୍ୱର ସ୍ଥିତ ମହାତ୍ମାଗାନ୍ଧୀ ମାର୍ଗରେ ହେବାକୁ ଥିବା ବିକ୍ଷୋଭରେ ସମସ୍ତ ଅଧ୍ୟାପକ ସାମିଲ ହୋଇ ସହଯୋଗ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଏହାପୂର୍ବରୁ ଦାବି ପୂରଣ ଦିଗରେ ନୀତିଗତ ନିଷ୍ପତ୍ତି ନ ନେଲେ ଆଗକୁ ହେବାକୁ ଥିବା ଅପ୍ରୀତିକର ପରିସ୍ଥିତି ପାଇଁ ସରକାର ହିଁ ଦାୟୀ ରହିବେ ବୋଲି ବୌଦ୍ଧ ଜିଲ୍ଲା ସଂଯୋଜକ ସୁବାଷ ବାରିକ ଚେତାବନୀ ଶୁଣାଇଥିଲେ। ଏହି ସମ୍ମିଳନୀରେ ବୌଦ୍ଧ ଜିଲ୍ଲା ବିଭିନ୍ନ ବେସରକାରୀ କଲେଜର ଅଧ୍ୟାପକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲେ ଅଧ୍ୟାପକ

ନୂଆପଡ଼ା,୭।୮ (ସମିସ): ନିଖିଳ ଓଡ଼ିଶା ଯୁକ୍ତ ଦୁଇ ଓ ଯୁକ୍ତ ତିନି ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ନୂଆପଡ଼ା ଶାଖା ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପେନସନ ଏବଂ ସେବା ସର୍ତ୍ତାବଳୀର ବ୍ୟବସ୍ଥା ସହ ଏକ ନୂତନ ପ୍ୟାରିଟି ଜିଆଇଏ ନୀତି ପ୍ରଣୟନ କରି ଓଡ଼ିଶା ସରକାରଙ୍କ ଦ୍ୱାରା ଜିଏଲଏ ଅର୍ଡର-୨୦୦୮ ଏବଂ ୨୦୧୪ର ସମସ୍ତ କର୍ମଚାରୀଙ୍କୁ ପେନସନ ଦିଆଯାଉ ବୋଲି ଦାବି କରାଯାଇଛି। ପ୍ରକାଶଯେ, ରାଜ୍ୟରେ ୧୯୯୦ ମସିହାରୁ ଅବସର ନେଇଥିବା ଅଧ୍ୟାପକମାନେ ପେନସନରୁ ବଞ୍ଚିତ ରହିଛନ୍ତି। ଜିଏଲଏର ଏହି ବ୍ୟବସ୍ଥା ରାଜ୍ୟ ତାଲିକା ଅଧୀନରେ ଆସୁଥିବାରୁ ରାଜ୍ୟ ସରକାର ସମାନ କାମ ପାଇଁ ସମାନ ଦରମା ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଥିବାରୁ ଉଚ୍ଚଶିକ୍ଷା ବିଭାଗ ଏହି ବଞ୍ଚିତ କର୍ମଚାରୀଙ୍କ ସପକ୍ଷରେ ପେନସନ୍ ଏବଂ ସେବା ସର୍ତ୍ତାବଳୀ ପ୍ରଦାନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ସଂଘ ସଭାପତି ରୁଦ୍ରମାଧବ ବାରିକ, ସଂପାଦକ ପ୍ରଭାସ ପଣ୍ଡା, ଡା. ରବୀନ୍ଦ୍ର ମିଶ୍ର, ଉମାକାନ୍ତ ପ୍ରଧାନ, ରାଜେନ୍ଦ୍ର ବେହେରା, ବଳରାମ ଦଣ୍ଡସେନା, ମହେନ୍ଦ୍ର ବେହେର, ଗୋପାଳ ଦାଶ, ସଞ୍ଜିବ ଦାଶ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



## ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦ ଉପରେ ଗୁରୁତ୍ୱ

ନୂଆପଡା,୭।୮ (ସମିସ): ନୂଆପଡା ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଭାଗୃହଠାରେ ୧୧ ତମ କୃଷି ଗଣନା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଦିଲେଶ୍ୱର ଧରୁଆ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ କେ. ପାର୍ଥ ସାରଥୀ ଦୋରା, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କୃଷି ଗଣନାର ୨ୟ ପର୍ଯ୍ୟାୟ ଫଳାଫଳରୁ ପୂର୍ବ କୃଷି ଗଣନା ବର୍ଷ ୨୦୧୫-୧୬ ଅପେକ୍ଷା ଜିଲ୍ଲାରେ ଧାନ ଫସଲର ୯ ପ୍ରତିଶତ ଏବଂ ଅଣଧାନ ଫସଲରେ ୬୯ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ସେହିପରି ଜିଲ୍ଲାରେ ଯୋତ ଧାରକଙ୍କ ସଂଖ୍ୟାରେ ୧୬ ପ୍ରତିଶତ ବୃଦ୍ଧି ହୋଇ ୧୨୪୧୭୮ ହୋଇଛି। ଏଥିସହିତ ଜିଲ୍ଲାରେ ଫସଲର ବାରମ୍ବାରତା ୧୫ ପ୍ରତିଶତ ବୃଦ୍ଧି ହୋଇଛି। ଆଗକୁ ଜିଲ୍ଲାରେ କୃଷିର ଅଧିକ ଉନ୍ନତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଏହା ମାଧ୍ୟମରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂରୀଭୂତ କରିବା ପାଇଁ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଏବଂ ସମ୍ପୃକ୍ତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଆରମ୍ଭ

ନୂଆପଡା,୭।୮ (ସମିସ): ନୂଆପଡ଼ା ସହର ରେଳଷ୍ଟେସନ୍ ସନ୍ନିକଟ ନୂଆପଡ଼ା-ସୋହେଲା ରାସ୍ତାରେ ରେଲୱେ ଓଭର ବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଯାଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ଗୋଡ଼ ଫୁଲା ନିବାସୀ ଗେସରାମ ପଟେଲ ଓ ଗୀତା ସାହୁଙ୍କ ନାମରେ ଥିବା ୪୩୨ ଡେସିମିଲ ଜମିକୁ ଉପନିବନ୍ଧକ କାର୍ଯ୍ୟାଳୟରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳାଙ୍କ ତରଫରୁ ରେଜିଷ୍ଟ୍ରେସନ କରାଯାଇଛି। ଏହି ସମୟରେ ଜିଲ୍ଲା ଉପନିବନ୍ଧକ ରାକେଶ ପରିଡ଼ା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ଗର୍ଡିଆ, ବିଭାଗୀୟ କର୍ମଚାରୀ ଅଶୋକ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ନୂଆପଡ଼ା ସହରରେ ବହୁ ପ୍ରତିକ୍ଷିତ ରେଲୱେ ଓଭର୍ ବ୍ରିଜ ଶୀଘ୍ର ନିର୍ମାଣ ହେବା ନେଇ ଆଶା ଉଜ୍ଜିବିତ ହୋଇଛି। ସୂଚନାଯୋଗ୍ୟ, ଏଥିପାଇଁ ଦୀର୍ଘ ଦିନ ଧରି ଲୋକେ ଦାବି କରି ଆସୁଥିଲେ।

## ଟ୍ରାକ୍ଟର ବୁଲାଇ ଧାନଚାଷ ନଷ୍ଟ

ବୌଦ୍ଧ,୭।୮ (ସମିସ): ବୌଦ୍ଧ ଥାନା ବ୍ରାହ୍ମଣୀପାଲି ପଞ୍ଚାୟତ କୃଷ୍ଣପାଲି ଗ୍ରାମରେ ଚାଷ ଜମିରେ ଟ୍ରାକ୍ଟର ବୁଲାଇ ଧାନ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ବୌଦ୍ଧ ଥାନାର ଦ୍ୱାରସ୍ଥ ହେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନାନୁଯାୟୀ, କୃଷ୍ଣପାଲି ଗ୍ରାମର ଜିତେନ୍ଦ୍ର ପ୍ରଧାନ ଘରେ ନଥିବା ସମୟରେ ନିଜ ଜମିରେ ରୋଇଥିବା ଧାନରେ ଖଣ୍ଡପଡ଼ା ଗ୍ରାମର ଧର୍ମେନ୍ଦ୍ର ଦାସ ଟ୍ରାକ୍ଟର ବୁଲାଇ ଧାନ ନଷ୍ଟ କରିଥିଲେ। ଜିତେନ୍ଦ୍ରଙ୍କ ପତ୍ନୀ କ୍ଷୀରୋଦିନୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଗାଳି ଗୁଲଜ କରିବା ସହ ଧର୍ମେନ୍ଦ୍ର ଧକ୍କା ମାରିଥିବା ଗତ ୪ ତାରିଖ ଦିନ ଜିତେନ୍ଦ୍ର ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୩ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ କରି ବୁଧବାର ଥାନାଧିକାରୀଙ୍କୁ ଭେଟିଛନ୍ତି ପୀଡିତ ଚାଷୀ ପରିବାର। ଧାନ ଚାଷ ନଷ୍ଟ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଓ ବ୍ୟବହୃତ ଟ୍ରାକ୍ଟରକୁ ଜବତ ପାଇଁ ଚାଷୀ ପରିବାର ଦାବି କରିଛନ୍ତି।

## କାମରେ ଆସୁନି ଉପନିବନ୍ଧକଙ୍କ କାର୍ଯ୍ୟାଳୟର ପ୍ରତୀକ୍ଷାଳୟ

ବୀରମହାରାଜପୁର,୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପନିବନ୍ଧକ (ସବ୍ ରେଜିଷ୍ଟ୍ରର) କାର୍ଯ୍ୟାଳୟରେ ଯାତ୍ରୀମାନଙ୍କ ପାଇଁ ନିର୍ମିତ ହୋଇଥିବା ଯାତ୍ରୀ ପ୍ରତୀକ୍ଷାଳୟ ସେଥିରେ ତାଲା ପଡିଛି। ଏହାଫଳରେ ଏହା ଯାତ୍ରୀଙ୍କ କାମରେ ଆସୁନାହିଁ। ପ୍ରତିଦିନ ସକାଳ ହେଲେ ବୀରମହାରାଜପୁର ବ୍ଲକ୍‌ରେ ଥିବା ୧୫ଟି ପଞ୍ଚାୟତର ଲୋକମାନେ ଜମି କିଣାବିକା ରେଜିଷ୍ଟ୍ରେସନ ପାଇଁ ଏଠାକୁ ଆସନ୍ତି। ମାତ୍ର ବିଶ୍ରାମ ପାଇଁ ରହି ଏହି ପ୍ରତୀକ୍ଷାଳୟରେ ତାଲା ପଡିଥିବାରୁ ପ୍ରତୀକ୍ଷା କରିବାକୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

## ମହିଳା ନିଖୋଜ ଅଭିଯୋଗ

ଥୁଆମୂଳରାମପୁର,୭।୮ (ସମିସ): ଥୁଆମୂଳ ରାମପୁର ବ୍ଲକ୍



ଅଡ୍ରୀ ପଞ୍ଚାୟତ ଢୋଲପାସ ତେନ୍ତୁଳିପଡାର ଜୟରାମ ମାଝୀଙ୍କ ସ୍ତ୍ରୀ କସ୍ତୁରୀ ମାଝୀ (୨୫) ନିଖୋଜ ଅଛନ୍ତି। ତାଙ୍କ ସ୍ୱାମୀ ଜୟରାମ ପ୍ରାୟ ବର୍ଷେ ହେବ ବାହାର ରାଜ୍ୟକୁ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଛନ୍ତି। ଜୟରାମଙ୍କ ବଡଭାଇ ବଳରାମ ଏବଂ ପରିବାର ଲୋକେ କସ୍ତୁରୀଙ୍କୁ ଖୋଜି ପାଉ ନାହାନ୍ତି। ଏ ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ ହୋଇଛି।

## ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ପକ୍ଷରୁ ଏସଏମ୍‌ଆଇ ତାଲିମ ଶିବିର

କର୍ଲାମୁଣ୍ଡା,୭।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରେଗଡାପଞ୍ଚାୟତ ବିଜାପାଟିରେ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ପକ୍ଷରୁ ବିଜାପାଟିରେ ଏସଏମ୍‌ଆଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅକ୍ଷୟ ପାତ୍ର, କର୍ଲାମୁଣ୍ଡା ଭାରପ୍ରାପ୍ତ ଏଓ ଲୋକନାଥ ନାଗ, ଶ୍ରୀଅନ୍ନ ଅଭିଯାନର ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ସାହୁ, ଜୟଥୁଆମୂଳ ରାମପୁର ଅର୍ଗାନିକ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କଧର ନାଏକ ପ୍ରମୁଖ ଯୋଗ ଦେଇ କ୍ଷୁଦ୍ର ଶସ୍ୟ ଚାଷର ବିଭିନ୍ନ ପଦ୍ଧତି, ରୋଗ ପୋକ ନିୟନ୍ତ୍ରଣ, ସରକାରୀ ସହାୟତା ତଥା ବଜାର ଚାହିଦା ଉପରେ ଆଲୋଚନା କରିଥିଲେ। କୃଷି ଓଭରସିଅର ଲୋକନାଥ ନାଗ ସାଧନ କର୍ମୀ ଭାବେ ଯୋଗ ଦେଇ ଏସଏମ୍‌ଆଇ ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଆରପି କମଳ ସୁନା, ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରୀଆ, ଧୁରାବନ ବାଗ, ପ୍ରବୀଣ ନାଏକ, ମଧୁସୂଦନ ସାହୁ, ଦେବାଶିଷ ନାଗ ସହଯୋଗ କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

ଶଗଡା,୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦୁର୍ଗେଶ ନାଏକ, ମାନସ ରଞ୍ଜନ ଦାସ, ଅଜୟ ସାହୁ, କଳାକାଁହୁ ମେହେର, ଦିଲ୍ଲୀପ ସ୍ୱାଇଁ, ବୈକୁଣ୍ଠ ବିଶି, ଚୈତନ୍ୟ ସାହୁ, ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରାବଣରେ ବୈଶାଖର ତାତି

କେସିଙ୍ଗା,୭।୮ (ସମିସ): ଆଉ ଦିନେ ପରେ ଶ୍ରାବଣ ମାସ ସରି ଭାଦ୍ରବ ଆସିବ; କିନ୍ତୁ ବର୍ଷାର ଦେଖାନାହିଁ। ଅବଶ୍ୟ ଜୁଲାଇରେ ଲଘୁଚାପ ଜନିତ ବର୍ଷା କିଛି ମାତ୍ରାରେ ହୋଇଥିଲା। ତାହା କିନ୍ତୁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଏବେ ଦିନସାରା ଟାଣ ଖରା ସହ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଗଲାଣି। ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଲାଣି। କ୍ଷେତରେ ପାଣି କମି କମି ଯାଉଛି। ଚଳିତ ବର୍ଷ ମରୁଡି ହେବା ସୁନିଶ୍ଚିତ ବୋଲି ଚାଷୀ ଅନୁମାନ କରୁଛନ୍ତି। ଚାଷ ଜମି ସବୁ ପାଣିବିନା ଫାଟି ଆଁ କଲାଣି। ଅଞ୍ଚଳର ସମସ୍ତ ଉଠା ଜଳସେଚନ ପ୍ରକଳ୍ପ ବନ୍ଦ ପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



ନୂଆପଡା,୭।୮ (ସମିସ): ନୂଆପଡା ସଦର ବ୍ଲକ୍ ବେଲଟୁକୁରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବେଲଟୁକୁରୀ ପଞ୍ଚାୟତ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ରଣଜିତ ମଲ୍ଲିକ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ବିନୟ ଦୀପ ଏବଂ ପରିଚାଳନା ସମିତିର କୋଷାଧ୍ୟକ୍ଷ କୁଶଳେଶ୍ୱର ସିଂ ମାଝୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ଶବର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମୋଟ ୧୨୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନ ମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ କୁଞ୍ଜ ବିହାରୀ ଠାକୁର ମେଳାକୁ ପରିଚାଳନା କରିଥିଲେ।

## ରାଜକୁମାର ମାହାଣାଙ୍କ ଶ୍ରଦ୍ଧାଞ୍ଜଳି ସଭା

ତରଭା,୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରାଜକୁମାର ମାହାଣାଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ବୈରାସରସ୍ଥିତ ନରୋତ୍ତମ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାଜକୁମାର ଆତ୍ମାର ସଦ୍‌ଗତି କାମନା କରିବା ସହ ରାଜକୁମାରଙ୍କ ସାମ୍ବାଦିକ ଜୀବନର ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ବ୍ୟୋମକେଶ ଦାସ, ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମିଶ୍ର, ତରଭା ବ୍ଲକ୍ ସାମ୍ବାଦିକ ସଙ୍ଘ ସଭାପତି ଅଶୋକ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କଠାରୁ ଜଣେ କାର୍ଯ୍ୟରତ ସାମ୍ବାଦିକ ଯେଉଁ ସବୁ ମୃତ୍ୟୁକାଳୀନ ସାହାଯ୍ୟ ସୁବିଧା ପାଇବା କଥା ଶୀଘ୍ର ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ସାହାଯ୍ୟ ପ୍ରଦାନ କରିବା ଦିଗରେ ପ୍ରୟାସ କରିବାକୁ ମତପ୍ରକାଶ ପାଇଥିଲା। ଶେଷରେ ବରିଷ୍ଠ ସାମ୍ବାଦିକ ମାନଭଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ମୁକେଶ ବହିଦାର, ବିଷ୍ଣୁ ସାହୁ, ନିର୍ମାଲ୍ୟ ଦେହୁରୀ, ଅମରଜିତ୍ ବେହେରା, ସଂଗ୍ରାମ ମିଶ୍ର, ମାନସ ବାବୁ, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, ବିବେକାନନ୍ଦ ମିଶ୍ର, ବୀରମହାରାଜପୁରର ନୀଳକମଳ ମିଶ୍ର, ଉଲୁଣ୍ଡାର କମଳ ରଞ୍ଜନ ପରିଛା, କୌଡିଆମୁଣ୍ଡାର ଅଶୋକ ପଣ୍ଡା, ଦଧିବାମନ ନାୟକ, ଧନଞ୍ଜୟ ଆଡ ଯୁଆଡ଼ିଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।



## ସିଆର୍‌ପିଏଫ୍ ବାଟାଲିୟନ ପକ୍ଷରୁ ଚାରାରୋପଣ



ଲାଞ୍ଜିଗଡ,୭।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ତ୍ରିଲୋଚନପୁର ପଞ୍ଚାୟତସ୍ଥିତ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ସିଆରପିଏଫ୍ ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ଫିରୋଜ କୁଜୁର ଓ ସେକେଣ୍ଡ ଟୁଆଇସି ୪ର୍ଥ ବାଟାଲିୟନ ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶକ୍ରମେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଲାଞ୍ଜିଗଡ ତ୍ରିଲୋଚନପୁରସ୍ଥିତ ସିଆର୍ ପିଏଫ୍ ଡି. କମ୍ପାନୀ୪ର୍ଥ କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ଦେବରାଜ ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତ୍ରିଲୋଚନପୁର ସରପଞ୍ଚ ସୁନାଲି ମାଝୀ ଯୋଗ ଦେଇଥିବା ବେଳେ ସାମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଜିତେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ ଶିକ୍ଷକ ଭେନୁ ଗୋପାଲ, ଯଦୁମଣି ନାୟକ, ବିକ୍ରମ ମାଝୀ, କୈଳାସଚନ୍ଦ୍ର ଭୋଇ, ହାଇସ୍କୁଲ ଅନ୍ୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଯବାନ ଅଂଶଗ୍ରହଣ କରି ୧୫୦ରୁ ଅଧିକ ବିଭିନ୍ନ କିଶମର ବୃକ୍ଷ ରୋପଣ କରିବା ସହ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ଦାୟିତ୍ୱ ପ୍ରଦର୍ଶନ କରିଥିଲେ। ଅଞ୍ଚଳରେ ଅଧିକରୁ ଅଧିକ ଗଛ ଲଗାଇ ସବୁଜିମା ବୃଦ୍ଧି କରିବା ଏବଂ ଲୋକଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ୪ର୍ଥ ବାଟାଲିୟନ କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ଦେବରାଜ ଦେହୁରୀ କହିଛନ୍ତି।

## କର୍ମଡ୍ଡା ପଞ୍ଚାୟତସ୍ତରୀୟ ଯାଦବ ମହାସଭା ବୈଠକ

ଲାଞ୍ଜିଗଡ଼,୭।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ କର୍ମଡ୍ଡା ପଞ୍ଚାୟତସ୍ତରୀୟ ନବମ ଯାଦବ ମହାସଭା ବୈଠକ ଓ ଆଞ୍ଚଳିକ ଯାଦବ ସମାଜର ପୁନଃ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମଡ୍ଡା ପଞ୍ଚାୟତ ଉଲିଗୁଞ୍ଜେରରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ଯୁବ ଯାଦବ ସଭାପତି ଡିଲେଶ ନାଗ, ଲାଞ୍ଜିଗଡ଼ରୋଡ଼ ଆଞ୍ଚଳିକ ଯାଦବ ସଭାପତି ପୂର୍ଣ୍ଣଚନ୍ଦ୍ର ଗଉଡ଼ ପ୍ରମୁଖ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଯୋଗ ଦେଇଥିଲେ। କର୍ମଡ୍ଡା ଆଞ୍ଚଳିକ ଯାଦବ ସମାଜ ସଭାପତି ତରୁଣ ବଗର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ କାର୍ଯ୍ୟକ୍ରମ ସୋନୁଜ ଗଉଡ଼ ପରିଚାଳନା କରିଥିଲେ। ଏହି ଅବସରରେ କର୍ମର୍ଡ୍ଡା ଯାଦବ ମହାସଭା ପଞ୍ଚାୟତସ୍ତରୀୟ ଆଞ୍ଚଳିକ କମିଟି ପୁନଃ ଗଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସଭାପତି ଭାବେ ତରୁଣ ବଗର୍ତ୍ତୀ, ଉପସଭାପତି ଭାବେ କାଳାମଣି ଭୋଇ, ସାଧାରଣ ସଂପାଦକ ମନୋଜ ଗଉଡ଼, ସହ ସମ୍ପାଦକ ଲବ ବଗର୍ତ୍ତୀ, କୋଷାଧ୍ୟକ୍ଷ ଭାବେ ଟିକେଚନ ଗଉଡ଼ଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପଞ୍ଚାୟତର ୬ଟି ଗ୍ରାମ୍ୟ କମିଟି ଓ ୫ଟି ଭାତ କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ବରୁଣ ବଗର୍ତ୍ତୀ, ଦ୍ୱାରୁ ନାଗ, ନିଳମଣି ଚନ୍ଦନ, ଚକ୍ରଧର ନାଗ, ରଘୁମଣୀ ଜାଲ, ମୁକୁନ୍ଦ ଗଉଡ଼ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ମୋହନ କରୁଆଁ, ପ୍ରଶାନ୍ତ ଗଉଡ଼, ସୁଧୀର ଗଉଡ଼ ଏବଂ କର୍ମର୍ଡ୍ଡା ଆଞ୍ଚଳିକ ଯାଦବ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ସଂସ୍କୃତ ସପ୍ତାହ



ସୁବଲୟା,୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କେନଝରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଠାରେ ବୁଧବାର ସଂସ୍କୃତ ଦିବସ ପାଳିତ ହୋଇଛି। ପ୍ରଥମ ଦିବସର ପ୍ରାର୍ଥନା ସଭାରେ ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ ଚାଣକ୍ୟଙ୍କର ନୀତିବାଣୀ ଆଧାରିତ ବିଭିନ୍ନ ଶ୍ଳୋକର ବ୍ୟାଖ୍ୟା କରିବା ସହ ସଂସ୍କୃତ ହିଁ ସଂସ୍କୃତିର ଆଦି ଜନନୀ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସଂସ୍କୃତ ଶିକ୍ଷକ ଜଗଦୀଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ପ୍ରମୋଦ ପାତ୍ର, ମୀନକେତନ ରଣା, ଜୀବର୍ଦ୍ଧନ ରଣା ଓ କର୍ମଚାରୀ ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ ଭୁକ୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ପଧାନ ଧନ୍ୟବାଦ ଦେଇଥିଲେ।

# ମରାମତି ହେଲା ଜାତୀୟ ରାଜପଥର ବିପଦପୂର୍ଣ୍ଣ ଗର୍ତ୍ତ





ବୌଦ୍ଧ,୭।୮ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ବ୍ଲକ୍ ବଲସିଙ୍ଗା ଓ ମର୍ଯ୍ୟାଦପୁର ଛକ ତଥା ସାଲୁଙ୍କି ବ୍ରିଜ୍‌ର ଉଭୟ ପାଶ୍ୱର୍ରେ ଅନେକ ଗର୍ତ୍ତ ସୃଷ୍ଟି ହୋଇଥିଲା। କେତେକ ସ୍ଥାନରେ ଗର୍ତ୍ତ ଗୁଡିକ ୨ ରୁ ୩ ଫୁଟ ଚଉଡ଼ାର ହୋଇଥିଲା।

ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏଆରସିସି ସଂସ୍ଥାକୁ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ରାସ୍ତାରେ ଥିବା ଗର୍ତ୍ତର ମରାମତି କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟରେ ୨୦୨୩ ମସିହାରେ ଏହି ପୋଲର ଉଭୟ ପାଶ୍ୱର୍ ସଂଯୋଗୀକରଣ ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ଏଭଳି ଅବସ୍ଥା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ମରାମତି ହେଲା ଲାଞ୍ଜିଗଡ଼ରୋଡ଼ ରେଲ୍‌ୱେ ଭୂତଳ ପୋଲ



ଲାଞ୍ଜିଗଡ଼,୭।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ରେ ରେଲୱେ ବିଭାଗର ଭୂତଳ ପୋଲରେ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମିରହୁଥିବା ଏହି ଖବର 'ସକାଳ'ରେ ପ୍ରକାଶିତ ହେବା ପରେ ରେଳ ବିଭାଗର ନିଦ ଭାଙ୍ଗିଛି। ସୂଚନାଯୋଗ୍ୟ ଏହି ଭୂତଳ ପୋଲରେ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଥିଲ। ପୋଲ ତଳେ ଶିଉଳି ଓ କାଦୁଅ ଜମି ରହିଥିବା ଯୋଗୁଁ ଛୋଟବଡ ଦୁର୍ଘଟଣାରେ ଶିକାର ହେଉଥିଲେ ଲୋକେ। ଏନେଇ ଗତ ୨୨ ତାରିଖ ଦିନ 'ସକାଳ'ରେ ଖବର ପ୍ରସାରଣ ପରେ ରେଳ ବିଭାଗ ପକ୍ଷରୁ ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ସୁବିଧା କରାଯାଇଛି। ତେବେ ପୋଲ ତଳୁ ପାଣି ନିଷ୍କାସନ ହେବା ପରେ ଲୋକେ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୫
- ପାଉଣ୍ଡ ୧୧୭.୯୬
- ୟୁରୋ ୧୦୨.୭୬
- ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୨୨୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୨୩.୦୦
- ନିଫ୍ଟି ୨୪,୫୯୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଲାଗୁ ହେଲା ଟ୍ରମ୍ପ୍ ଶୁଳ୍କ

# ଆଜିଠୁ ୨୫%, ଅବଶିଷ୍ଟ ୨୫% ୨୭ରୁ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ ହୋଇଥିବା ୨୫% ଆମଦାନୀ ଶୁଳ୍କ ଆଜିଠାରୁ କାର୍ଯ୍ୟକାରୀ ହେବ। ଏହି ଶୁଳ୍କ ଲାଗୁ ହେବାର ଗୋଟିଏ ଦିନ ପୂର୍ବରୁ, ଟ୍ରମ୍ପ୍ ରୁଷ ସହିତ ବାଣିଜ୍ୟ କାରବାରକୁ ନେଇ ଭାରତ ଉପରେ ଜୋରିମାନା ସ୍ୱରୂପ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଥିଲେ। ବର୍ଦ୍ଧିତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ ହେବ। ଅର୍ଥାତ୍,ଚଳିତ ମାସ ଶେଷ ସୁଦ୍ଧା ଭାରତରୁ ଆମେରିକା ଯାଉଥିବା ଉତ୍ପାଦ ଉପରେ ମୋଟ ଶୁଳ୍କ ୫୦% ପହଞ୍ଚିବ। ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବାର ପ୍ରାୟ ଏକ ମାସ ପରେ, ଫେବୃଆରୀରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ଅର୍ଥାତ୍, ଭାରତ ପ୍ରଥମ କିଛି ଦେଶ ମଧ୍ୟରେ ଥିଲା ଯେଉଁମାନେ ଯଥାଶୀଘ୍ର ଆମେରିକା ସହିତ ବାଣିଜ୍ୟ ଚୁକ୍ତିକୁ ପ୍ରାଥମିକତା ଦେଇଥିଲେ। ଉଭୟ ଦେଶ ବାଣିଜ୍ୟ ଆଲୋଚନା ପାଇଁ ସେମାନଙ୍କର ପ୍ରତିନିଧିମଣ୍ଡଳୀ ମଧ୍ୟ ଘୋଷଣା କରିଥିଲେ। ତଥାପି, ଗତ ୫ ମାସ ମଧ୍ୟରେ ୫ଟି ବୈଠକ ସତ୍ତ୍ୱେ ଭାରତ-ଆମେରିକା ଏକ ଚୁକ୍ତିରେ ପହଞ୍ଚି ପାରି ନାହାନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚଳିତ ବର୍ଷ ଏପ୍ରିଲରେ ଭାରତ ଗସ୍ତ କରିଥିଲେ। ତାଙ୍କ ସହିତ ଆସିଥିବା ପ୍ରତିନିଧି ଦଳ ମଧ୍ୟ ଭାରତ ସହିତ ଆଲୋଚନାର ଡ୍ରାଫ୍ଟକୁ ଚୂଡ଼ାନ୍ତ କରିଥିଲେ। ଏହି ବୈଠକ ପରେ ଭାରତକୁ ଅନେକ କ୍ଷେତ୍ରରେ ରିଆତି ମିଳିଥିଲା କୁହାଯାଉଥିଲା। ସେତେବେଳେ ଭାରତ ଆମେରିକାକୁ ଏହାର ଶିଳ୍ପ ଉତ୍ପାଦର ରପ୍ତାନି ଉପରେ କୌଣସି ଶୁଳ୍କ ଲାଗୁ ନ କରିବାକୁ ପ୍ରସ୍ତାବ ଦେଇଥିଲା। ଆମେରିକାରୁ ଭାରତକୁ ହେଉଥିବା ମୋଟ ରପ୍ତାନିର ୪୦% ହେଉଛି ଶିଳ୍ପ ଉତ୍ପାଦ। ଭାରତ ମଦ ସହିତ ଆମେରିକୀୟ କାର ଉପରେ ଶୁଳ୍କ ହାର ହ୍ରାସ କରିବାକୁ ରାଜି ହୋଇଥିଲା। ଏହାସହିତ, ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ନିଅଣ୍ଟ ୪୫ ବିଲିୟନ ଡଲାର ହ୍ରାସ କରିବା ପାଇଁ ଏହାର ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ୨୫ ବିଲିୟନ ଡଲାର ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲା। କୁହାଯାଏ ଯେ ୫ମ ପର୍ଯ୍ୟାୟ ବୈଠକ ଆସିବା ପର୍ଯ୍ୟନ୍ତ, ଉଭୟ ଦେଶ ସେମାନଙ୍କର ମତଭେଦ ଦୂର କରିଥିଲେ। ଟ୍ରମ୍ପ୍ ଏ ସମ୍ପର୍କରେ ଶୀଘ୍ର ଏକ 'ବଡ଼ ଚୁକ୍ତି' କରିବାକୁ ମଧ୍ୟ ଘୋଷଣା କରିଥିଲେ। ତଥାପି, ଏହା ସତ୍ତ୍ୱେ ଟ୍ରମ୍ପ ପ୍ରଶାସନ ଭାରତରୁ ଶୁଳ୍କ ହ୍ରାସରେ ଖୁସି ନ ଥିଲା। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଆଶା କରୁଥିଲେ ଯେ ସେମାନେ କେବଳ ଶୁଳ୍କ ରିଆତି ଦେଇ ସେମାନଙ୍କର କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ରକ୍ଷା କରିପାରିବେ। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଭାରତ ପାଇଁ କିଛି କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଆମେରିକୀୟ ଦାବି ଆଗରେ ମୁଣ୍ଡ ନୁଆଁଇ ନ ଥିଲେ।



## ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତି ରଦ୍ଦ

ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନକୁ ଭାରତ ବଡ଼ ଝଟକା ଦେଇଛି। ଆମେରିକା ସହ ଭାରତ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ରଦ୍ଦ କରିଦେଇଛି। ଭାରତ ଏହି ନିଷ୍ପତ୍ତି ସେତେବେଳେ ନେଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାର ଭାରତୀୟ ନୌସେନା ପି-୮ ସାମୁଦ୍ରିକ ବିମାନ କ୍ରୟ ନିମନ୍ତେ ଚୁକ୍ତି କରିଥିଲା। ଏବେ କୁହାଯାଉଛି ଏହି ଚୁକ୍ତି ବାତିଲ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଭାରତ ଉପରେ ଆମେରିକା ୫୦% ଟାରିଫ ଲାଗୁ କରିଛି। ରିପୋର୍ଟ ଅନୁସାରେ ଆମେରିକାଠାରୁ ଭାରତ ଏଫ-୩୫ ଯୁଦ୍ଧ ବିମାନ ମଧ୍ୟ କିଣିବ ନାହିଁ। ସୂଚନାନୁସାରେ ଜୁଲାଇ ୨୦୨୫ରେ ଭାରତ ଆମେରିକୀୟ କମ୍ପାନୀ ବୋଇଂ ସହିତ ୩୧,୫୦୦ କୋଟି ଟଙ୍କାର ଚୁକ୍ତି କରିଥିଲା।

## ଶୁଳ୍କ ଲାଗୁ ପରେ ସେୟାର ବଜାରରେ ୟୁ-ଟର୍ଣ୍ଣ

ମୁମ୍ବଇ,୭।୮ (ଏଜେନ୍ସି): ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଗୁରୁବାର ଷ୍ଟକ୍ ବଜାର ବହୁତ ଭୟଭୀତ ହୋଇଥିଲା, ଗୋଟିଏ ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ୭୦୦ ପଏଣ୍ଟରୁ ଅଧିକ ହ୍ରାସ ସହିତ କାରବାର କରୁଥିଲା। ଏହାପରେ ଷ୍ଟକ୍ ବଜାରରେ ଏକ ୟୁ-ଟର୍ଣ୍ଣ ଦେଖାଯାଇଥିଲା। ଅପରାହ୍ନ ୧ଟା ୩୦ ପରେ ଷ୍ଟକ୍ ବଜାରରେ ପୁନରୁଦ୍ଧାର ଦେଖାଯାଇଥିଲା। ବଜାର ବନ୍ଦ ହେବାର କିଛି ମିନିଟ୍ ପୂର୍ବରୁ ସେନସେକ୍ସ ୧୨୦ ପଏଣ୍ଟରୁ ଅଧିକ ବୃଦ୍ଧି ସହିତ କାରବାର କରୁଥିବା ଦେଖାଯାଇଥିଲା। ଯେତେବେଳେ ଷ୍ଟକ୍ ବଜାର ବନ୍ଦ ହୋଇଥିଲା, ସେତେବେଳେ ଏହା ଉପରମୁହାଁ ହୋଇଥିଲା।

**ସେନ୍‌ସେକ୍ସରେ ୮୦ ପଏଣ୍ଟ ବୃଦ୍ଧି**

### ଆମେରିକା ଟାରିଫ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଘେରିଲେ ରାହୁଲ

## ଭାରତକୁ ଆର୍ଥିକ ବ୍ଲାକମେଲ୍ କରୁଛି ଆମେରିକା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଘୋଷଣା କରିବା ପରେ ରାଜନୀତି ତେଜିଛି। କଂଗ୍ରେସ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ବୁଧବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏକ ପୋଷ୍ଟ କରି କହିଛନ୍ତି '୫୦%ଶୁଳ୍କ ଲାଗୁ କରି ଆମେରିକା ଭାରତକୁ ଆର୍ଥିକ ଭାବରେ ବ୍ଲାକମେଲ୍ କରୁଛି। ଏପରି କରି ଅନୁଚିତ ବାଣିଜ୍ୟ ଚୁକ୍ତି ପାଇଁ ଧମକାଉଛି ଆମେରିକା। ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତା ଜନସାଧାରଣଙ୍କ ଉପରେ ଚାପ ନ ପକାଉ। ଏହା ପୂର୍ବରୁ ମଧ୍ୟ ରାହୁଲ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଉପରେ ନୀରବତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିଲେ। ରାହୁଲ କହିଥିଲେ "ଆଦାନୀ ଉପରେ ଆମେରିକାର ତଦନ୍ତ" ଯୋଗୁ ବାରମ୍ବାର ଶୁଳ୍କ ଧମକ ଦେବା ସତ୍ତ୍ୱେ ଟ୍ରମ୍ପଙ୍କ ବିରୁଦ୍ଧରେ ପ୍ରଧାନମନ୍ତ୍ରୀ ମୋଦୀ କହିପାରିବେ ନାହିଁ।

## ଟ୍ରମ୍ପ୍‌ଙ୍କ ରାଗ ପଛରେ ଅସ୍ତ୍ରବିରତି

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପାଇଁ ଯେଉଁ କାରଣ ଦେଇଛନ୍ତି ତାହା ହେଉଛି ରୁଷରୁ ତେଲ କିଣିବା, କିନ୍ତୁ ଟ୍ରମ୍ପ ଯାହା କହୁଛନ୍ତି ତାହା କ'ଣ ଏକମାତ୍ର ସତ୍ୟ। ଯଦି ଏହା କେବଳ ରୁଷ ତେଲ ବିଷୟରେ ହୋଇଥାନ୍ତା, ତେବେ ଚୀନ ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା, ଯଦି ଏହା କେବଳ ତେଲ ବିଷୟରେ ହୋଇଥାନ୍ତା, ତେବେ ୟୁରୋପୀୟ ସଂଘ(ଇୟୁ) ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା। ଭାରତ ଉପରେ କେବଳ ଶୁଳ୍କ ଲଗାଯାଇନାହିଁ, ବରଂ ଏକ ଜୋରିମାନା ମଧ୍ୟ ଲଗାଯାଇଛି। ଏହି ଦଣ୍ଡ ଏହି କଥାର ପ୍ରମାଣ ଯେ ଟ୍ରମ୍ପଙ୍କ ଶୁଳ୍କ ଲଗାଯିବା ପଛରେ ରୁଷ ତେଲ ନୁହେଁ ବରଂ ଅନ୍ୟ କିଛି ଖେଳ ଅଛି। ପ୍ରଥମ ଘଟଣା ହେଉଛି, ଯେତେବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର ଆରମ୍ଭ କରି ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଦେଲା ଏବଂ ପାକିସ୍ତାନରେ ବିନାଶ କରିବା ପରେ ପାକିସ୍ତାନର ଅନୁରୋଧରେ ଅପରେସନ ସିନ୍ଦୁର ବନ୍ଦ କରିଦେଲା। ଟ୍ରମ୍ପ ଏହାକୁ ଯୁଦ୍ଧବିରତି ବୋଲି କହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେବାକୁ ଚେଷ୍ଟା କଲେ। ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ ବିଶ୍ୱର କୌଣସି ଦେଶ ତାଙ୍କୁ ଏହି ଯୁଦ୍ଧ ବନ୍ଦ କରିବାକୁ କହିନାହାଁନ୍ତି। ଏହାଛଡା ବିଶ୍ୱର ବିଭିନ୍ନ ଦେଶରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରୟାସ କରୁଥିବାରୁ ନୋବେଲ ପୁରସ୍କାର ପାଇଁ ଟ୍ରମ୍ପ୍‌ଙ୍କୁ ଭାରତ ସମର୍ଥନ କରୁ ନ ଥିବା ପ୍ରସଙ୍ଗକୁ ଆମେରିକା ରାଷ୍ଟ୍ରପତି ସହଜରେ ହଜମ କରୁପାରୁ ନ ଥିଲେ।

ଏହି ଶୁଳ୍କର ଆଉ ଏକ ବଡ଼ କାରଣ ହେଉଛି, ଟ୍ରମ୍ପଙ୍କ ବ୍ୟକ୍ତିଗତ ଅହଂକାର। ତାହା ହେଉଛି ବ୍ୟବସାୟ ଯାହା ବିଷୟରେ ଟ୍ରମ୍ପ ବାରମ୍ବାର ସମଗ୍ର ବିଶ୍ୱକୁ ଧମକ ଦେଉଛନ୍ତି। ଯେତେବେଳେ ଟ୍ରମ୍ପ ଭାରତ ସହିତ ବ୍ୟବସାୟର ଗଣିତ ଦେଖିଲେ ଯେ, ଆମେରିକା ଭାରତକୁ କମ୍ ବିକ୍ରି କରେ ଏବଂ ଅଧିକ କିଣେ। ତେଣୁ ଟ୍ରମ୍ପ ଏହି ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ପାଇଁ ଭାରତ ଉପରେ ଚାପ ପକାଇଲେ, କିନ୍ତୁ ଭୁଲ ସ୍ଥାନରେ। ଟ୍ରମ୍ପ ଚାହୁଁଥିଲେ ଯେ ଭାରତ ଆମେରିକା ପାଇଁ କୃଷି ଏବଂ କ୍ଷୀରଉତ୍ପାଦ ପାଇଁ ବଜାର ଖୋଲିଦେଉ। ଯାହା ଦ୍ୱାରା ଆମେରିକା ଭାରତକୁ ତା'ର ସାମଗ୍ରୀ ବିକ୍ରି କରିପାରିବ।

## ରାଜଧାନୀରେ ସ୍କୋଡାର ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା'




ଭୁବନେଶ୍ୱର, ୭।୮ (ସମିସ): ନେଟୱାର୍କ ସମ୍ପ୍ରସାରଣର ଅଂଶସ୍ୱରୂପ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରର ରଘୁନାଥପୁରଠାରେ ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା' ଖୋଲିଛି। ଏହା ସହ ଦୁଇଟି ନୂଆ ଟଚ୍ ପଏଣ୍ଟ ମଧ୍ୟ ଖୋଲାଯାଇଛି। ନୂଆ ଶୋ ' ରୁମ୍‌କୁ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଅଶିଷ ଗୁପ୍ତା ଉଦ୍‌ଘାଟନ କରି ଭୁବନେଶ୍ୱର ଓ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏହି ନୂତନ ଟଚ୍ ପଏଣ୍ଟ ସେଣ୍ଟର ଆମ ଦେଶବ୍ୟାପୀ ନେଟୱାର୍କ ବିକାଶର ଏକ ପ୍ରମାଣ। ଏହା ଗ୍ରାହକଙ୍କୁ ଉତ୍କୃଷ୍ଟ ସେଲ୍ସ ଓ ଆଫ୍ଟରସେଲ୍ସ ଅନୁଭବ ଦେବା ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ। ଏହି ଅବସରରେ ଏମ୍ପୋରିଓ ଆଲ୍ଲିଡ଼ ପ୍ରାଇଭେଟ ଲିମିଟେଡ଼ର ଡିଲର୍ ପ୍ରିନ୍ସିପାଲ୍ ଅବିନାଶ ସାମଲ କହିଥିଲେ ଯେ ସ୍କୋଡା ଗୁଣବତ୍ତା, ଗ୍ରାହକ ସେବା ପାଇଁ ପରିଚିତ। ଭୁବନେଶ୍ୱରରେ ଏହି ନୂଆ ସୁବିଧା ସହ ଆମେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ପାଇଁ ଗର୍ବିତ । ଆଗାମୀ ଦିନରେ ଆଉ ଅଧିକ ଓ ଉନ୍ନତ ଗ୍ରାହକ ସେବା ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ। ସ୍କୋଡା ଅଟୋ ଇଣ୍ଡିଆର କୁସାକ, ସ୍଱୍ଲାଭିଆ, କୋଡିଅକ ଓ ଇନିଆକ ପରି ଲୋକପ୍ରିୟ ଗାଡି ଏଠାରେ ଉପଲବ୍ଧ । ଗ୍ରାହକମାନେ ଅନେକ ଆଫ୍ଟରସେଲ୍ସ ପ୍ରୋଗ୍ରାମ୍ – ସୁପର କେୟାର , ଏକ୍ସଟେଣ୍ଡେଡ୍ ୱାରଣ୍ଟି, ଭାଲ୍ୟୁ ସର୍ଭିସ୍ ପ୍ଲାନ୍ ପରି ସୁବିଧା ଉପଭୋଗ କରିପାରିବେ। ଏବେ ସ୍କୋଡା ଅଟୋ ଇଣ୍ଡିଆର ୩୦୦ରୁ ଅଧିକ ଟଚ୍‌ପଏଣ୍ଟ ୧୭୬ଟି ସହରରେ ବ୍ୟାପିଛି, ଯାହା ଦେଶରେ ଗ୍ରାହକ ସମ୍ପର୍କ ବୃଦ୍ଧିରେ ମୂଳ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଅଧ୍ୟକ୍ଷ ଗଙ୍ଗାଧର ସାମଲଙ୍କ ସହ ସ୍କୋଡା ସ୍କୋଡା ଅଟୋ ଇଣ୍ଡିଆର ଅନୀଲା, ପ୍ରଦୀପ କେମ୍ପାନ୍ନା, ବିଜ୍ଞୁ, ସୁଦୀପ ପୁରୀ ଓ ମିଥିନ ପ୍ରମୁଖ ପ୍ରତିନିଧି ରୂପେ ଯୋଗଦେଇଥିଲେ।

**ଦୁଇଟି ନୂଆ ଟଚ୍ ପଏଣ୍ଟ ଉଦ୍‌ଘାଟିତ**

'ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ ୨୦୨୫'

## ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର



ଭୁବନେଶ୍ୱର,୭।୮ (ସମିସ: ଇମ୍ଫାର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ନୂଆଦିଲ୍ଲୀଠାରେ ' ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି। ଏହାବ୍ୟତୀତ, ଆଜିର ବିଶ୍ୱରେ ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ଯେ ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରେ। ଏହି ବର୍ଷର 'ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ସଂସ୍କରଣରେ ଡ. ଶଶି ଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିଧିତ୍ୱ, ସୁରକ୍ଷା ଏବଂ ନ୍ୟାୟ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏକତା କପୁର, ଦିୟା ମିର୍ଜା, ଶବାନା ଆଜମୀ, ନିମ୍ରତ୍ କୌର୍ ଏବଂ ଡିଜାଇନର ରିତୁ ବେରୀ ଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ଯେତେବେଳେ ପ୍ରିୟଙ୍କା ଚତୁର୍ବେଦୀ,ହର୍ ସିମ୍ରତ କୌର ବାଦଲ ଏବଂ ଲେଫ୍ଟନାଣ୍ଟ ଜେନେରାଲ ସାଧନା ସକ୍ସେନା ନାୟାର (ଅବସରପ୍ରାପ୍ତ) ପରି ରାଜନୈତିକ ସ୍ୱର ପ୍ରଶାସନ ଏବଂ ସାର୍ବଜନୀନ ସେବାର ଦୃଷ୍ଟିକୋଣ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରୋନ୍ ଦିଦି ଏବଂ ଲକ୍ଷପତି ଦିଦିମାନଙ୍କ ସମେତ ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ହାତୀ ମାଧୁରୀ ନନ୍ଦିନୀ ମଠକୁ ଫେରିବାରେ ସୁପ୍ରିମକୋର୍ଟରେ ସାଥ ଦେବ ବନତାରା

ମୁମ୍ବଇ,୭।୮ (ଏଜେନ୍ସି): ହାତୀ 'ମାଧୁରୀ'କୁ ନେଇ ବନତାରା ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ, ଜୈନ ମଠ ଓ କୋହ୍ଲାପୁର ଲୋକଙ୍କ ପାଇଁ ମାଧୁରୀକୁ ନେଇ ଥିବା ଗଭୀର ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱକୁ ସ୍ୱୀକାର କରୁଛି। ୩ ବର୍ଷ ବୟସରୁ ସେ ଲୋକଙ୍କ ଗହଣରେ ରହିଆସୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଆଧ୍ୟାତ୍ମିକ ଓ ସମୁଦାୟ ଜୀବନର ଅଙ୍ଗ ରୂପେ ଅବିଚ୍ଛିନ୍ନ ଅଂଶ ରହିଥିଲା 'ମାଧୁରୀ'। ଆମେ ସେହି ଭକ୍ତ, ଜୈନ ମଠର ନେତୃତ୍ୱ , ବ୍ୟାପକ ସମୁଦାୟଙ୍କ ଭାବନା, ଚିନ୍ତାକୁ ସ୍ୱୀକାର ଓ ସମ୍ମାନ କରୁଛୁ। ଯେଉଁମାନେ କୋହ୍ଲାପୁରରେ ମାଧୁରୀଙ୍କ ଉପସ୍ଥିତି ପ୍ରତି ନିଜ ଆସକ୍ତି ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ମାମଲାରେ ବନତାରା ଭୂମିକା କେବଳ ସର୍ବୋଚ୍ଚ ନ୍ୟାୟାଳୟ ଓ ବମ୍ବେ ହାଇକୋର୍ଟ ଦ୍ୱାରା ଜାରି କରାଯାଇଥିବା ବାଧ୍ୟକର ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିବା ପର୍ଯ୍ୟନ୍ତ ସୀମିତ ଥିଲା। ମାଧୁରୀଙ୍କୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନ୍ୟାୟିକ ଅଧିକାର ଅଧୀନରେ ନିଆଯାଇଥିଲା। ବନତାରାର ଭୂମିକା ଉତ୍ପୀଡ଼ନର ଶିକାର ଏବଂ ଭୟରେ ଥିବା ପଶୁମାନଙ୍କୁ ଉଦ୍ଧାର, ଚିକିତ୍ସା, ଯତ୍ନ ଓ ଥଇଥାନ ବ୍ୟବସ୍ଥା କରାଇଥାଏ। ବନତାରା ନା ସ୍ଥାନାନ୍ତର କରିବା ଆରମ୍ଭ କରିଛି ନା ସୁପାରିସ କରିଛି। ଧାର୍ମିକ ପ୍ରଥା ବା ଭାବନାକୁ ଆଘାତ ଦେବା ଭଳି କୌଣସି କାମ କରାଯାଇ ନାହିଁ ଓ ଏହାର ଆମର ଉଦ୍ଦେଶ୍ୟ ନୁହେଁ ବୋଲି ବନତାରା ପକ୍ଷରୁ କୁହାଯାଇଛି। ଆଇନଗତ ଆଚରଣ, ଦାୟିତ୍ୱପୂର୍ଣ୍ଣ ପଶୁ ଯତ୍ନ ଓ ସମୁଦାୟ ସହଯୋଗ ପ୍ରତି ଆମର ଅନୁଗତି ଅନୁଯାୟୀ, ବନତାରା ଜୈନ ମଠ ଓ ମହାରାଷ୍ଟ୍ର ସରକାର ଦ୍ୱାରା ନ୍ୟାୟାଳୟଙ୍କ ହସ୍ତକ୍ଷପରେ ମାଧୁରୀଙ୍କୁ ପୁଣିଥରେ କୋହ୍ଲାପୁରକୁ ଆଣିବା ପାଇଁ ଦାଖଲ ହେବାକୁ ଯାଉଥିବା ସମସ୍ତ ଆବେଦନକୁ ପୂର୍ଣ୍ଣ ସମର୍ଥନ ଦେବ। ନ୍ୟାୟାଳୟ ଅନୁମତି ଅଧୀନରେ ବନତାରା ମାଧୁରୀକୁ ସୁରକ୍ଷିତ ଓ ସମ୍ମାନଜନକ ଭାବେ ଫେରାଇବା ପାଇଁ ପୂର୍ଣ୍ଣ ପ୍ରଯୁକ୍ତି ଓ ପଶୁ ଚିକିତ୍ସା ସାହାଯ୍ୟ ପ୍ରଦାନ କରିବ।

**ମାଧୁରୀ'କୁ ନେଇ ବନତାରା ପକ୍ଷରୁ ସ୍ପଷ୍ଟୋକ୍ତି**

## କିଆ କାରେନ୍ସ କ୍ଲାଭିସ୍ ଇଭିର ବଜାର ପ୍ରବେଶ




କଟକ,୭।୮ (ସମିସ): କିଆ ଇଣ୍ଡିଆ ଲିମିଟେଡ ଇଭି୬ କାର ପୂର୍ବରୁ ବଜାରକୁ ଛାଡିଥିବାବେଳେ ଆଜି କାରେନ୍ସ କ୍ଲାଭିସ ଇଭିର ବଜାର ପ୍ରବେଶ କରାଇଛି। ଭୁବନେଶ୍ୱର ପାହାଳସ୍ଥିତ ସୋ'ରୁମ୍‌ରେ ସେଣ୍ଟ୍ରାଲ କିଆର ଏମ୍‌ଡି ବିଶାଳ ଧୱନ୍, ଡାଇରେକ୍ଟର ଆଦର୍ଶ ଧୱନ୍ ଓ ସେଲ୍ସ (ଜିଏମ୍) ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତରେ ଏହାକୁ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କର ଉପମହାପ୍ରବନ୍ଧକ ନିଶାନ୍ତ ବଜାର ପ୍ରବେଶ କରାଇଥିଲେ। ଆଡଭାନ୍ସ ଟେକ୍ନୋଲୋଜିରେ ନିର୍ମିତ ଏହି ଗାଡ଼ି ୭ ସିଟ୍ ବିଶିଷ୍ଟ କାର୍ ହୋଇଥିଲାବେଳେ ଏଥିରେ ଡବଲ ବ୍ୟାଟେରୀର ସୁବିଧା ରହିଛି। ୪୨ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୦୪ କିମିର ଓ ୫୧.୪ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୯୦ କିମି ଯାଇପାରିବ ବୋଲି ଶ୍ରୀ ଧାୱନ୍ କହିଛନ୍ତି। ଗାଡ଼ିର ଏକ୍ସ ଶୋ' ରୁମ ମୂଲ୍ୟ ସର୍ବନିମ୍ନ ୧୭.୯୯ ଲକ୍ଷ ଟଙ୍କାରୁ ସର୍ବାଧିକ ୨୪. ୫୦ ଲକ୍ଷ ଟଙ୍କା ରହିଛି। ଆଇଭରୀ ସିଲିଭର, ଇମ୍ପିରିଆଲ ବ୍ଲୁ, ବ୍ଲାକ, ହ୍ୱାଇଟ,ପିଟର ଅଲିଭ ,ଗ୍ରେ ଭଳି ୬ ଟି ରଙ୍ଗରେ ଉପଲବ୍ଧ ଏହି କାର ପାଇଁ ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଚାର୍ଜିଙ୍ଗ ପଏଣ୍ଟ ମାନ ମଧ୍ୟ ରହିଛି। ଏହାର ବାହାର ଓ ଭିତର ଡିଜାଇନ୍ ଉଚ୍ଚକୋଟୀର ହେବା ବ୍ୟତୀତ ୨୦ ଟି ଅଟୋନୋମସ ଆଡାସ ଲେଭଲ ୨.୦ଯାହାକି ବ୍ୟବହାର କରୁଥିବା ବ୍ୟକ୍ତିର ସୁବିଧା ଓ ସୁରକ୍ଷା ସୁଦୃଢ଼ କରେ ବୋଲି ଜିଏମ୍ ଶ୍ରୀ ବେହେରା କହିଛନ୍ତି। ବଜାର ପ୍ରବେଶ ଅବସରରେ ସେଣ୍ଟ୍ରାଲ କିଆର ଏଜିଏମ୍ ଆଲାଏଡ ଅରବିନ୍ଦ ସିହ୍ନା, ଏଜି ଏମ୍ ସେଲ୍ସ ସରୋଜ କୁଅଁର ,ସିନିୟର୍ ସେଲସ ମ୍ୟାନେଜର ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋର ପ୍ରଥମ ତ୍ରୈମାସିକ ଫଳାଫଳରେ ୭୭% ଅଭିବୃଦ୍ଧି

ଭୁବନେଶ୍ୱର, ୭।୮ (ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲକୋ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି। ନାଲକୋ ବୋର୍ଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ ୨.୫୦ଙ୍କା ହିସାବରେ ୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ। ଏଥିସହ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ।ନାଲକୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି. ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୫- ସୋଭିଏତ୍ ସଂଘ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।
- ୨୦୧୩- ପାକିସ୍ତାନର କ୍ୱେଟାରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୨୮ ଲୋକଙ୍କ ପ୍ରାଣହାନି।



କୀଟପତଙ୍ଗଙ୍କୁ ଅସ୍ତ୍ର କରିବ ଚୀନ୍

# ମହୁମାଛି ପିନ୍ଧିବ ବିପଜ୍ଜନକ ଡିଭାଇସ୍

ମୁଖ୍ୟତଃ ବର୍ଷା ଏବଂ ଶୀତଦିନରେ ଘରେ ତଥା ଘର ବାହାରେ ମଶା, ମାଛି ଆଦି ଦେଖାଯାନ୍ତି। ମଶା, ଡାଆଁଶ, ମାଛି, ମହୁମାଛି କବଳରୁ ରକ୍ଷା କରିବାକୁ ଲୋକେ ଘରଦ୍ୱାର ପରିଷ୍କାର କରନ୍ତି। ହେଲେ ଏହି କୀଟପତଙ୍ଗଗୁଡ଼ିକ ମଣିଷ ଇଚ୍ଛା ମୁତାବିକ ଏବେ କାମ କରିବେ। ଚୀନ୍‌ରେ ଏପରି ଏକ ମହୁମାଛି ପ୍ରସ୍ତୁତ କରାଯାଉଛି, ଯାହା ମଣିଷର ଇଶାରାରେ ଚାଲିବ। ପ୍ରଥମ ଥର ପାଇଁ ବେଜିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିଆଇଟି)ର ପ୍ରଫେସର ଝାଓ ଜେଲିଆଙ୍ଗ ଏବଂ ତାଙ୍କର ଟିମ୍ କୀଟର ମସ୍ତିଷ୍କ ନିୟନ୍ତ୍ରଣ ପାଇଁ ଏହି ବିକଳ୍ପ ଖୋଜିଛନ୍ତି। ଏଥିପାଇଁ ସେମାନେ ଏକ ସୂକ୍ଷ୍ମ ଯନ୍ତ୍ରକୁ ମହୁମାଛିର ପିଠିରେ ବାନ୍ଧିବେ। ଏହି ଉପକରଣର ଓଜନ ମହୁମାଛିର ମହୁ ଥଳି ସହିତ ସମାନ। ଏହା ପାଖାପାଖି ୭୪ ମିଲିଗ୍ରାମ୍ ହେବ। ଏହି ଉପକରଣଟି ମହୁମାଛିର ପିଠିରେ ବନ୍ଧା ଯିବା ସହ ତିନିଟି ପତଳା ଛୁଞ୍ଚି ମାଧ୍ୟମରେ ତା'ର ମସ୍ତିଷ୍କ ସହିତ ସଂଯୁକ୍ତ ହେବ। ବୈଦ୍ୟୁତିକ ସଙ୍କେତ ସାହାଯ୍ୟରେ ଏଥିରେ ମହୁମାଛିକୁ ନିର୍ଦ୍ଦେଶ ପଠାଯିବ। ଏହି ଗବେଷଣା 'ଚାଇନିଜ ଜର୍ଣ୍ଣାଲ ଅଫ୍ ମେକାନିକାଲ ଇଞ୍ଜିନିୟରିଂ'ରେ ପ୍ରକାଶ କରାଯାଇଛି। ଯେତେବେଳେ ଏହାକୁ ପରୀକ୍ଷା କରାଯାଇଥିଲା, ସେତେବେଳେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମହୁମାଛି ୧୦ ଥରରୁ ୯ଥର ସଠିକ୍ ଦିଗରେ ଉଡ଼ିଥିଲା। ତେଣୁ ଏହି ପରୀକ୍ଷଣର ସଫଳତାକୁ ଦୃଷ୍ଟିରେ ରଖି କୁହାଯାଉଛି ଯେ, ମହୁମାଛି ଭବିଷ୍ୟତରେ ସେନା ପାଇଁ ଗୁପ୍ତଚର ଭାବେ କାମ କରିପାରିବ। ଏହାବାଦ୍ ଭୂମିକମ୍ପ ପରି ଘଟଣା ପରେ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ଖୋଜିବାରେ ମଧ୍ୟ ସଫଳ ହେବ। ତେବେ ଏହା ପୂର୍ବରୁ ସିଙ୍ଗାପୁରରେ ମଧ୍ୟ ଏହିପ୍ରକାର ଏକ ଉପକରଣ ବିକଶିତ କରାଯାଇଥିଲା। ଅବଶ୍ୟ ସେହି ଉପକରଣଟି ଚୀନ୍‌ର ଉପକରଣଠାରୁ ତିନି ଗୁଣ ଭାରି ଥିଲା। ଯାହାଫଳରେ ଉପକରଣଟି କେବଳ ଧୀର ଗତିରେ ଗତି କରୁଥିବା ପୋକ ଯେପରିକି ଗୋବର ପୋକ ଏବଂ ଅସରପା ଉପରେ ହିଁ କାମ କରିପାରୁଥିଲା।

# ଛଅ ବର୍ଷ ପରେ ବଲିଉଡ୍‌କୁ ଫେରିବେ ପ୍ରିୟଙ୍କା



ବଲିଉଡ୍‌ଠାରୁ ଆରମ୍ଭ କରି ହଲିଉଡ୍‌ରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଶେଷ ଥର ପାଇଁ ପ୍ରିୟଙ୍କା ବଲିଉଡ୍ ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'ରେ ନଜର ଆସିଥିଲେ। ଏବେ ସେ ଦୀର୍ଘ ଛଅ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି। ପ୍ରିୟଙ୍କା ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜୟଙ୍କ ଫିଲ୍ମ ' ଲଭ୍ ଆଣ୍ଡ ୱାର୍'ରେ ସେ ନଜର ଆସିବେ। କିନ୍ତୁ ଏଯାବତ୍ ଏନେଇ ପ୍ରିୟଙ୍କା କି ସଞ୍ଜୟ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ଏଥିରେ ପ୍ରିୟଙ୍କାଙ୍କର ଏକ ଡ୍ୟାନ୍ସ ନମ୍ବର ରହିବ ବୋଲି କୁହାଯାଉଛି। ଏହା ପୂର୍ବରୁ ପ୍ରିୟଙ୍କା ସଞ୍ଜୟଙ୍କ ଫିଲ୍ମ 'ରାମ ଲୀଲା'ର 'ରାମ ଚାହେ ଲୀଲା' ଗୀତରେ ଜବରଦସ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଗୀତଟି ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, ୨୦୧୫ ମସିହାରେ ପ୍ରିୟଙ୍କା ଆମେରିକା ଚାଲି ଯାଇଥିଲେ। ଏହାପରେ ସେ ମାତ୍ର ଦୁଇଟି ବଲିଉଡ୍ ଫିଲ୍ମରେ କାମ କରିଛନ୍ତି। ସେ ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୧୯ ରେ ମୁକ୍ତିଲାଭ କରିଥିଲା।

# ସବୁବେଳେ ଜୋତା ପିନ୍ଧିବା ଭଲ ନୁହେଁ



ସାଧାରଣତଃ ସ୍କୁଲ, କଲେଜ ତଥା ଅଫିସ୍ ଯାଉଥିବା ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିଥାନ୍ତି। କାରଣ ଜୋତା ପାଦ ପାଇଁ ଆରାମଦାୟକ ହୋଇଥାଏ। ହେଲେ ଏବେ ପ୍ରଶ୍ନ ଉଠୁଛି ଦିନସାରା ଜୋତା ପିନ୍ଧି ରହିବା ପାଦ ପାଇଁ କେତେ ଭଲ? ଏ ନେଇ ମୁମ୍ବାଇର କୋକିଳାବେନ୍ ହସପିଟାଲର ଅର୍ଥୋପେଡିକ୍ ସର୍ଜନ ଡା. ବିକାଶ ବାସା ଲୋକଙ୍କୁ ସଚେତନ କରାଇଛନ୍ତି। ସେ କହିଛନ୍ତି, ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିବା ଦ୍ୱାରା ପାଦ ଏକ ବିଶେଷ ଭଙ୍ଗୀରେ ଲକ୍ ବା ଛନ୍ଦି ହୋଇଯାଏ। ଏହାଦ୍ୱାରା ପାଦର ମାଂସପେଶୀ ଅପେକ୍ଷାକୃତ ଅଧିକ ଶକ୍ତ ହେବା ସହ ଭିତରୁ ଦୁର୍ବଳ ହେବାକୁ ଲାଗେ। ଲଗାତାର ଏଭଳି ହେବା ଦ୍ୱାରା ପାଦର ସ୍ୱାଭାବିକ ଚଳନକ୍ରିୟା ହ୍ରାସ ପାଏ। ଫଳରେ ଦୀର୍ଘ ଦିନ ଧରି ପାଦ ସମସ୍ୟା ଲାଗି ରହେ। ମୁଖ୍ୟତଃ ଏହା ପାଦରେ ଟାଇଟ୍ ହୋଇ ରହୁଥିବା ଜୋତା ଯୋଗୁ ହୋଇଥାଏ। ତେବେ ପାଦକୁ ଗୋଟିଏ ପୋଜିସନରେ ଦୀର୍ଘ ସମୟ ଧରି ରଖିବା ଦ୍ୱାରା ମାଂସପେଶୀଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଏ। ଏଥିଯୋଗୁ ପାଦରେ ଯନ୍ତ୍ରଣା ହେବା ସହ ପ୍ଲାଣ୍ଟର ଫାସାଇଟିସ୍ ଭଳି ଅନ୍ୟ ସମସ୍ୟା ମଧ୍ୟ ଦେଖାଯାଇପାରେ। ସେହିପରି ଯେଉଁ ଜୋତା ପାଦକୁ ଆଦୌ ହଲିବାକୁ ଦିଏ ନାହିଁ ଏବଂ ପାଦରେ ଠିକ୍ ଭାବେ ଫିଟିଂ ହୋଇ ନ ଥାଏ, ଏଭଳି ଜୋତା ଯୋଗୁଁ ପାଦରେ ସଂକ୍ରମଣ ତଥା ଚମ ଉତୁରିବା ଭଳି ସମସ୍ୟା ସୃଷ୍ଟି ହୁଏ। ଅନ୍ୟପଟେ ଭୁଲ ସାଇଜ୍‌ର ଓ ଅଧିକ ଫିଟିଂ ଜୋତା ପିନ୍ଧିବା ଦ୍ୱାରା ପାଦ ଓ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ। ସେହିପରି ଦିନ ତମାମ ଜୋତା ପିନ୍ଧିବା ଦ୍ୱାରା ପାଦରୁ ଅଧିକ ଝାଳ ବହେ ଏବଂ ଖରାଦିନେ ଏହା ବେଶି ବଢ଼ିଯାଏ। ଯଦ୍ଦ୍ୱାରା ପାଦରେ କବକ ଏବଂ ଜୀବାଣୁଜନିତ ସଂକ୍ରମଣ ହୋଇଥାଏ। ତେଣୁ କିଛି ସମୟ ବ୍ୟବଧାନରେ ପାଦରୁ ଜୋତା ବାହାର କରିବା ପାଇଁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।






## ଚୁଟ୍‌କିରେ ଦୂର ହେବ

# ଗ୍ୟାସ୍-ପେଟଫମ୍ପା ସମସ୍ୟା

ବର୍ତ୍ତମାନ ସମୟରେ ଖାଦ୍ୟପେୟ ଶୈଳୀ, ଶାରୀରିକ ସକ୍ରିୟତାର ଅଭାବ, ଅତ୍ୟଧିକ ତେଲ ମସଲା ଓ ରାଗଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଅତିଗରିଷ୍ଠ ଭୋଜନ ଆଦି ଦ୍ୱାରା ଗ୍ୟାସ୍, ପେଟ ଫାମ୍ପିବା, ଅମ୍ଳ ଏବଂ କୋଷ୍ଠକାଠିନ୍ୟ ଆଦି ସାଧାରଣ ସମସ୍ୟା ଭାବେ ଉଭା ହୋଇଛି। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗିବା, ଭୋକ ନ ଲାଗିବା, ମୁଣ୍ଡ ବିନ୍ଧିବା, ତଣ୍ଟି ଓ ଛାତି ଜଳାପୋଡ଼ା, ବାନ୍ତି ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଏସବୁ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଅଧିକାଂଶ ଡାକ୍ତରଙ୍କ ବିନା ପରାମର୍ଶରେ ବି ଔଷଧ ସେବନ କରିଥାନ୍ତି। ଯଦିଓ ଔଷଧ ସେବନରୁ ଆରାମ ମିଳିଥାଏ ହେଲେ ଏହାର ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରେ। ତେଣୁ ଏକ୍ଷେତ୍ରରେ ଘରୋଇ ଚିକିତ୍ସା ଉପାୟ ଆପଣାଇ ପାରିବେ।

ପାନ ମଧୁରୀ, ଜିରା ଏବଂ ଜୁଆଣିକୁ ଅନୁମୋଦିତ ହାରରେ ମିଶାଇ ଏହାକୁ ଅଳ୍ପ ଆଞ୍ଚରେ ହାଲୁକା ଭାଜି ଦିଅନ୍ତୁ। ଏହି ମିଶ୍ରଣକୁ ଗୁଣ୍ଡ କରି ନିର୍ଦ୍ଦିଷ୍ଟ ପରିମାଣରେ ସେବନ କଲେ, ଗ୍ୟାସ୍, ଅମ୍ଳ, ପେଟଫାମ୍ପିବା ସମସ୍ୟାରୁ ଉପଶମ ମିଳିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି ଚୟାପଚୟ ପ୍ରକ୍ରିୟାକୁ ତ୍ୱରାନିତ କରେ। ଯାହାଦ୍ୱାରା ଓଜନ ନିୟନ୍ତ୍ରଣ ହୋଇପାରେ। ଆୟୁର୍ବେଦ ଚିକିତ୍ସକଙ୍କ ମତଅନୁଯାୟୀ ପାନ ମଧୁରୀ, ଜିରା ଏବଂ ଜୁଆଣି ତିନିଟିରେ ଭରପୁର ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ତତ୍ତ୍ୱ ରହିଛି। ଏହାକୁ ମିଶାଇ ଖାଇବା ଦ୍ୱାରା ଏହା ପାଚନଶକ୍ତିକୁ ମଜଭୁତ କରିଥାଏ।

ଶରୀରରେ ଜମା ହୋଇଥିବା ଦୂଷିତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ। ପେଟକୁ ସଫା କରିବା ସହ ଗ୍ୟାସ୍ ଓ ଅପଚ କମ୍ କରିଥାଏ। ତେଣୁ ଏହି ଗୁଣ୍ଡରେ ଅଳ୍ପ ହେଙ୍ଗୁ କିମ୍ବା କଳା ଲୁଣ ମିଶାଇ ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ ପରେ ଅଧା ଚାମଚ ଉଷୁମ ପାଣି ସହିତ ମିଶାଇ ପିଇପାରିବେ।

ସେହିପରି ସାଧାରଣଭାବେ ଜିରା, ପାନ ମଧୁରୀ, ଜୁଆଣି ଭଜା ହୋଇ ନ ଥିଲେ, ଏହାକୁ ପାଣିରେ ଫୁଟାଇ ସକାଳୁ ପିଇ ହେବ। ଖାଲି ପାଣିରେ ମଧ୍ୟ ରାତିସାରା ଏହାକୁ ବତୁରାଇ ସକାଳୁ ଏହାକୁ ଛାଣି ସେହି ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ ଉପଶମ କରିବାରେ ସହାୟକ ହୋଇଥାଏ। ସେହିପରି ଖାଦ୍ୟ ଖାଇବାର ଘଣ୍ଟାଏ ପରେ ପାଣି ପିଇବା ଦରକାର। ରାତ୍ରି ଭୋଜନରେ ଅଳ୍ପ ଖାଦ୍ୟ ଖାଇବା ଆବଶ୍ୟକ। ପଞ୍ଚଗବ୍ୟ ଔଷଧଆକାରରେ ଗୋମୂତ୍ର ଅର୍କ, ଜୀବନଧାରା, ଗାୟତ୍ରୀ ଚୂର୍ଣ୍ଣ, ହରିଡ଼ା ଚୂର୍ଣ୍ଣ ଆଦି ସେବନ କଲେ, ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

## ମେରୁଦଣ୍ଡ ଯନ୍ତ୍ରଣାକୁ କମ୍ କରିପାରେ

# ବୈଦ୍ୟୁତିକ ଅନ୍ତର୍ସ୍ଥାପନ ଉପକରଣ

ମେରୁଦଣ୍ଡ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଭୁଲ୍ ଶୈଳୀରେ ଦୀର୍ଘ ସମୟ ବସିବା, ବୟସ ବୃଦ୍ଧି, ମୋଟାପଣ, ଜୀବନଶୈଳୀ ଆଦି ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହୋଇଥାଏ। ମେରୁଦଣ୍ଡରେ ଆଘାତ ଲାଗିଲେ, ଅସହ୍ୟ ଯନ୍ତ୍ରଣା ଜୀବନକୁ ପ୍ରଭାବିତ କରିଥାଏ। ତେବେ ଏହି ସମସ୍ୟାରୁ ଉପଶମ ପାଇଁ ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ, ଫିଜିଓଥେରାପି କିମ୍ବା ଆବଶ୍ୟକସ୍ଥଳେ ସର୍ଜରୀ କରାଯାଇଥାଏ। ହେଲେ ନ୍ୟୁଜିଲ୍ୟାଣ୍ଡ, ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଏକ ଟିମ୍ ଏକ ବୈଦ୍ୟୁତିକ ଅନ୍ତର୍ସ୍ଥାପନଯୁକ୍ତ ଉପକରଣ ବିକଶିତ କରିଛନ୍ତି। ଯାହାକି ମେରୁଦଣ୍ଡରେ ଆଘାତ ଲାଗିଲା ପରେ ବି ଏହାର ବ୍ୟବହାର ଚଲାବୁଲା କରିବା କ୍ଷମତାକୁ ପୁନଃସ୍ଥାପତି କରିପାରିବ। ଉକ୍ତ ବୈଦ୍ୟୁତିକ ଉପକରଣଟି ପିନ୍ଧିବା ଯୋଗ୍ୟ। ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ୱାଇପାପା ତୌମାତା ରାଓ ଫାର୍ମାସୀ ସ୍କୁଲର ଜଣେ ବରିଷ୍ଠ ଗବେଷଣା ଫେଲୋ, ମୁଖ୍ୟ ଗବେଷକ ଡା. ବ୍ରୁସ୍ ହାରଲାଣ୍ଡ ଏବଂ ତାଙ୍କର ଟିମ୍ ବିକଶିତ କରିଥିବା ଏହି ଉପକରଣଟି ବହୁତ ପତଳା, ହାଲୁକା ଭାବେ ଡିଜାଇନ୍ କରାଯାଇଛି। ଡ. ହାରଲାଣ୍ଡ କୁହନ୍ତି, ମେରୁଦଣ୍ଡ ଅସହ୍ୟ ଯନ୍ତ୍ରଣାରୁ ଆଶ୍ୱସ୍ତି ପାଇବାକୁ ଏହି ଉପକରଣକୁ ମେରୁଦଣ୍ଡରେ ଲଗାଯାଇଥାଏ। ବିଶେଷକରି ଯେଉଁସ୍ଥାନରେ ଆଘାତ ଲାଗିଥାଏ, ଉପକରଣଟି ସେଠାରେ ଆଲୋକ ଏବଂ ନିୟନ୍ତ୍ରିତ ବିଦ୍ୟୁତ୍ ପ୍ରବାହ ପଠାଇଥାଏ। ଫଳରେ ଏହା କ୍ଷତ ସ୍ଥାନକୁ ଭରିବାରେ ସାହାଯ୍ୟ କରିଥାଏ। ଏହା ସ୍ନାୟୁଆରୋଗ୍ୟକୁ ଉତ୍ତେଜିତ କରିବାକୁ ପ୍ରାକୃତିକ ବିକାଶ ମୂଳକ ସଙ୍କେତକୁ ଅନୁକରଣ କରିଥାଏ। ଫଳରେ ମେରୁଦଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇପାରେ। ବୈଜ୍ଞାନିକମାନେ ପ୍ରାଥମିକ ପର୍ଯ୍ୟାୟରେ ମୂଷା ଉପରେ ପରୀକ୍ଷା କରିଥିଲେ। ଏଥିରୁ ପ୍ରାକୃତିକ ରୂପେ ସୁସ୍ଥ ହେବା ତୁଳନାରେ ବୈଦ୍ୟୁତିକ ଉତ୍ତେଜନା ଜରିଆରେ କ'ଣ ପାର୍ଥକ୍ୟ ରହୁଛି ତାହା ଦେଖିବାକୁ ମିଳିଥିଲା। ଚାରି ସପ୍ତାହ ଧରି ଯେଉଁ ମୂଷାଙ୍କୁ ବୈଦ୍ୟୁତିକ ଉତ୍ତେଜନା ଚିକିତ୍ସା ଦିଆଯାଉଥିଲା। ଆଦୌ ଏହି ଚିକିତ୍ସା ଦିଆଯାଉନଥିବା ମୂଷାଙ୍କ ତୁଳନାରେ ସେମାନଙ୍କର ଚାଲିବା କ୍ଷମତା ଅପେକ୍ଷାକୃତ ଭଲ ଥିଲା। ୧୨ ସପ୍ତାହ ଧରି ଅଧ୍ୟୟନ କରାଯାଇଥିବାବେଳେ ଉକ୍ତ ମୂଷାମାନେ ହାଲୁକା ସ୍ପର୍ଶରେ ଶୀଘ୍ର ପ୍ରତିକ୍ରିୟା ଦେବା ଆରମ୍ଭ କରିଥିବା ଦେଖାଯାଇଥିଲା। ତେଣୁ ବୈଜ୍ଞାନିକମାନେ ଏହି ଗବେଷଣାରେ ସମ୍ପୂର୍ଣ୍ଣ ଭାବେ ସଫଳତା ପାଇବା ପରେ ଏହା ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିପାରିବ।



# ପୁଣି ଡରାଉଛି ଚିକନଗୁନିଆ

**ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନେ ଭୂତାଣୁ ଓ ଜୀବାଣୁ ଜନିତ ଜ୍ୱର ସାଧାରଣ କଥା। ତେବେ ବିଭିନ୍ନ ସ୍ଥାନରେ ପାଣି ଜମିଯାଉଥିବାରୁ ମଶା, ମାଛି ବଂଶବିସ୍ତାର କରିଥାନ୍ତି। ସଂକ୍ରମଣ, ଫ୍ଲୁ ତଥା ମଶାମାଛିଙ୍କଠାରୁ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଏହି କ୍ରମରେ ଏବେ ଚିକନଗୁନିଆ ଚିନ୍ତାର କାରଣ ସାଜିଛି। ୨୦ ବର୍ଷ ପୂର୍ବରୁ ଏହି ଭୂତାଣୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ଆଉ ଏବେ ଏହା ଲୋକଙ୍କ ମଧ୍ୟରେ ପୁଣି ଆତଙ୍କ ସୃଷ୍ଟି କରିଛି। ମାୟୋଟେ, ମରିସସ ଆଦି ଦ୍ୱୀପ ସମତେ ଆଫ୍ରିକୀୟ ଦେଶ ପରେ ଚୀନ୍‌ରେ ଚିକନଗୁନିଆ ପୁଣି ବ୍ୟାପିବାରେ ଲାଗିଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ସତର୍କତା ଜାରି କରିଛି। ତେବେ ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଚିକନଗୁନିଆ ଏକ ଭୂତାଣୁ ଜନିତ ରୋଗ। ମଶା କାମୁଡିବା ଦ୍ୱାରା ଏହା ବ୍ୟାପିଥାଏ। ଏହାକୁ ଚିକନଗୁନିଆ ଜ୍ୱର ବୋଲି କୁହାଯାଏ। ମୁଖ୍ୟତଃ ବର୍ଷାଦିନେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଥାଏ। ଚିକନଗୁନିଆ ଏଡିସ୍ ଏଜିପ୍ଟ ଏବଂ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶା ସାଧାରଣତଃ ଦିନରେ ଅଧିକ ସକ୍ରିୟ ରହିଥାନ୍ତି। ତେଣୁ ଏହି ସଂକ୍ରମିତ ମଶା ଜଣଙ୍କୁ କାମୁଡ଼ିଲେ, ଭୂତାଣୁ ଉକ୍ତ ବ୍ୟକ୍ତିଙ୍କ ରକ୍ତରେ ପ୍ରବେଶ କରି ଶରୀରରେ ଦ୍ରୁତ ଗତିରେ ବ୍ୟାପିପାରେ। ଏହା ଶରୀରର ମାଂସପେଶୀ ଏବଂ ସ୍ନାୟୁକୁ ଅଧିକ ପ୍ରଭାବିତ କରେ।

**ଲକ୍ଷଣ:** ଭୂତାଣୁ ସଂକ୍ରମଣ ହେବାର କିଛି ଦିନ ପରେ ଚିକନଗୁନିଆର ଲକ୍ଷଣଗୁଡ଼ିକ ଦେଖାଯାଏ। ରୋଗୀଙ୍କୁ ପ୍ରବଳ ଯନ୍ତ୍ରଣା ଏବଂ ଦୁର୍ବଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଅତ୍ୟଧିକ ଜ୍ୱର, ପ୍ରବଳ ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ବିନ୍ଧିବା ଭଳି ଲକ୍ଷଣ ଦେଖାଯାଏ। ଗଣ୍ଠି ଯନ୍ତ୍ରଣା ସପ୍ତାହରୁ ପ୍ରାୟ ମାସେ ପର୍ଯ୍ୟନ୍ତ ରହିପାରେ। ଏହାସହ ମୁଣ୍ଡବିନ୍ଧା, ଥକ୍କାପଣ, ଥଣ୍ଡା ଲାଗିବା, ବାନ୍ତି, ଆଖି ଯନ୍ତ୍ରଣା, ଶରୀରରେ ଲାଲ୍ ଫୋଟକା ଭଳି ଦେଖାଦେଇପାରେ। ପ୍ରାୟତଃ ଲକ୍ଷଣଗୁଡିକ ଡେଙ୍ଗୁ ପରି ହୋଇଥିବାରୁ ଏହି ରୋଗକୁ ସଠିକ୍ ଭାବେ ଚିହ୍ନଟ କରିବାରେ ବିଳମ୍ବ ହୋଇପାରେ। ଏହି ସଂକ୍ରମଣ, ବୟସ୍କ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କଠାରେ ଗମ୍ଭୀର ରୂପ ନେଇପାରେ।

**ଜ୍ୱର ନିୟନ୍ତ୍ରଣ ପାଇଁ ଉପାୟ:** ଉପରୋକ୍ତ ଲକ୍ଷଣ ଶରୀରରେ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରିବା ଜରୁରି। ଚିକନଗୁନିଆର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱରର ତୀବ୍ରତାକୁ ନିୟନ୍ତ୍ରଣ କରିବାକୁ ସହାୟକ ଚିକିତ୍ସା ଦିଆଯାଏ। ରୋଗୀଙ୍କୁ ତରଳପେୟ ଓ ହାଲୁକା ଭୋଜନ କରିବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ସେହିପରି ମଶା ନ ହେବାକୁ ଘର ଚତୁଃପାର୍ଶ୍ୱରେ ପାଣି ଜମା ହେବାକୁ ଦିଅନ୍ତୁନି। ଶରୀରକୁ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ। ମଶା ନିୟନ୍ତ୍ରଣ ପାଇଁ ମଶାରୀ ଟାଙ୍ଗି ଶୋଇବା ସହିତ କଏଲ, ଲିକ୍ୟୁଡି ଆଦି ବ୍ୟବହାର କରିପାରିବେ। ଯେଉଁ ସ୍ଥାନରେ ଭୂତାଣୁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେଠାକୁ ଯାଆନ୍ତୁନି। ଦୈନିକ ଶାରୀରିକ କାର୍ଯ୍ୟ କରିବା ଆବଶ୍ୟକ।

# ସାଇ ସ୍ୱରୂପଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ

## ଜାତୀୟ ଜୁନିଅର ଜଳକ୍ରୀଡ଼ା

ଭୁବନେଶ୍ୱର, ୭।୮ (ସମିସ): ଓଡ଼ିଶାର ଯୁବ ଓ ଉଦୀୟମାନ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁଙ୍କ ଦମ୍‌ଦାର ପ୍ରଦର୍ଶନ ଚଳିତ ୫୧ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ପ୍ରତିଯୋଗିତାରେ ଜାରି ରହିଛି। ଅହମ୍ମଦାବାଦରେ ଚାଲିଥିବା ଏହି ଜଳକ୍ରୀଡ଼ା ପ୍ରତିଯୋଗିତାରେ ସାଇ ସ୍ୱରୂପ କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। ଗୁରୁବାର ସେ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଦୂରତାକୁ ସାଇ ସ୍ୱରୂପ ଏକ ମିନିଟ୍ ୧୦.୬୧ ସେକେଣ୍ଡରେ



ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିପୂର୍ବରୁ ସେ ବୁଧବାର ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ସାଇ ସ୍ୱରୂପ କୌଣସି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏବେ ସେ ଏହି ଐତିହାସିକ ସଫଳତାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଯୋଡ଼ିଛନ୍ତି। ଚଳିତ ଜାତୀୟ ପ୍ରତିଯୋଗିତାରେ ସାଇ ସ୍ୱରୂପଙ୍କ ଏହା ୩ୟ ପଦକ ଥିଲା। ସେ ମଧ୍ୟ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ହାସଲ କରିଥିଲେ।

ସାଇଙ୍କ ଏହି କ୍ରମାଗତ ସଫଳତା ଲାଗି ତାଙ୍କ ନିକଟକୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ସାଇଙ୍କ ଘର କଟକ ବାରଙ୍ଗରେ ହୋଇଥିବାବେଳେ ତାଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ଓ ମାତା ରୁନୁ ସ୍ୱାଇଁ ଉଭୟ ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ରହିଛନ୍ତି। ବର୍ତ୍ତମାନ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-୧ରେ ଅଧ୍ୟୟନରତ। ଗତ ରାଜ୍ୟ ର୍‌ୟାଙ୍କିଙ୍ଗ ସନ୍ତରଣରେ ସାଇ ସ୍ୱରୂପ ୮ଟି ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ହାଇପରଫର୍‌ମାନ୍ସ ସେଣ୍ଟରରେ ସେ ବର୍ତ୍ତମାନ ପ୍ରଶିକ୍ଷଣ ନେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପଙ୍କ ପୂର୍ବରୁ ରାଜ୍ୟର ଏକମାତ୍ର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ସେଠ୍ ୧୯୯୧ରେ କୋଲକାତାରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ସନ୍ତରଣରେ କାଂସ୍ୟ ପଦକ ଜିତିଥିଲେ। ଓଡ଼ିଶାର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ଗତ ୩୪ ବର୍ଷ ଧରି ଏକମାତ୍ର ଜାତୀୟ ପଦକ ବିଜେତା ରହିଥିଲେ।

# ଆଶଙ୍କାରେ ଆଇଏସ୍‌ଏଲ୍; ସେପ୍ଟେମ୍ବରରେ ସୁପର କପ୍

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଆୟୋଜନ ଆଶଙ୍କାରେ। ଏ ସମ୍ପର୍କରେ ଆଇଏସ୍‌ଏଲରେ ସାମିଲ ଥିବା ୧୩ଟି ଯାକ ଫ୍ରାଞ୍ଚାଇଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ଆଜି ଅନୁଷ୍ଠିତ ବୈଠକରେ ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇ ପାରିଲାନି। ବର୍ଷ ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍ ଫୁଟବଲ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆୟୋଜିତ ହେବ ବୋଲି ଏଆଇଏଫ୍‌ଏଫ୍ ସଭାପତି ଚୌବେ କହିବା ପରେ ଆଇଏସ୍‌ଏଲ୍ ଚଳିତବର୍ଷ ଆଉ ହେବ ନାହିଁ ବୋଲି ସିଇଓ ମାନେ ବିଶ୍ୱାସ କରୁଛନ୍ତି। ଏହି ବୈଠକରେ ସମସ୍ତ ୧୩ଟି ଯାକ କ୍ଲବ୍ ଅଂଶଗ୍ରହଣ କରିଥିଲେ। ଚୌବେଙ୍କ ମତରେ ଆସନ୍ତା ସପ୍ତାହକ ମଧ୍ୟରେ ଏହି ବୈଠକ ଦ୍ୱିତୀୟଥର ଆୟୋଜିତ ହେବ। ଏହା ପରେ କିଛି ଗୋଟାଏ ସମାଧାନର ରାସ୍ତା ବାହାରିବ। ଆଇଏସ୍‌ଏଲ୍ ବାତିଲ କିମ୍ବା ସ୍ଥଗିତ ହେବ ନାହିଁ। ଏହା ବିଳମ୍ବରେ ହେବ ଓ ଫର୍ମାଟ ବଦଳିବ ବୋଲି ସେ କହିଛନ୍ତି। ଏହାର ଅର୍ଥ ଯଦି ବି ଏହି ମାର୍କମରା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ, ସେଥିଲାଗି ଅନେକ କସରତ କରିବାକୁ ପଡ଼ିବ। ଏଥିଲାଗି ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍‌କୁ ସିଜନ ଆରମ୍ଭରେ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍



ଯୋଜନା କରୁଛି। ଯାହା ଫଳରେ ଭାରତୀୟ ଖେଳାଳି, କ୍ଲବ୍ ଫିଟ୍ ରହି ପାରିବେ। ଅକ୍ଟୋବର ୯ ଓ ୧୦ରେ ଭାରତର ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ସିଙ୍ଗାପୁର ସହ ଅକ୍ଟୋବର ୯ ଓ ୧୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଏଆଇଏଫ୍‌ଏଫ୍ ସୁପର କପ୍ ଆଗୁଆ ଆୟୋଜନ କରୁଛି। ସୁପର କପ୍ ଶେଷ ହେଲା ବେଳକୁ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ।

ଏହା ମଧ୍ୟରେ ଆଇଏସ୍‌ଏଲର ଆୟୋଜକ ନୀତା ଅମ୍ବାନୀଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିଃ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଯେଉଁ ମାଷ୍ଟର ରାଇଟସ ରାଜିନାମା ହୋଇଥିଲା ତାହାର ଅବଧି ଡିସେମ୍ବର ୮ରେ ଶେଷ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ରାଜିନାମାର ନବୀକରଣ ଲାଗି ନୀତାଙ୍କ କମ୍ପାନୀ ପକ୍ଷରୁ କୌଣସି ଆଗ୍ରହ ପ୍ରକାଶ ପାଉନାହିଁ। ବିଶେଷ କରି ଏଫ୍‌ଏସ୍‌ଡିଏଲ୍ ସହ ଥିବା କମ୍ପାନୀଗୁଡିକ ଆଉ ନବୀକରଣ କରିବାକୁ ଚାହିଁନାହାନ୍ତି। ସେମାନେ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯେତିକି ଅର୍ଥ ଦେଉଛନ୍ତି ତାହା ଫେରୁ ନାହିଁ। ଭାରତରେ ଆଇଏସ୍‌ଏଲର ଲୋକପ୍ରିୟତା ହେଲା ନାହିଁ କିମ୍ବା ଦର୍ଶକ ଏହାକୁ ବିଶେଷ ଦେଖୁନାହାନ୍ତି। ଏଣୁ ବିଜ୍ଞାପନଦାତା ମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ଏଆଇଏଫ୍‌ଏଫ୍ ଏତେ ବଡ଼ ବଜେଟର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବା ସମ୍ଭବ ନୁହେଁ। ସଭାପତି ଚୌବେ ବାରମ୍ବାର ଏ ସମ୍ପର୍କରେ ଆୟୋଜକଙ୍କ ସହ ଆଲୋଚନା କରି ବିଫଳ ହୋଇସାରିଲେଣି। ସେ ବିକଳ୍ପ ଆୟୋଜନ ସନ୍ଧାନରେ ଥାଇ ବିଫଳ ହୋଇଛନ୍ତି। ଏଣୁ ଏହାର ଆୟୋଜନ ହେବା ସମ୍ଭବ ନୁହେଁ ବୋଲି ଟିମ୍ ଗୁଡିକର ସିଇଓଙ୍କର ଉପଲବ୍ଧ ହୋଇଛି।

ଏହା ମଧ୍ୟରେ ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ତାହାର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଚୁକ୍ତିନାମାକୁ ଚଳିତବର୍ଷ ବାତିଲ କରିଛନ୍ତି। ସେମାନେ ଚାହିଁଲେ ଚଳିତବର୍ଷ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା କ୍ଲବ୍ ପକ୍ଷରୁ ଖେଳିପାରିବେ। ଏହାର ଅର୍ଥ ଏହି ୩ଟି ଆଇଏସ୍‌ଏଲ କ୍ଲବ୍ ଯେତେବେଳେ ପ୍ରସ୍ତୁତି ଜୋରଦାର କରିବା କଥା, ସେତେବେଳେ କ୍ଲବ୍‌କୁ ଭାଙ୍ଗିଦେଇଛନ୍ତି। ଏହା ଫଳରେ ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। କ୍ଲବ୍ ଗୁଡିକୁ ଆଶ୍ୱାସନା ଦେବା ଓ ଭାରତୀୟ ଖେଳାଳିମାନଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ଲାଗି ଫିଟ ରଖିବା ସକାଶେ ସୁପର କପ୍ ଆଗୁଆ କରିବାକୁ ଏଆଇଏଫ୍‌ଏଫ୍ ପକ୍ଷରୁ ଯୋଜନା କରାଯାଇଛି। କିନ୍ତୁ ଆଇଏସ୍‌ଏଲ୍ ଆୟୋଜନ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇପାରିନାହିଁ।

■ ୪ ବର୍ଷର ବାସନ୍ଦ ଶେଷ ପରେ

## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଲେ ଟେଲର୍

ହରାରେ, ୭।୮ (ଏଜେନ୍ସି): ଦୀର୍ଘ ୪ ବର୍ଷର ବାସନ୍ଦ ପରେ ଜିମ୍ବାୱେର ଷ୍ଟାର କ୍ରିକେଟର ବ୍ରେଣ୍ଡାନ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଛନ୍ତି। ଆଜି ଏଠାରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ସେ ଜିମ୍ବାୱେ ପକ୍ଷରୁ ଖେଳିଥିଲେ। ଜିମ୍ବାୱେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୧୨୫ରେ ଅଲଆଉଟ ହୋଇଥିଲାବେଳେ ଇନିଂସ ଓପନ କରିଥିବା ଟେଲର ସର୍ବାଧିକ



୪୪ ରନ୍ କରିଥିଲେ। ୱିକେଟରକ୍ଷକ ତାଫଜୱା ସିଗା ୩୩ ରନ୍ କରିଥିଲେ। ପତିପକ୍ଷ ଦଳର ମ୍ୟାଟ୍ ହେନରୀ ୫ଟି ଓ ୨୩ ବର୍ଷୀୟ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଜାକାରୀ ଫୋକ୍ସ ୪ଟି ୱିକେଟ ପାଇଥିଲେ। ଜବାବରେ ପ୍ରଥମ ଦିନ ଷ୍ଟମ୍ପ୍‌ସ ସୁଦ୍ଧା ନ୍ୟୁଜିଲାଣ୍ଡ ୧ ୱିକେଟ୍ ବିନିମୟରେ ୧୭୪ ରନ୍ କରିନେଇଛି। ଏହି ସମୟରେ ଡେଭନ କନୱେ ୭୯ ଓ ଜ୍ୟାକବ୍ ଡଫି ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ୱିଲ ୟଙ୍ଗ୍ ୭୪ ରନ୍ କରି ଆଉଟ୍ ହୋଇଛନ୍ତି। ସୂଚନାଯୋଗ୍ୟ ୪ ବର୍ଷ ପୂର୍ବେ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେର ଟେଲର ଜଣେ ଭାରତୀୟ ବୁକିଙ୍କଠାରୁ ୧୫,୦୦୦ ଡଲାର ଲାଞ୍ଚ ନେଇ ଧରାପଡ଼ିଥିଲେ। ଫଳରେ ତାଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୪ ବର୍ଷ ଲାଗି ଆଇସିସି ବାସନ୍ଦ କରିଥିଲା।

## ଫିଫା ର୍‌ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟବଲ ଦଳର ର୍‌ୟାଙ୍କିଙ୍ଗ ଶ୍ରେଷ୍ଠ ହୋଇଛି। ସର୍ବଶେଷ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନ ୬୩ରେ ପହଞ୍ଚିଛି। ପୂର୍ବରୁ ୨୦୨୩ ଅଗଷ୍ଟ ୨୧ରେ ଭାରତ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୬୧ତମ ସ୍ଥାନରେ ଥିଲା। ନିକଟରେ ନିଜଠାରୁ ଉନ୍ନତ ର୍‌ୟାଙ୍କିଙ୍ଗ୍ ଦଳ ଥାଇଲାଣ୍ଡକୁ ପରାସ୍ତ କରି ଏଏଫ୍‌ସି ମହିଳା ଏସିଆ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପରେ ଭାରତର ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ହୋଇଛି।

## ପ୍ରଥମ ଟି-୨୦ରେ ହାରିଲେ ଭାରତୀୟ ମହିଳା

ମ୍ୟାକୟ, ୭।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଆସିଥିବା ଭାରତୀୟ ମହିଳା-ଏ’ କ୍ରିକେଟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏଠାରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲି-ଏ’ ୧୩ ରନ୍‌ରେ ଭାରତ-ଏ’କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୩୭ ରନ୍ କରିଥିଲା। ଏହା କମ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ-ଏ’ ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟରେ ୧୨୪ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରେମା ରାୱତ ୩ଟି ୱିକେଟ ନେଇଥିଲାବେଳେ ଉମା ଛେତ୍ରୀ ୩୧ ଓ ରାଘବୀ ବିସ୍ତ ୩୩ ରନ୍ କରିଥିଲେ। ଶେଫାଳି ବର୍ମା ୩ ରନ୍‌ରେ ଆଉଟ ହୋଇଥିଲେ। ଏହି ଗସ୍ତରେ ଭାରତ-ଏ’ ୩ଟି ଟି-୨୦, ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ୍ ଓ ଗୋଟିଏ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

## ‘ବାଲନ୍ ଡି ଓର୍’ ପୁରସ୍କାର ଦୌଡ଼ରେ ସ୍ଥାନ ପାଇଲେନି ମେସି, ରୋନାଲ୍ଡୋ

ପ୍ୟାରିସ, ୭।୮ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ପୁରସ୍କାର ‘ବାଲନ୍ ଡି ଓର୍’ ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ମନୋନୀତ ୩୦ ଜଣିଆ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ଦୁଇ କିମ୍ବଦନ୍ତୀ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ୍ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋଙ୍କ ନାମ ପାଇନାହିଁ। ଫ୍ରାନ୍ସ ତାରକା କିଲିଆନ୍ ଏମ୍‌ବାପ୍ପେ ଓ ଓଉସମାନେ ଡେମ୍ବେଲଙ୍କ ସମେତ ଇଜିପ୍ଟର ମହମ୍ମଦ ସାଲାହ ପ୍ରମୁଖ ଏହି ତାଲିକାରେ ରହିଛନ୍ତି। ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ର ଫରୱାର୍ଡ ଡେମ୍ବେଲ ଏଥର ‘ବାଲନ୍ ଡି ଓର୍’ ପୁରସ୍କାର ଜିତିବା ଲାଗି ପ୍ରମୁଖ ଦାବିଦାର୍ ରହିଛନ୍ତି। ସେ ଉଭୟ ଦେଶ ଓ କ୍ଲବ ପାଇଁ ୩୬ ଗୋଲ୍ ଦେଇଥିବାବେଳେ ୧୩ରେ ସହାୟତା କରିଥିଲେ। ପ୍ରକାଶଯୋଗ୍ୟ, ମେସି ଓ ରୋନାଲ୍ଡୋ ମିଳିତ ଭାବେ ୧୩ଥର ଏହି ପୁରସ୍କାର ଜିତିଛନ୍ତି। ଯେଉଁଥିରେ ମେସି ରେକର୍ଡ ୮ ଥର ଓ ରୋନାଲ୍ଡୋ ୫ଥର ବାଲନ୍ ଡି ଓର୍ ଟ୍ରଫି ହାସଲ କରିଛନ୍ତି।

## ଗିଲ୍‌ଙ୍କୁ ଉତ୍ତରାଞ୍ଚଳ, ଜୁରେଲଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ




ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି। ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ୍ ଟ୍ରଫି ଲାଗି ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ବ୍ୟତୀତ ଉତ୍ତରାଞ୍ଚଳ ଦଳରେ ଅନେକ ତାରକା ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆୟୁଷ ବଦୋନୀ ପ୍ରମୁଖ ରହିଛନ୍ତି। କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳର ମୁକାବିଲା ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ହେବ। ସେହିଭଳି ଗୁରୁବାର କେନ୍ଦ୍ରାଞ୍ଚଳ ଦଳ ମଧ୍ୟ ଘୋଷଣା କରାଯାଇଛି। ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଦଳରେ ଆଇପିଏଲ୍ ଟ୍ରଫି ବିଜୟୀ ଅଧିନାୟକ ରଜତ ପଟିଦାର, କୁଲଦୀପ୍ ଯାଦବ, ଆଦିତ୍ୟ ଥାକରେ, ଦୀପକ ଚହର, ଖଲିଲ ଅହମ୍ମଦଙ୍କ ଭଳି ତାରକା ଖେଳାଳି ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୁଲୀପ୍ ଟ୍ରଫି ସହ ବିସିସିଆଇର ୨୦୨୫-୨୬ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବ। ଏଥର ୬ ଦଳୀୟ ଜୋନାଲ୍ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି। ସେହିଭଳି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୮ରୁ ଆରମ୍ଭ ହେବ। ଦୁଇ କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳକୁ ଭେଟିବେ।

## ବିଏଫ୍‌ଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଲଭ୍‌ଲିନା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ମଲିକ ତାଙ୍କ ପ୍ରତି ଭେଦଭାବ ଓ ଅପମାନଜନକ ଆଚରଣ ପ୍ରଦର୍ଶନ କରିଥିବା ନେଇ ଲଭ୍‌ଲିନା ଅଭିଯୋଗ କରିଛନ୍ତି। ଦୁଇ ପୃଷ୍ଠା ସମ୍ବଳିତ ଏହି ଅଭିଯୋଗ ପତ୍ରକୁ ଲଭଲିନା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ, ସାଇ ନିର୍ଦ୍ଦେଶକ ହରି ରଞ୍ଜନ ରାଓ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଅଫିସିଆଲ୍ ଓ ବିଏଫ୍‌ଆଇ ନିକଟକୁ ପଠାଇଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ଜୁଲାଇ ୮ରେ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଜୁମ୍ ବୈଠକରେ ଏହି ଅଘଟଣ ଘଟିଥିଲା। ଏହି ବୈଠକରେ ଲଭଲିନା ଅନୁରୋଧ କରିଥିଲେ ଯେ ତାଙ୍କର ଆଗାମୀ ୟୁରୋପ ପ୍ରଶିକ୍ଷଣ ଲାଗି ପ୍ରଣମିକା ବୋରୋଙ୍କୁ ସେ ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ନେବାକୁ ଚାହୁଁଛନ୍ତି। ଏଥିଲାଗି ତାଙ୍କୁ ଅନୁମତି ଦିଆଯାଉ। କିନ୍ତୁ ଏହି ସମୟରେ ଅରୁଣ ମଲିକ ତାଙ୍କୁ ଅପମାନିତ କରି କହିଥିଲେ, ‘ଚୁପ୍ ରୁହ ଆମେ ଯାହା କହୁଛୁ ମୁଣ୍ଡ ତଳକୁ କରି ତାହାକୁ ଶୁଣ’। ଲଭଲିନା ଅଭିଯୋଗ ପତ୍ରରେ ଏହା ଦର୍ଶାଇଛନ୍ତି।

## ଜାଭେଲିନ୍ ଦିବସ ପାଳିଲା ଓଡ଼ିଶା



କଟକ, ୭।୮ (ସମିସ): ଭାରତର ନୀରଜ ଚୋପ୍ରା ଅଗଷ୍ଟ ୭ ତାରିଖରେ ଅଲିମ୍ପିକ୍ସରେ ଜାଭେଲିନ୍‌ରେ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଭାରତ ଲାଗି ଥିଲା ବିରଳ। ଯାହା ଫଳରେ ନୀରଜଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟ ପରଠାରୁ ଭାରତରେ ଅଗଷ୍ଟ ୭କୁ ଜାଭେଲିନ୍ ଦିବସ ଭାବେ ପାଳନ କରାଯାଇଆସୁଛି। ଓଡ଼ିଶାରେ ମଧ୍ୟ ଏହି ଦିବସ ଆଜି ଓଡ଼ିଶା ଆଥଲେଟିକ୍ ସଂଘ ପାଳନ କରିଥିଲା। ଏଥିଲାଗି ସମଗ୍ର ଓଡ଼ିଶାରୁ ୬୦ଜଣ ଜାଭେଲିନ୍ ଫିଙ୍ଗାଳି ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଥଲେଟିକ୍ସ କୋଚ୍ ଚିତ୍ତରଞ୍ଜନ ମହାପାତ୍ର ଓ ଶୈଳେନ୍ଦ୍ର ପ୍ରସନ୍ନ ବର୍ମା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭବାନୀ ଶଙ୍କର ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିଲାବେଳେ ଅନେକ ଆଥଲେଟ ଓ କୋଚ୍ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ୨୦୨୧ ଅଗଷ୍ଟ ୭ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

### ଟେନିସ୍ ଇତିହାସରେ ରେକର୍ଡ ପୁରସ୍କାର ରାଶି

## ୟୁଏସ୍ ଓପନ୍ ଚାମ୍ପିଅନଙ୍କୁ ମିଳିବ ୪୩.୭୫ କୋଟି

ନ୍ୟୁୟର୍କ, ୭।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ୟୁଏସ୍ ଓପନ୍‌ର ଏହା ହେବ ୧୪୫ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ଲାଗି ଆୟୋଜକ ୟୁଏସ୍ ଟେନିସ ସଂଘ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏଥର ୟୁଏସ୍ ଓପନ୍‌ରେ ମୋଟ୍ ପୁରସ୍କାର ରାଶି ୯୦ ମିଲିୟନ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୭ ଶହ ୮୭ କୋଟି ୩୧ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ୬ ଶହ ୫୬ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯାଇଥିଲା। ବିଶ୍ୱ ଟେନିସରେ ଆୟୋଜନ କରାଯାଉଥିବା ଯେକୌଣସି ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ




ପୁରସ୍କାର ରାଶି ହୋଇଛି। ଯଦି ଗତ ମାସରେ ଅନୁଷ୍ଠିତ ହୋଇଥିବା ୱିମ୍ବଲଡନ ଉପରେ ନଜର ପକାଇବା ତେବେ ସେହି ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ୭୩ ମିଲିୟନ ଡଲାର (୬ ଶହ ୩୮ କୋଟି ୫୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଏଥର ୟୁଏସ୍ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ଆଖିଦୃଶିଆ ରାଶି ମିଳିବ। ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଜେତା ଏଥର ୫ ମିଲିୟନ ଡଲାର ତଥା ୪୩ କୋଟି ୭୫ ଲକ୍ଷ ଟଙ୍କା ସାଙ୍ଗରେ ନେଇ ଘରକୁ ଯିବେ। ୨୦୨୪ରେ ୟୁଏସ୍ ଓପନ୍ ବିଜେତାକୁ ୩୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅର୍ଥାତ୍ ଚଳିତ ବର୍ଷ ଏହି ରାଶିରେ ୩୯ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିଭଳି ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବେ ସେ ୯୬ ଲକ୍ଷ ଟଙ୍କା ପାଇବେ।

## ଜୁନିଅର ମହିଳା ହକି କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୭।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି’ରେ ସ୍ଥାନ ପାଇଥିବା ଓଡ଼ିଶା ୨ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ମହାରାଷ୍ଟ୍ର (୬) ପଛକୁ ୨ୟ ସ୍ଥାନରେ ରହିଥିଲା। ମହାରାଷ୍ଟ୍ର ଏହାର ଶେଷ ପୁଲ୍ ମୁକାବିଲାରେ ଗୁରୁବାର ଆନ୍ଧ୍ର ପ୍ରଦେଶକୁ ୫-୧ ଗୋଲ୍‌ରେ ହରାଇବା ପରେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଖେଳିବା ସ୍ପଷ୍ଟ ହୋଇଥିଲା। ଶନିବାର କ୍ୱାର୍ଟର ଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶାର ମୁକାବିଲା ଶକ୍ତିଶାଳୀ ହରିୟାଣା ସହ ହେବ। ପୁଲ୍-ସି’ରେ ହରିୟାଣା ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଅନ୍ୟ ୩ଟି କ୍ୱାର୍ଟରରେ ମହାରାଷ୍ଟ-ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ-ଛତିଶଗଡ଼ ଏବଂ ଝାଡ଼ଖଣ୍ଡ-ପଞ୍ଜାବ ସାମ୍ନାସାମ୍ନି ହେବେ।

## ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଆରମ୍ଭ



ଭୁବନେଶ୍ୱର, ୭।୮ (ସମିସ): ସ୍ଥାନୀୟ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଗୁରୁବାର ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ସିବିଏସ୍‌ଇ ରିଜିଅନର ୧୧୫ ସ୍କୁଲର ହଜାରେରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିବିଏସ୍‌ଇର ପର୍ଯ୍ୟବେକ୍ଷକ ସୋନୁ କାମାତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ୍ ସଞ୍ଜୟ ସୁଆର, ଅଧକ୍ଷା ଡ. ମୋନାଲିସା ବଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଫିସଆଲ୍‌ଙ୍କୁ ଏହି ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS